ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ



ପୃଷ୍ଠା- ୪ ୦ ୫

ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
29 YEARS
e-paper www.sambadkalika.in
ସମ୍ବାଦ କଳିକା TM
The Sambad Kalika
E-mail : sambadkalikanews@gmail.com
ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper
NS-EN ISO 9001:2008
ଆଠ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages, ₹2.00

● ବର୍ଷ-୩୦ ● ସଂଖ୍ୟା-୩୪୨ ● ୧୧ ଜାନୁଆରୀ ୨୦୨୪, ଗୁରୁବାର ● ଭୁବନେଶ୍ୱର ● Vol -30 ● Issue-342 ● 11st January 2024, Thursday ● Bhubaneswar | Licensed to post without pre-payment of postage No- BN-60/22-24

## ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ଏବଂ ଉଚ୍ଚ ଶିକ୍ଷା ବିଭାଗରେ

# ୫୧୨ ବୃତ୍ତିଧାରୀଙ୍କୁ ନିଯୁକ୍ତିପତ୍ର ପ୍ରଦାନ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୦।୧

ନ୍ୟୁଜ୍ ବ୍ୟୁରୋ

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୁଧବାର ୫୧୨ ନୂଆ ସହକାରୀ ପ୍ରଫେସର, ସହକାରୀ ଟ୍ରେନିଂ ଅଫିସର, କନିଷ୍ଠ ସହକାରୀ ଅଧିକାରୀଙ୍କୁ ନିଯୁକ୍ତିପତ୍ର ପ୍ରଦାନ କରିଛନ୍ତି । ଏମାନଙ୍କ ମଧ୍ୟରେ ଉଚ୍ଚଶିକ୍ଷା ବିଭାଗରେ ୧୫୮ ଜଣ ସହକାରୀ ପ୍ରଫେସରଙ୍କୁ ନିଯୁକ୍ତି ମିଳିଥିବା ବେଳେ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗରେ ୧୯୪ ଜଣ ସହକାରୀ ଟ୍ରେନିଂ ଅଫିସର, ୧୫୦ ଜଣ କନିଷ୍ଠ ସହାୟକଙ୍କୁ ନିଯୁକ୍ତି ଦିଆଯାଇଛି । ଲୋକସେବା ଭବନର କନ୍‌ଭେନ୍‌ସନ ହଲ୍‌ରେ ଆୟୋଜିତ ନିଯୁକ୍ତି ପର୍ବ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ନବନିଯୁକ୍ତ ପ୍ରଫେସରମାନଙ୍କୁ ଶୁଭେଚ୍ଛା ଜଣାଇବା ସହ ଏଭଳି ଏକ ବୃତ୍ତିକୁ ଆପଣାଇବା ଓ ଯୁବପିଢ଼ିଙ୍କୁ ଦକ୍ଷକରି ଗଢ଼ିତୋଳିବା ପାଇଁ ବ୍ରତୀ ହୋଇଥିବାରୁ ସେମାନଙ୍କୁ ଧନ୍ୟବାଦ ଜଣାଇଛନ୍ତି ।




ଗତ କିଛି ବର୍ଷ ମଧ୍ୟରେ ଉଭୟ ସରକାରୀ ଏବଂ ଅଣ-ସରକାରୀ ସହାୟକ ମହାବିଦ୍ୟାଳୟ ପାଇଁ ରେକର୍ଡ ସଂଖ୍ୟକ ଶିକ୍ଷକ ଏବଂ ଅଣ-ଶିକ୍ଷକ କର୍ମଚାରୀ (୪୯୪୧) ନିଯୁକ୍ତ ହୋଇଛନ୍ତି । ସରକାରୀ ଭାବେ ଡିଗ୍ରୀ କଲେଜରେ ୫୫୬ ସହକାରୀ ପ୍ରଫେସରଙ୍କୁ ଏହି ସମୟ ମଧ୍ୟରେ ନିଯୁକ୍ତି ଦିଆଯାଇଛି । ସେହିପରି ଶିକ୍ଷକ ଓ ଶିକ୍ଷା ତାଲିମ ପ୍ରତିଷ୍ଠାନରେ ନିଯୁକ୍ତ ୩୩୨ ସହକାରୀ (ପୃଷ୍ଠା ୭ରେ)

## କେନ୍ଦ୍ରମନ୍ତ୍ରୀଙ୍କୁ ପାଣ୍ଡିଆନଙ୍କ ଜବାବ

# 'ନିର୍ବାଚନ ଇସ୍ତାହାରରେ ବିଏସ୍‌କେୱାଇ ବନ୍ଦ କରିବେ ବୋଲି ଲେଖନ୍ତୁ'

ଭୁବନେଶ୍ୱର, ୧୦।୧

ନ୍ୟୁଜ୍ ବ୍ୟୁରୋ



ରାଜ୍ୟର ସବୁଠୁ ବଡ ଯୋଜନା ବିଏସକେୱାଇକୁ ନେଇ ସମ୍ବଲପୁରରେ କେନ୍ଦ୍ରମନ୍ତ୍ରୀ ଉଠାଇଥିବା ପ୍ରଶ୍ନର ଜବାବ ଦେଇଛନ୍ତି ଭି.କେ ପାଣ୍ଡିଆନ । ନୟାଗଡ଼ ଜିଲ୍ଲାର ରଣପୁରଠାରେ ଆୟୋଜିତ ସଭାରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ୫-ଟି ଅଧ୍ୟକ୍ଷ ଶ୍ରୀ ପାଣ୍ଡିଆନ ବଡ଼ ଆହ୍ୱାନ ମଧ୍ୟ ଦେଇଛନ୍ତି । ରାଜ୍ୟ ସରକାରଙ୍କ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ କାର୍ଡକୁ କ୍ୟାବିନେଟ ପାହ୍ୟାର କେନ୍ଦ୍ରମନ୍ତ୍ରୀ ଅର୍ଥାତ ଧର୍ମେନ୍ଦ୍ର ପ୍ରଧାନ ବରାବର ନିନ୍ଦା ଓ ସମାଲୋଚନା କରିଆସୁଛନ୍ତି । ସମ୍ବଲପୁରରେ ଏକ ସଭାରେ କେନ୍ଦ୍ରମନ୍ତ୍ରୀ ବିଏସକେୱାଇ ସମ୍ପର୍କରେ ଦେଇଥିବା ମନ୍ତବ୍ୟକୁ ଉଦ୍ଧାର କରିଥିଲେ ଶ୍ରୀ ପାଣ୍ଡିଆନ । ବିଏସକେୱାଇ ଏକ ପ୍ରହସନ । ବିଏସକେୱାଇ କାର୍ଡ କିଛି କାମରେ ଆସୁନାହିଁ, ଏହାକୁ ନେଇ ଲୋକେ ହଇରାଣ ହେଉଛନ୍ତି । ଏଭଳି ଯୋଜନା ଓଡିଶାବାସୀଙ୍କ ପାଇଁ ଦରକାର ନାହିଁ ବୋଲି କେନ୍ଦ୍ରମନ୍ତ୍ରୀ ସଭାରେ କହିଥିଲେ ।

କେନ୍ଦ୍ରମନ୍ତ୍ରୀଙ୍କ ଏହି ବକ୍ତବ୍ୟକୁ ନେଇ ଶ୍ରୀ ପାଣ୍ଡିଆନ ଉତ୍ତର ରଖିବା ସହ ନମ୍ରତାର ସହ ଏକ ଚାଲେଞ୍ଜ ମଧ୍ୟ କରିଛନ୍ତି । ଯଦି ଏହି ଯୋଜନା ଏତେ ଖରାପ ତେବେ କେନ୍ଦ୍ରମନ୍ତ୍ରୀ ତାଙ୍କ ଦଳ ଆଗାମୀ ନିର୍ବାଚନ ପୂର୍ବରୁ ପ୍ରକାଶ ହେବାକୁ ଥିବା ଦଳୀୟ ନିର୍ବାଚନୀ ଇସ୍ତାହାରରେ ବିଏସକେୱାଇକୁ ବନ୍ଦ କରିବା ଲାଗି ଘୋଷଣା କରନ୍ତୁ । ଇସ୍ତାହାରର ପ୍ରଥମ ପଏଣ୍ଟରେ ଲେଖନ୍ତୁ ଯେ, ରାଜ୍ୟରେ ବିଜେପି ସରକାରକୁ ଆସିଲେ ବିଏସକେୱାଇ ଯୋଜନାକୁ ବନ୍ଦ କରିବେ ।

ବିଏସକେୱାଇକୁ ନିନ୍ଦା ପ୍ରସଂଗରେ କେନ୍ଦ୍ରମନ୍ତ୍ରୀଙ୍କୁ ଆହ୍ୱାନ ଦେଇ ଶ୍ରୀ ପାଣ୍ଡିଆନ ବିଏସକେୱାଇ କାର୍ଡର ଉପଯୋଗିତା ବିଷୟରେ ବଖାଣିଥିଲେ । ବିଏସକେୱାଇ ମାଧ୍ୟମରେ ଗରିବ ଲୋକଙ୍କୁ ମୁଖ୍ୟମନ୍ତ୍ରୀ ସ୍ୱାସ୍ଥ୍ୟ ସୁରକ୍ଷା ଦେଇଛନ୍ତି । ଏହି ଯୋଜନା ଦ୍ୱାରା ବଡ଼ ବଡ଼ ହସ୍ପିଟାଲରେ ଗରିବ ଲୋକଙ୍କୁ ଚିକିତ୍ସା ସୁବିଧା ମିଳୁଛି । ଏହା କାହିଁକି ଆପଣଙ୍କ ଦେହରେ ଯାଉନି ଓ ଆପଣ କାହିଁକି ଏତେ ରାଗୁଛନ୍ତି ବୋଲି ଶ୍ରୀ ପାଣ୍ଡିଆନ କେନ୍ଦ୍ରମନ୍ତ୍ରୀଙ୍କୁ ପଚାରିଛନ୍ତି । କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ନାମ ନନେଇ ଶ୍ରୀ ପାଣ୍ଡିଆନ୍ କହିଥିଲେ ।ପ୍ରକୃତ ନିଦରେ ଶୋଇଥିବା (ପୃଷ୍ଠା ୭ରେ)

## କୋଟିପତି ଏମ୍‌ଭିଆଇ ଗିରଫ, ଆୟଠାରୁ ୨୯୩ ପ୍ରତିଶତ ଅଧିକ ସମ୍ପତ୍ତି ଠାବ



ନୟାଗଡ, ୧୦।୧

ନ୍ୟୁଜ୍ ବ୍ୟୁରୋ

ରାଜ୍ୟରେ ପୁଣି ଜଣେ କୋଟିପତିଙ୍କୁ ଗିରଫ କରିଛି ଭିଜିଲାନ୍ସ ବିଭାଗ । ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ନୟାଗଡ଼ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟର ଏମ୍‌ଭିଆଇ ପଞ୍ଚାନନ ବେହେରା ବୁଧବାର ଗିରଫ ହୋଇଛନ୍ତି ।

ସୂଚନାଯୋଗ୍ୟ, ମଙ୍ଗଳବାର ଏକକାଳୀନ ତାଙ୍କର ୭ଟି ଘର ଉପରେ ଚଢ଼ଉ ଚାଲିଥିଲା । ଭୁବନେଶ୍ୱର ଭିଜିଲାନ୍ସ କୋର୍ଟର ସ୍ୱତନ୍ତ୍ର ବିଚାରପତିଙ୍କ ନିର୍ଦ୍ଦେଶରେ ଚଢଉ କରାଯାଇଥିଲା । ଏନେଇ ଭିଜିଲାନ୍ସ କୋର୍ଟ ପକ୍ଷରୁ ୱାରେଣ୍ଟି (ପୃଷ୍ଠା ୭ରେ)

TATA MOTORS
Light Commercial Vehicles Dealers
24 hours help line :
Sales : 7873770000

# ଅପରିବର୍ତ୍ତିତ ରହିବ ଲୋକସଭା ନିର୍ବାଚନରେ ପ୍ରାର୍ଥୀଙ୍କ ଖର୍ଚ୍ଚ ସୀମା !

ନୂଆଦିଲ୍ଲୀ, ୧୦।୧

ଓଡ଼ିଶାରେ ୨୦୨୪ର ଲୋକସଭା ନିର୍ବାଚନରେ ପ୍ରାର୍ଥୀମାନେ ୯୫ ଲକ୍ଷ ଟଙ୍କା ଖର୍ଚ୍ଚ କରିପାରିବେ । ଜାନୁଆରୀ ୨୦୨୨ରେ ଭାରତୀୟ ନିର୍ବାଚନ ଆୟୋଗଙ୍କ ଦ୍ୱାରା ଲୋକସଭା ପ୍ରାର୍ଥୀଙ୍କ ନିର୍ବାଚନ ଖର୍ଚ୍ଚ ସୀମା ୯୫ ଲକ୍ଷ ଟଙ୍କାକୁ ବଢାଇବାର ସୁପାରିଶକୁ କେନ୍ଦ୍ର ଆଇନ ମନ୍ତ୍ରଣାଳୟ ଦ୍ୱାରା ଗ୍ରହଣ କରାଯାଇଥିଲା । ଖର୍ଚ୍ଚ ମୁଦ୍ରାସ୍ଫୀତି ସୁଚକାଙ୍କ ବଢିବା ସହ ନିର୍ବାଚନ ମଣ୍ଡଳୀର ଭୋଟର ସଂଖ୍ୟାରେ ବୃଦ୍ଧି ଘଟିବା ତଥା ଭର୍ଚ୍ଚୁଆଲ ପ୍ରଚାର ବୃଦ୍ଧି ପାଇବା ଦୃଷ୍ଟିରୁ ପ୍ରାର୍ଥୀଙ୍କ ନିର୍ବାଚନ ଖର୍ଚ୍ଚ ସୀମା ବଢାଇବା ଜରୁରୀ ହୋଇପଡିଥିଲା । ଚଳିତ ବର୍ଷ ହେବାକୁ ଥିବା ସାଧାରଣ ନିର୍ବାଚନରେ ଧାର୍ଯ୍ୟ କରାଯାଇଥିବା ଖର୍ଚ୍ଚ ସୀମା ୯୫ ଲକ୍ଷ ଟଙ୍କା ବଳବତ୍ତର ରହିବ ବୋଲି ଜଣାପଡିଛି ।




ଭାରତୀୟ ନିର୍ବାଚନ ଆୟୋଗଙ୍କ ତଥ୍ୟ ଅନୁସାରେ ଦେଶ ସ୍ୱାଧୀନତା ପରେ ଆୟୋଗ ପ୍ରାର୍ଥୀଙ୍କର ସଂସଦୀୟ (ପୃଷ୍ଠା ୭ରେ)

# ସମସ୍ତଙ୍କୁ ମିଳିବ ନବୀନ କାର୍ଡ, ନଥିଲେ ତୁରନ୍ତ ଆବେଦନ କରନ୍ତୁ: ୫-ଟି ଅଧ୍ୟକ୍ଷ

ବାଣପୁର, ୧୦।୧

ନ୍ୟୁଜ୍ ବ୍ୟୁରୋ

ଗାଁରେ ୧୫ ପ୍ରତିଶତ ଲୋକଙ୍କ ପାଖରେ ସ୍ୱାସ୍ଥ୍ୟ ସେବା ପାଇଁ ବିଜୁ ସ୍ୱାସ୍ଥ୍ୟ କାର୍ଡ ନାହିଁ । ଏହି କଥାକୁ ମୁଖ୍ୟମନ୍ତ୍ରୀ ଅନୁଭବ କରିଛନ୍ତି । ଯେଉଁମାନଙ୍କ ପାଖରେ ବିଏସକେୱାଇ କାର୍ଡ ନାହିଁ ସେମାନଙ୍କୁ ମଧ୍ୟ ଆଗାମୀ ଦିନରେ କାର୍ଡ ଯୋଗାଇ ଦିଆଯିବ । ଏହା ସହିତ ବାର୍ଦ୍ଧକ୍ୟ ଭତ୍ତା, ଅଙ୍ଗନୱାଡି, ଆଶାଦିଦିଙ୍କ ଦରମା ବୃଦ୍ଧି ନେଇ ଖୁବଶୀଘ୍ର ସରକାର ଖୁସି ଖବର ଦେବେ ବୋଲି ୫-ଟି ଅଧ୍ୟକ୍ଷ ଭି.କେ. ପାଣ୍ଡିଆନ ପ୍ରକାଶ କରିଛନ୍ତି ।

ଗ୍ରାମାଞ୍ଚଳରେ ଯେଉଁମାନଙ୍କ ପାଖରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା କାର୍ଡ ନାହିଁ ସେମାନଙ୍କୁ ମଧ୍ୟ ସରକାର କାର୍ଡ ଯୋଗାଇ ଦେବେ । ଯେଉଁମାନଙ୍କ ପାଖରେ କାର୍ଡ ନାହିଁ ସେମାନେ ଏଥିପାଇଁ ଆବେଦନ କରିପାରିବେ । ଏନେଇ ମୁଖ୍ୟମନ୍ତ୍ରୀ ନିଷ୍ପତ୍ତି ନେଇଛନ୍ତି । ମୁଖ୍ୟମନ୍ତ୍ରୀ ସମସ୍ତଙ୍କୁ କାର୍ଡ ମିଳୁ ବୋଲି ଚାହୁଁଛନ୍ତି । ଯେଉଁମାନଙ୍କ ପାଖରେ ଏହି କାର୍ଡ ନାହିଁ ସେମାନେ ୧୬ ତାରିଖ ସୁଦ୍ଧା ଏଥିପାଇଁ ଆବେଦନ କରିପାରିବେ ବୋଲି ଶ୍ରୀ ପାଣ୍ଡିଆନ କହିଛନ୍ତି ।




ପ୍ରତି ପଞ୍ଚାୟତରୁ ଲକ୍ଷ୍ମୀ ବସ ଯୋଜନା କ୍ରମରେ ବାଣପୁରରେ ଖୁବ୍‌ଶୀଘ୍ର ଏହି ବସ ଗଡିବ ବୋଲି ସେ କହିଛନ୍ତି । ଏହି ଯୋଜନାରେ ମହିଳା ଓ ଛାତ୍ରଛାତ୍ରୀ ମାତ୍ର ୫ ଟଙ୍କାରେ ବସରେ ଯାତ୍ରା କରିପାରିବେ । ସେହପରି ଗ୍ରାମାଞ୍ଚଳରେ ବ୍ୟାଙ୍କିଂ ସୁବିଧାର ଅଭାବ ଦୂର ପାଇଁ ସରକାର ପ୍ରତି ପଞ୍ଚାୟତରେ ବ୍ୟାଙ୍କ ଖୋଲିବେ ଯାହା ଫଳରେ ଗାଁ ଲୋକ ନିଜ ପଞ୍ଚାୟତରେ ବ୍ୟାଙ୍କ ସୁବିଧା ପାଇପାରିବେ । ଭତ୍ତା ପାଇଁ ଆଉ କାହାକୁ ଦୂରକୁ ଯିବାକୁ ପଡିବ ନାହିଁ ।

# ସାକାର ହେବାକୁ ଯାଉଛି ପାରାଦ୍ୱୀପରେ ବୃହତ ଷ୍ଟିଲ ପ୍ଲାଣ୍ଟ ନିର୍ମାଣ



ଜଗତସିଂହପୁର, ୧୦।୧

ନ୍ୟୁଜ୍ ବ୍ୟୁରୋ

ପାରାଦ୍ୱୀପରେ ବୃହତ ଷ୍ଟିଲ ପ୍ଲାଣ୍ଟ ନିର୍ମାଣର ସ୍ୱପ୍ନ ସାକାର ହେବାକୁ ଯାଉଛି । ଓଡିଶାକୁ ଶିଳ୍ପସମୃଦ୍ଧ କରିବାକୁ ନିରନ୍ତର ପ୍ରୟାସ ଜାରିରଖିଥିବା ମୁଖ୍ୟମନ୍ତ୍ରୀଙ୍କ ସ୍ୱପ୍ନକୁ ସାକାର କରିବାକୁ ଯାଉଛି ଆର୍ସେଲର ମିତ୍ତଲ ନିପ୍ପନ ଷ୍ଟିଲ । ଏହି କମ୍ପାନୀ ବାର୍ଷିକ ୭ ନିୟୁତ ମେଟ୍ରିକ ଟନ କ୍ଷମତା ବିଶିଷ୍ଟ ଷ୍ଟିଲ ପ୍ଲାଣ୍ଟ ପ୍ରତିଷ୍ଠା କରିବ ଯାହାକୁ ନେଇ ଜିଲ୍ଲା ପ୍ରଶାସନ ତରଫରୁ ପାରାଦ୍ୱୀପ ମୁନିସିପାଲିଟି କଲ୍ୟାଣ ମଣ୍ଡପ ଠାରେ ଅନୁଷ୍ଠିତ ହୋଇଯାଇଛି ଜନଶୁଣାଣି ଶିବିର । ଏଥିରେ ବିଭିନ୍ନ ପଞ୍ଚାୟତରୁ ହଜାର (ପୃଷ୍ଠା ୭ରେ)

# ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ସମୀକ୍ଷା କଲେ ମୁଖ୍ୟମନ୍ତ୍ରୀଙ୍କ ମୁଖ୍ୟ ପରାମର୍ଶଦାତା

ପୁରୀ, ୧୦।୧

ନ୍ୟୁଜ୍ ବ୍ୟୁରୋ

ମୁଖ୍ୟମନ୍ତ୍ରୀଙ୍କ ମୁଖ୍ୟ ପରାମର୍ଶଦାତା ସୁରେଶ ଚନ୍ଦ୍ର ମହାପାତ୍ର ବୁଧବାର ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ସମୀକ୍ଷା କରିଛନ୍ତି । ଶ୍ରୀ ମହାପାତ୍ର ପ୍ରକଳ୍ପ ପାଇଁ ଚାଲିଥିବା ବିଭିନ୍ନ ବିକାଶମୂଳକ କାର୍ଯ୍ୟକ୍ରମର ଅନୁଧ୍ୟାନ କରିବା ସହ ସ୍ଥିତି ସମୀକ୍ଷା କରିଥିଲେ । ସମୀକ୍ଷା ବୈଠକରେ ଶ୍ରୀମନ୍ଦିର ମୁଖ୍ୟପ୍ରଶାସକ ରଞ୍ଜନ କୁମାର ଦାସ, ଜିଲ୍ଲାପାଳ ସମର୍ଥ ବର୍ମାଙ୍କ ସମେତ ଶ୍ରୀମନ୍ଦିର ପ୍ରଶାସନର ଅଧିକାରୀମାନେ ଉପସ୍ଥିତ ଥିଲେ । ବୈଠକ ପରେ ମୁଖ୍ୟମନ୍ତ୍ରୀଙ୍କ ମୁଖ୍ୟ ପରାମର୍ଶଦାତା ସୁରେଶ ଚନ୍ଦ୍ର (ପୃଷ୍ଠା ୭ରେ)



## ଆରବ ସାଗରରେ ସୁରକ୍ଷା ବଢାଇଲା ଭାରତ: ୧୦ରୁ ଅଧିକ ଯୁଦ୍ଧପୋତ ପହଁଚରା ମାରୁଛନ୍ତି

ନୂଆଦିଲ୍ଲୀ, ୧୦।୧

ନିକଟରେ ସୋମାଲିଆର ଜଳଦସ୍ୟୁମାନେ ଲାଇବେରିଆର ଏକ ପଣ୍ୟବାହୀ ଜାହାଜକୁ ଆକ୍ରମଣ କରିଥିଲେ । ଏଥିରେ ୧୫ ଜଣ ଭାରତୀୟ କ୍ରୁ ସଦସ୍ୟ ଥିଲେ । ସୂଚନା ପାଇଁ ଅବିଳମ୍ବେ ଭାରତୀୟ ନୌସେନାର କମାଣ୍ଡୋ ବା ମାର୍କୋସମାନେ ସାହସିକ ପଦକ୍ଷେପ ନେଇ ଏହାକୁ ସୁରକ୍ଷା ଦେଇଥିଲେ । ତେବେ ଜଳମାର୍ଗରେ ଆକ୍ରମଣ ବୃଦ୍ଧି ପାଉଥିବାରୁ ଭାରତ ଆରବ ସାଗର ଏବଂ ଆଡ୍ରେନ ଉପସାଗରରେ ଏହାର ସୁରକ୍ଷା ବ୍ୟବସ୍ଥାକୁ ବଢ଼ାଇ ଦେଇଛି । ୧୦ରୁ ଅଧିକ ଯୁଦ୍ଧପୋତକୁ ଉତ୍ତର (ପୃଷ୍ଠା ୭ରେ)

## ଏକାଳ ସେକାଳ



ଦରମା ଫରମା ବଢିବ ଶୁଣିକି
ଆପଣମାନେ ଖୁସି ତ !
ହକ୍ ଯେବେ ସେ କହିଛନ୍ତି
ଆଶାଟା ଉଇଁବ ବେଶୀ ତ
କେତେ କଣ ସ୍ୱପ୍ନ ଆଶେତ
ଏମିତିଆ ଯଦି ଗୁଡ୍ ନ୍ୟୁଜ୍ ଦେବେ
ଭୋଟ୍ ଗୁଡାକ ନେବେ ତ... !

# ହାଲୁକା ଶୀତ ସହ ଘନ କୁହୁଡିରେ ଆକ୍ରାନ୍ତ ଜନଜୀବନ



ଭୁବନେଶ୍ୱର, ୧୦।୧

ନ୍ୟୁଜ୍ ବ୍ୟୁରୋ

ହାଲୁକା ଶୀତ ସହ ଘନ କୁହୁଡିରେ ଆକ୍ରାମାକ୍ରା ହେଉଛି ଜନଜୀବନ । ଉପାନ୍ତରୁ ଉପକୂଳ ସବୁଠି ଦେଖାଦେଇଛି ଏଭଳି ପାଗ । ଆସନ୍ତା ୨ ଦିନ ପରେ ପୁଣି ବଢିବ ଶୀତ । ସ୍ୱାଭାବିକ ଠାରୁ ୨ ରୁ ୩ ଡିଗ୍ରୀ ପର୍ଯ୍ୟନ୍ତ ତାପମାତ୍ରା କମିବ ବୋଲି ପ୍ରାକ୍ ଅନୁମାନ କରିଛି ଆଞ୍ଚଳିକ ପାଣିପାଗ କେନ୍ଦ୍ର । ଫଳରେ ପ୍ରବଳ ଜାଡ଼ ସହ ଅତି ଘନ କୁହୁଡ଼ି ଦେଖାଦେବ । ମେଘମୁକ୍ତ ଆକାଶ ସହ ବାୟୁମଣ୍ଡଳରେ ଜଳୀୟବାଷ୍ପର ପରିମାଣ ଅଧିକ ରହୁଥିବାରୁ ରାଜ୍ୟରେ ଏଭଳି ପାଗ ଦେଖାଦେଇଛି । ଆସନ୍ତା ୨ ଦିନ ପର୍ଯ୍ୟନ୍ତ ଉପକୂଳ ଓଡ଼ିଶା ସମେତ ଆଭ୍ୟନ୍ତରୀଣ ଓଡ଼ିଶାରେ ଘନ କୁହୁଡି ପାଇଁ ସତର୍କତା ଜାରି କରିଛି ପାଣିପାଗ କେନ୍ଦ୍ର ।

ଘନ କୁହୁଡ଼ିର ଚାଦର ତଳେ ରାଜଧାନୀ ଯୁଆଡ଼େ ଚାହିଁବ ସିଆଡ଼େ ଭାସୁଛି ଧଳା ଧଳା ଜଳକଣା । ଆଗକୁ ୨୦ ମିଟର ଦେଖିବା ବି ଅସମ୍ଭବ । ଦିନ ୧୦ଟା ପର୍ଯ୍ୟନ୍ତ ଆକ୍ରାମାକ୍ରା ଜନଜୀବନ । କଅଁଳ ଖରା ପରେ ଧିରେ ଧିରେ ସ୍ୱାଭାବିକ ହେଲା ସ୍ଥିତି । ରାଜଧାନୀ ସମେତ ଖୋର୍ଦ୍ଧା, ଢେଙ୍କାନାଳ ଏବଂ ଚାନ୍ଦବାଲିରେ ସ୍ଥିତି ସଂଘାତିକ । ୨୦ ମିଟରକୁ ଖସିଲା ଦୃଶ୍ୟମାନ କ୍ଷମତା । ସକାଳୁ ସକାଳୁ ଭୁବନେଶ୍ୱର ସମେତ ସାରା ରାଜ୍ୟକୁ କୁହୁଡି ଅକ୍ତିଆର କରି (ପୃଷ୍ଠା ୭ରେ)

# ପାକିସ୍ତାନରେ ୭୮ ବର୍ଷ ଜେଲ୍‌ଦଣ୍ଡ ଭୋଗୁଛନ୍ତି ମୁମ୍ବାଇ ଆକ୍ରମଣର ମାଷ୍ଟରମାଇଣ୍ଡ ହାଫିଜ ସଇଦ୍: ଜାତିସଂଘ

ନୂଆଦିଲ୍ଲୀ, ୧୦।୧

ମୁମ୍ବାଇ ଆକ୍ରମଣର ମାଷ୍ଟରମାଇଣ୍ଡ ତଥା ବେଆଇନ ଘୋଷିତ ଜମାତ୍-ଉଦ୍-ଦାୱାର ମୁଖ୍ୟ ହାଫିଜ ସଇଦ ପାକିସ୍ତାନରେ ୭୮ ବର୍ଷ ପାଇଁ ଜେଲ୍‌ଦଣ୍ଡ ଭୋଗୁଥିବା କଥା ଜାତିସଂଘ କହିଛି । ଆତଙ୍କବାଦୀଙ୍କୁ ଅର୍ଥ ଯୋଗାଣ ସମ୍ବନ୍ଧୀୟ ୭ଟି ମାମଲାରେ ସେ ଦୋଷୀ ସାବ୍ୟସ୍ତ ହୋଇ ସଜା କାଟୁଛନ୍ତି ।

୨୦୦୮ ଡିସେମ୍ବରରେ ଜାତିସଂଘ ସୁରକ୍ଷା ପରିଷଦର ୧୨୬୭ ଅଲ୍-କାଇଦା ସାଙ୍କ୍‌ସନ୍ସ କମିଟିରେ ବିଶ୍ୱ ଆତଙ୍କବାଦୀ ଘୋଷିତ ସଇଦ ପାକିସ୍ତାନ ସରକାରଙ୍କ ହେପାଜତରେ ଅଛନ୍ତି । ଆତଙ୍କବାଦୀଙ୍କୁ ଯୋଗାଣ ସମ୍ବନ୍ଧୀୟ ୭ଟି ମାମଲାରେ ଦୋଷୀ ସାବ୍ୟସ୍ତ ହୋଇ ୨୦୨୦, ୧୨ ଫେବୃଆରୀରୁ ସେ ୭୮ ବର୍ଷ ପାଇଁ ସଜା କାଟୁଛନ୍ତି ବୋଲି ସଂଶୋଧିତ ବିବୃତିରେ ସାଙ୍କ୍‌ସନ୍ସ କମିଟି କହିଛି ।

କେତେଗୁଡ଼ିଏ ଆତଙ୍କବାଦ ଘଟଣାରେ ଭାରତୀୟ ତଦନ୍ତକାରୀ ଏଜେନ୍ସିମାନେ ଖୋଜୁଥିବାରୁ ହାଫିଜ ସଇଦ୍‌ଙ୍କୁ ପ୍ରତ୍ୟାର୍ପଣ କରିବା ଲାଗି ୨୦୨୩ ଡିସେମ୍ବର ମାସରେ ଭାରତ ପାକିସ୍ତାନକୁ କହିଥିଲା । ଏହାଛଡ଼ା, ଲସ୍କର୍-ଏ-ତେବାର ଅନ୍ୟତମ ପ୍ରତିଷ୍ଠାତା ସଦସ୍ୟ ତଥା ସଇଦ୍‌ଙ୍କ ଉପମୁଖ୍ୟ ହାଫିଜ ଅବ୍ଦୁଲ ସଲାମ (ପୃଷ୍ଠା ୭ରେ)





# ମୁଖ୍ୟମନ୍ତ୍ରୀ କର୍ମତତ୍ପର ଅଭିଯାନ:ମାଷ୍ଟର ଟ୍ରେନରମାନଙ୍କ ଦୁଇ ଦିନିଆ ଦକ୍ଷତା ବିକାଶ କାର୍ଯ୍ୟକ୍ରମ



**କଟକ, ନ୍ୟୁଜ୍ ବ୍ୟୁରୋ**

କଟକ ମହାନଗର ନିଗମ (ସିଏମ୍ସି) ପକ୍ଷରୁ ସୋମବାର ପୂର୍ବାହ୍ନରେ ସ୍ଥାନୀୟ ଟାଉନ୍ ହଲ୍ ଠାରେ ମୁଖ୍ୟମନ୍ତ୍ରୀ କର୍ମତତ୍ପର ଅଭିଯାନ(ମୁକ୍ତା) ଯୋଜନାରେ ମାଷ୍ଟର ଟ୍ରେନରମାନଙ୍କର ଦୁଇ ଦିନିଆ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଯାଇଛି । ସିଏମସି ମେୟର ସୁବାସ ସିଂହ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ସ୍ୱୟଂ ସହାୟକ ଗୋଷ୍ଠୀ ଓ ବସ୍ତି ବାସିନ୍ଦା ସଂଘ ସଦସ୍ୟମାନଙ୍କୁ ସଶକ୍ତ କରିବା ଲାଗି ଏହି ତାଲିମ ମାଷ୍ଟର ଟ୍ରେନରମାନଙ୍କ ପାଇଁ ଯଥେଷ୍ଟ ଜରୁରୀ ବୋଲି କହିଥିଲେ । ପ୍ରଥମ ଦିନରେ ବାଙ୍କି, ଆଠଗଡ, ଚୌଦ୍ୱାର ଓ କଟକ ମହାନଗର ଅଞ୍ଚଳରୁ ଆସିଥିବା ୨୭ଜଣ ପ୍ରଶିକ୍ଷକଙ୍କୁ ତାଲିମ ପ୍ରଦାନ କରାଯାଇଥିଲା । ରାଜ୍ୟ ସହରାଞ୍ଚଳ ଉନ୍ନୟନ ସଂସ୍ଥା ଓ ଜିଲ୍ଲା ସହରାଞ୍ଚଳ ଉନ୍ନୟନ ସଂସ୍ଥା (ସୁଡା) ଦ୍ୱାରା ଏହି ତାଲିମ ପ୍ରଦାନ କରାଯାଉଛି । ମିଶନ ଶକ୍ତି ଗୋଷ୍ଠୀମାନଙ୍କ ସଫଳ ତାଲିମ ପାଇଁ ପ୍ରଶିକ୍ଷକମାନେ କିଭଳି ନିଜକୁ ପ୍ରସ୍ତୁତ କରିବେ ସେ ସମ୍ପର୍କରେ ଶିକ୍ଷା ଦିଆଯାଇଥିଲା । ଯାହାଫଳରେ ମୁକ୍ତା କାର୍ଯ୍ୟକ୍ରମ ପରିଚାଳନା କରୁଥିବା ମହିଳାମାନେ ବିଭିନ୍ନ ବିଷୟ ଉପରେ ଆଲୋଚନା କରିବା ସହିତ ସହଜରେ ଅଧିବେଶନ ପରିଚାଳନା କରିପାରିବେ । ବିଶେଷକରି ସେମାନଙ୍କୁ ଡିଜିଟାଲ ସାକ୍ଷରତା ସଂପର୍କରେ ଅବଗତ କରାଯିବ, ଯାହାଫଳରେ ଡିଜିଟାଲ ଉପକରଣ ଗୁଡିକର ବ୍ୟବହାର ଉପରେ ମିଶନ ଶକ୍ତି ମହିଳାମାନେ ଜ୍ଞାନ ଆହରଣ କରିପାରିବେ । ଏହି କାର୍ଯ୍ୟକ୍ରମରେ ଅତିରିକ୍ତ କମିଶନର ସୋନା ଟୁଡୁ, ଡେପୁଟି କମିଶନର ତଥା ବସ୍ତି ଉନ୍ନୟନ ଅଧିକାରୀ ଶ୍ୱେତପଦ୍ମା ଡି. ଶତପଥୀଙ୍କ ସମେତ ବିଭାଗୀୟ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ ।

# ଉଦ୍ଧାର ହାତୀ ଛୁଆକୁ ନନ୍ଦନକାନନ ଅଣାଗଲା

**ବାରଙ୍ଗ, ନ୍ୟୁଜ୍ ବ୍ୟୁରୋ**

ଅନୁଗୋଳ ଡିଭିଜନର ତାଳଚେର ରେଞ୍ଜରୁ ଅସୁସ୍ଥ ଥିବା ୪ ମାସର ମାଈ ହାତୀ ଛୁଆକୁ ରବିବାର ରାତିରେ ନନ୍ଦନକାନନ ପ୍ରାଣୀ ଉଦ୍ୟାନକୁ ଅଣାଯାଇଛି । ଶୁକ୍ରବାର ଅନୁଗୋଳ ବନଖଣ୍ଡର ତାଳଚେର ବନାଞ୍ଚଳ ଗଣ୍ଡିଗାଡ଼ିଆ ଜଙ୍ଗଲରେ ଘୂରି ବୁଲୁଥିବା ହାତୀ ପଲରୁ ମାଆ ଠାରୁ ଅଲଗା ହୋଇ ଗାଇଗୋଠ ସହିତ ଚାଲିଆସି ବଅଁରପାଳ ଅଞ୍ଚଳର ତୁଳସୀପୁର, କାଣ୍ଡସର, ତୁରଙ୍ଗ, ରଙ୍କାସିଙ୍ଗା, ବେନ୍ତପୁର ଆଦି ଗାଁକୁ ଗାଁ ଘୂରି ବୁଲୁଥିଲା । ଛୁଆ ହାତୀଟି ଲୋକଙ୍କ ମେଳରେ ରହୁଥିଲା । ଖବରପାଇ ବନବିଭାଗ କର୍ମଚାରୀ ହାତୀଛୁଆକୁ ଉଦ୍ଧାର କରି ମା' ହାତୀ ପାଖରେ ଛାଡ଼ିଥିଲେ, ହେଲେ ଛୁଆ ହାତୀଟି ମା' ପାଖରେ ନରହି ନୂଆହତା ନିକଟରେ ଶୋଇପଡ଼ିଥିଲା । ଡିଏଫଓ ବିବେକ କୁମାରଙ୍କ ନେତୃତ୍ୱରେ ତାଳଚେର ବନାଞ୍ଚଳ ଅଧିକାରୀ ସୁକାନ୍ତି ଦେଈଙ୍କ ସମେତ ବନ କର୍ମଚାରୀ ହାତୀ ଛୁଆକୁ ଉଦ୍ଧାର କରିଥିଲେ । ଛୁଆହାତୀଟି ଅସୁସ୍ଥ ଥିବାରୁ ପ୍ରଥମେ ବଳରାମପ୍ରସାଦ ବିଟ୍ ହାଉସକୁ ଆଣି ଅନୁଗୋଳ ପ୍ରାଣୀ ଚିକିତ୍ସାଳୟରେ ଚିକିତ୍ସକଙ୍କ ଦ୍ୱାରା ଚିକିତ୍ସା କରାଯାଇଥିଲା । ଜଙ୍ଗଲ ବିଭାଗ ଅତିରିକ୍ତ ପ୍ରଧାନ ମୁଖ୍ୟ ବନସଂରକ୍ଷକ, ବନ୍ୟପ୍ରାଣୀ ଏବଂ ମୁଖ୍ୟ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ (ପିସିସିଏଫ) ସୁଶାନ୍ତ ନନ୍ଦଙ୍କ ନିର୍ଦ୍ଦେଶକ୍ରମେ ଉନ୍ନତମାନର ଚିକିତ୍ସା ପାଇଁ ଅସୁସ୍ଥ ହାତୀଛୁଆକୁ ନନ୍ଦନକାନନ ଅଣାଯାଇଛି ବୋଲି ନନ୍ଦନକାନନର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି ।

# ସୁବର୍ଣ୍ଣପୁରରେ ବିଏସକେୱାଇ ନବୀନ କାର୍ଡର ପୋଷ୍ଟର ରିଲିଜ୍

**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**



ଜାନୁଆରୀ ୬ ତାରିଖରୁ ସାରା ରାଜ୍ୟରେ ବିଏସକେୱାଇ ନବୀନ କାର୍ଡର ପଞ୍ଜୀକରଣ ଆରମ୍ଭ ହୋଇଛି । ଏହି ମହତ୍ୱାକାଂକ୍ଷୀ ଯୋଜନାର ପୋଷ୍ଟର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନିରଞ୍ଜନ ପୂଜାରୀଙ୍କ ଦ୍ୱାରା ରିଲିଜ୍ ହୋଇଛି । ପାଞ୍ଚ ଦିନିଆ ସୁବର୍ଣ୍ଣପୁର ଲୋକ ମହୋତ୍ସବର ପ୍ରଥମ ଦିନରେ ପୋଷ୍ଟର ରିଲିଜ୍ ହୋଇଥିଲା । ଏହି ଅବସରରେ ସୁବର୍ଣ୍ଣପୁର ଜିଲ୍ଲାପାଳ ବିମଳେନ୍ଦୁ ରାୟ, ଏଡିଏମ୍ ସୂର୍ଯ୍ୟ ନାରାୟଣ ଦାଶ, ଏସ୍‌ପି ଅମରେଶ ପଣ୍ଡା, ଭାରପ୍ରାପ୍ତ ସିଡିଏମ୍‌ଓ ଡାକ୍ତର ଦୁର୍ଗାଦତ୍ତ ଦାଶ, ଜିଲ୍ଲା ପରିଷଦ ବିଡିଓ ଅଶ୍ୱିନୀ ମେହେର, ଡିପିଏମ୍ ବିଶ୍ୱମ୍ଭର ବେହେରା, ବିଏସ୍‌କେୱାଇ ଜିଲ୍ଲା ସଂଯୋଜିକା ପ୍ରଜ୍ଞାପରିମିତା ଦାଶ ଉପସ୍ଥିତ ଥିଲେ । ସ୍ୱାସ୍ଥ୍ୟ ବିଭାଗର କର୍ମଚାରୀ ବୃନ୍ଦାବନ ସାହୁ, ଗୀତାଞ୍ଜଳି ମେହେର, ପ୍ରମୋଦ ସାହୁ, ହରପ୍ରସାଦ ଦାସ, ଅନ୍ତର୍ଯ୍ୟାମୀ ଶତପଥୀ, କ୍ଷୀରୋଦ ବିଶ୍ୱାଳ ପ୍ରମୁଖ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ । ତେବେ ପୋଷ୍ଟର ରିଲିଜ୍ ପରେ ବହୁ ଜନ ସାଧାରଣ ବିଏସ୍‌କେୱାଇ ଷ୍ଟଲ୍‌କୁ ଆସି ବିଏସ୍‌କେୱାଇ ନବୀନ କାର୍ଡ ସମ୍ପର୍କରେ ପଚାରି ବୁଝିଥିଲେ ।

# ନାଉଗାଁରେ ବିଜେଡିର ମିଶ୍ରଣ ପର୍ବ

**ଜଗତସିଂହପୁର, ନ୍ୟୁଜ୍ ବ୍ୟୁରୋ**

ଜଗତସିଂହପୁର ଜିଲ୍ଲା ନାଉଗାଁ ବ୍ଲକ କୋରୁଅ ପଞ୍ଚାୟତର ଶତାଧିକ କଂଗ୍ରେସ ଓ ବିଜେପି କର୍ମୀ ବିଜୁ ଜନତା ଦଳରେ ସାମିଲ ହୋଇଥିବା ଦେଖାଯାଇଛି । ବିଧାୟକ ପ୍ରଶାନ୍ତ କୁମାର ମୁଦୁଲିଙ୍କ ଉପସ୍ଥିତିରେ ଏହି ମିଶ୍ରଣ ପର୍ବ ଆୟୋଜିତ ହୋଇଥିଲା । ମୁଖ୍ୟମନ୍ତ୍ରୀ ତଥା ରାଜ୍ୟ ବିଜେଡି ମୁଖିଆ ନବୀନ ପଟ୍ଟନାୟକଙ୍କ ଲୋକପ୍ରିୟତା ଓ ଜନକଲ୍ୟାଣ ଲୋକାଭିମୁଖୀ କାର୍ଯ୍ୟକ୍ରମରେ ଅନୁପ୍ରାଣିତ ହୋଇ ଅନ୍ୟ ଦଳରୁ ଆସି ବିଜେଡିରେ ଯୋଗଦେଲେ । ବିଧାୟକ ଶ୍ରୀ ମୁଦୁଲି ସମସ୍ତ କର୍ମୀମାନଙ୍କୁ ଉତ୍ତରୀୟ ପୁଷ୍ପ ଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ । କୋରୁଅ ପଞ୍ଚାୟତର ପୂର୍ବତନ ସରପଞ୍ଚ ଅରଣ୍ୟ ନାୟକ, କାର୍ତ୍ତିକ ପରିଡା ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ । ବିଜୁ ଜନତା ଦଳରେ ଉଲ୍ଲାସ ଭୋଇ, ମାଗୁଣି ବେହେରା, ଜିତେନ୍ଦ୍ର ବିଶ୍ୱାଳ, ଯୋଗେନ୍ଦ୍ର ମାଣ୍ଡେଇ, ରୂପ ମାଣ୍ଡେଇ, ସନ୍ତୋଷ ଜେନା, ବାପି ଭୋଇ, ଭାସ୍କର ଦାସ, ବଙ୍ଗାଳି ଦାସ, ବୈରାଗୀ ଦାସ ଓ ଅନ୍ୟମାନେ ସାମିଲ ହୋଇଛନ୍ତି ।



# ସୁବର୍ଣ୍ଣ ଲୋକ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା

**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**

ଜିଲ୍ଲା ଉନ୍ନୟନ ପ୍ରଦର୍ଶନୀ, ପଲ୍ଲୀଶ୍ରୀ ମେଳା ଓ ନୃତ୍ୟ ଗୀତର ମହାପାର୍ବଣ ସୁବର୍ଣ୍ଣପୁର ଲୋକ ମହୋତ୍ସବ –୨୦୨୪ର ଦ୍ୱିତୀୟ ସାଂସ୍କୃତିକ ସନ୍ଧ୍ୟା ଉଦ୍‌ଘାଟିତ ହୋଇଯାଇଛି । ସୋନପୁର ପୌର ପରିଷଦ ଅଧ୍ୟକ୍ଷା ତାମସୀ ତାମସ୍ମିତା ନାୟକ, ବିନିକା ବ୍ଲକ ଅଧ୍ୟକ୍ଷା ଦୀପ୍ତି ରେଖା ନନ୍ଦ, ଉଲୁଣ୍ଡା ବ୍ଲକ ଅଧ୍ୟକ୍ଷା ଶାନ୍ତି ମିଶ୍ର, ଡୁଙ୍ଗୁରିପାଲି ଅହଲ୍ୟା ସାହୁ ଓ ସୋନପୁର ବ୍ଲକ୍ ଅଧ୍ୟକ୍ଷ ପ୍ରହ୍ଲାଦ ନାଏକ ଅତିଥି ଭାବେ ଯୋଗଦେଇ ଏହି ସାଂସ୍କୃତିକ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ସୁବର୍ଣ୍ଣପୁରର କଳା ସଂସ୍କୃତି ପର୍ଯ୍ୟଟନ ବିକାଶ ଦିଗରେ ସରକାର ସବୁବେଳେ ଚେଷ୍ଟା ଜାରୀ ରଖିଛନ୍ତି ବୋଲି କହିଥିଲେ । ଜିଲ୍ଲା ଉନ୍ନୟନ ଓ ପଲ୍ଲୀଶ୍ରୀ ମେଳାକୁ ସମସ୍ତ ଅତିଥି ବୁଲି ଦେଖିଥିଲେ । ଅତିରିକ୍ତ ଜିଲ୍ଲାପାଳ ସୂର୍ଯ୍ୟନାରାୟଣ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାକୁ ଅବିନାଶ ହୋତା ସଂଯୋଜନକ୍ଷ କରିଥିବା ବେଳେ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଶ୍ୱିନୀ କୁମାର ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ । ସାଂସ୍କୃତିକ ସନ୍ଧ୍ୟାରେ ଜିଲ୍ଲା ଓ ଅନ୍ୟ ଜିଲ୍ଲା ତଥା ରାଜ୍ୟର ବିଭିନ୍ନ କଳାକାର ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିବା ବେଳେ ବିଳମ୍ବିତ ରାତି ଯାଏ ହଜାର ହଜାର ଦର୍ଶକ ନାଚ ଗୀତକୁ ଉପଭୋଗ କରିଥିଲେ ।

# ଜଗତସିଂହପୁର ପୁସ୍ତକମେଳା ରୌପ୍ୟ ଜୟନ୍ତୀ ଉତ୍ସବକୁ ସଫଳ କରିବାକୁ ଆହ୍ୱାନ

**ଜଗତସିଂହପୁର, ନ୍ୟୁଜ୍ ବ୍ୟୁରୋ**

ରୌପ୍ୟ ଜୟନ୍ତୀ ଜଗତସିଂହପୁର ପୁସ୍ତକମେଳା ପାଳନ ନିମନ୍ତେ ଜଗତସିଂହପୁର ସାଂସ୍କୃତିକ ପରିଷଦର ଅଧ୍ୟକ୍ଷ ତଥା ଜିଲ୍ଲାପାଳ ପାରୁଲ ପଟାୱାରୀଙ୍କ ପରାମର୍ଶକ୍ରମେ ଏକ ସ୍ୱତନ୍ତ୍ର ବୈଠକ ଜିଲ୍ଲାପାଳଙ୍କ ସଦ୍‌ଭାବନା ସଭାଗୃହ ଠାରେ ଜଗତସିଂହପୁର ସାଂସ୍କୃତିକ ପରିଷଦର କାର୍ଯ୍ୟକାରୀ ଅଧ୍ୟକ୍ଷ ବିପ୍ଳବ ଚୌଧୁରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଲଗ୍ନଜିତ ରାଉତ ଯୋଗଦେଇ ଆଗାମୀ ରୌପ୍ୟ ଜୟନ୍ତୀ ଜଗତସିଂହପୁର ପୁସ୍ତକମେଳାକୁ ସଫଳ କରିବାକୁ ସମସ୍ତଙ୍କର ସହଯୋଗ କାମନା କରିବା ସହ ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାର ସହାୟତା ଯୋଗାଇ ଦିଆଯିବାର ପ୍ରତିଶ୍ରୁତି ଦେଇଥିଲେ । ଉପ ଜିଲ୍ଲାପାଳ ପ୍ରଦୀପ କୁମାର ସାହୁ ଯୋଗଦେଇ ଉପସ୍ଥିତ ଥିବା ଜିଲ୍ଲାର ସମସ୍ତ ମହାବିଦ୍ୟାଳୟର ଅଧ୍ୟକ୍ଷ ଓ ଶିକ୍ଷା ବିଭାଗର ଅଧିକାରୀଙ୍କୁ ପୁସ୍ତକ କ୍ରୟ ନିମନ୍ତେ ସହଯୋଗ କାମନା କରିବା ସହ ବିଦ୍ୟାଳୟ ଓ ମହାବିଦ୍ୟାଳୟର ପିଲାମାନଙ୍କୁ ପୁସ୍ତକମେଳାରେ ସାମିଲ ହେବାକୁ ପରାମର୍ଶ ଦେଇଥିଲେ । ବୈଠକରେ ସାଂସ୍କୃତିକ ପରିଷଦର ଉପଦେଷ୍ଟା ମଣ୍ଡଳୀର ସମ୍ମାନୀୟ ସଦସ୍ୟ ବୃନ୍ଦ,ଜିଲ୍ଲା ସୂଚନା ଲୋକସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ, ଜିଲ୍ଲାର ବିଭିନ୍ନ ମହାବିଦ୍ୟାଳୟର ଅଧ୍ୟକ୍ଷ, ଜିଲ୍ଲା ଶିକ୍ଷାଧିକାରୀଙ୍କ ପ୍ରତିନିଧି, ପୌର ପରିଷଦର ପ୍ରତିନିଧି, ଜିଲ୍ଲା ସଂସ୍କୃତି ବିଭାଗର ପ୍ରତିନିଧି, କେନ୍ଦ୍ରୀୟ ସମନ୍ୱୟ କମିଟିର ପ୍ରତିନିଧି, କାର୍ଯ୍ୟକାରିଣୀ ସଦସ୍ୟମାନେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରି ପୁସ୍ତକମେଳାର ଅଗ୍ରଗତି ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିବା ସହ ବିଭିନ୍ନ ପରାମର୍ଶ ଦେଇଥିଲେ । ଉପସ୍ଥିତି ବିଭିନ୍ନ ମହାବିଦ୍ୟାଳୟର ଅଧ୍ୟକ୍ଷମାନେ ପୁସ୍ତକମେଳାରୁ ବହି କିଣିବାକୁ ନିର୍ଭର ପ୍ରତିଶ୍ରୁତି ଦେଇଥିଲେ । ବୈଠକରେ ସ୍ମରଣିକା କମିଟିର ମୁଖ୍ୟ ସମ୍ପାଦକ ମହେନ୍ଦ୍ର କୁମାର ଆଚାର୍ଯ୍ୟ, ବରିଷ୍ଠ କର୍ମକର୍ତ୍ତା ବିନାୟକ ପଟ୍ଟନାୟକ, ନଟବର ବାରିକ, ହେମନ୍ତ କୁମାର ରଥ, ଭଗବାନ ଦାଶ, ଡଃ ଜ୍ୟୋତିର୍ମୟୀ ମହାନ୍ତି, ପ୍ରଦୀପ୍ତ କିଶୋର ଚୌଧୁରୀ, ବିବୁଧ କୁମାର ମହାନ୍ତି, ସମ୍ପାଦକ ସାରଦା ପ୍ରସାଦ ଦାସ, ଉପାଧ୍ୟକ୍ଷ ବିଜୟ କୁମାର ରାଉତ, ଗଣେଶ୍ୱର ମାଣିଆ, କୋଷାଧ୍ୟକ୍ଷ ପ୍ରଶାନ୍ତ କୁମାର ମହାପାତ୍ର, ଯୁଗ୍ମ ସମ୍ପାଦକ ଡଃ ସୁଧୀର କୁମାର ମହାନ୍ତି, ନରେଶ ଦାସ, ସଭ୍ୟ ସୁଷମା ପ୍ରଧାନ, ଅବନୀକାନ୍ତ ମହାରଣା, ସତ୍ୟବ୍ରତ ବିଶ୍ୱାଳ ବିଜୟଲକ୍ଷ୍ମୀ ମହାପାତ୍ର, ସରୋଜ କୁମାର ସାହୁ, ଦୁର୍ଯ୍ୟୋଧନ ମହାରଣା, ଡଃ ନିରଞ୍ଜନ ବିଶ୍ୱାଳ, ଅତନୁ କୁମାର ସ୍ୱାଇଁ, ଦୀପକ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଏଠାରେ ସୂଚନାଯୋଗ୍ୟ ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଜଗତସିଂହପୁର ସାଂସ୍କୃତିକ ପରିଷଦ ପକ୍ଷରୁ ରୌପ୍ୟ ଜୟନ୍ତୀ ପୁସ୍ତକମେଳା ଜାନୁଆରୀ ମାସ ୧୫ ତାରିଖରୁ ୨୧ ତାରିଖ ପର୍ଯ୍ୟନ୍ତ ମହାସମାରୋହରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖସ୍ଥ ପଡ଼ିଆରେ ଆୟୋଜିତ ହେବାକୁ ଯାଉଛି ।

# ଷଣ୍ଢ ଆକ୍ରମଣରେ ବୃଦ୍ଧ ମୃତ

**ଧର୍ମଶାଳା, ନ୍ୟୁଜ୍ ବ୍ୟୁରୋ**

ସୋମବାର ପୂର୍ବାହ୍ନ ସମୟରେ ଧର୍ମଶାଳା ଥାନା ଅନ୍ତର୍ଗତ ଦେଓଦା ପଞ୍ଚାୟତ ଦେଓଦା ଗ୍ରାମର ଅଲେଖ ମଲିକ (୭୦)ଙ୍କର ଷଣ୍ଢ ଆକ୍ରମଣରେ ମୃତ୍ୟୁ ଘଟିଛି । ସୂଚନା ଅନୁଯାୟୀ ଅଲେଖ ନିଜ ଚାଷ ଜମିରେ କାମ କରୁଥିବା ବେଳେ ଷଣ୍ଢ ତାଙ୍କୁ ଆକ୍ରମଣ କରିଥିଲା । ପରିବାର ଲୋକେ ଗୁରୁତର ଅବସ୍ଥାରେ ତାଙ୍କୁ ଧର୍ମଶାଳା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ । କିନ୍ତୁ ସେଠାରେ ତାଙ୍କର ମୃତ୍ୟୁ ଘଟିଛି । ଏହି ମାରଣା ଷଣ୍ଢ ଆକ୍ରମଣରେ ପୂର୍ବରୁ ୫ଜଣ ଗୁରୁତର ଭାବେ ଆହତ ହୋଇ ଚିକିତ୍ସିତ ହେଉଛନ୍ତି । ଷଣ୍ଢ ପାଇଁ ସ୍ଥାନୀୟ ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି ହୋଇଛି ।

# ଗୋଲାମୁଣ୍ଡାରେ ଜିଲ୍ଲାପାଳଙ୍କ ଜନଶୁଣାଣି

**ଧର୍ମଗଡ଼, ନ୍ୟୁଜ୍ ବ୍ୟୁରୋ**

ଗୋଲାମୁଣ୍ଡା ବ୍ଲକ ସ୍ଥିତ ପଞ୍ଚାୟତ ସମିତି ସମ୍ମିଳନୀ ଗୃହରେ ଜିଲ୍ଲାପାଳ ପି. ଅନ୍ୱେଷା ରେଡ୍ଡୀ ଏବଂ ଅତିରିକ୍ତ ଉପ ଜିଲ୍ଲାପାଳ ବିରଞ୍ଚି ନାରାୟଣ ଦରବାନଙ୍କ ଯୁଗ୍ମ ଅଧ୍ୟକ୍ଷତାରେ ଏକ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ ଗୋଲାମୁଣ୍ଡା ବ୍ଲକର ବ୍ଲକ ବିଡ଼ିଓ ଅକ୍ଷମିତା କାର୍ତ୍ତିକ, ତହସିଲଦାର ଅଶୋକ ପଟ୍ଟନାୟକ ସହ ବ୍ଲକର ସମସ୍ତ ଅଧିକାରୀ ସମେତ ସମସ୍ତ ଜିଲ୍ଲା ସ୍ତରୀୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ । ଏହି ଜନ ଶୁଣାଣି ଶିବିରରେ ମୋଟ ୬୪ଜଣ ଆବେଦନକାରୀ ନିଜର ଅଭିଯୋଗ ପତ୍ର ଦାଖଲ କରିଥିଲେ । ସେଥିମଧ୍ୟରୁ ୮ଟି ଆବାସ ଘର ସମସ୍ୟା ଅଭିଯୋଗ, ୧୧ଟି ପିଡ଼ିଏସ ଚାଉଳ ସମସ୍ୟା, ୦୨ଟି ଭତ୍ତା ସମସ୍ୟା, ୪୩ଟି ଅନ୍ୟାନ ତଥା ସାମୁହିକ ସମସ୍ୟା ସମ୍ମିଳିତ ଥିଲା । ଏହି ଶିବିରରେ ଗୋଲାମୁଣ୍ଡା ଜନକଲ୍ୟାଣ ସାମ୍ବାଦିକ ସଂଘର ପ୍ରତିନିଧିଙ୍କୁ ସରକାରୀ କାର୍ଯ୍ୟକ୍ରମରେ ଗୋଲାମୁଣ୍ଡା ବିଡିଓଙ୍କ ଅଣଦେଖା ଓ ବିଭିନ୍ନ ସମସ୍ୟା ଉପରେ ବିଡ଼ିଓଙ୍କୁ ଫୋନ୍ କଲେ ଫୋନ୍ ଉଠାଉ ନଥିବା ନେଇ ଜିଲ୍ଲାପାଳଙ୍କୁ ଏକ ଲିଖିତ ଅଭିଯୋଗ କରାଯାଇଥିଲା । ଅଭିଯୋଗକୁ ଭିତ୍ତି କରି ଜିଲ୍ଲାପାଳ ପି.ଅନ୍ୱେଷା ରେଡି ଗୋଲାମୁଣ୍ଡା ବିଡିଓଙ୍କୁ ଫୋନ୍ ଉଠାଇବାକୁ ନିର୍ଦ୍ଦେଶ ଦେଇଥିଲେ । ଅଭିଯୋଗ ପତ୍ର ଦାଖଲ ସମୟରେ ସଂଘ ସଭାପତି ରାମ କୁମାର ସେନାପତି, ସମ୍ପାଦକ ଈଶ୍ୱର ପୁଟେଲ, ଉପସଭାପତି ଲବଜି ପୁଟେଲ, ସଭ୍ୟ ପ୍ରିୟକୃଷ୍ଣ ପଟେଲ, ସୁରେନ୍ଦ୍ର ଭୋଇ, ମହେନ୍ଦ୍ର ଦାସ ଓ ପୂର୍ଣ୍ଣ ଚନ୍ଦ୍ର ସରାଫ ପ୍ରମୁଖ ଉପସ୍ଥିତ ଥିଲେ ।



# ଆଧ୍ୟାତ୍ମିକ ପତ୍ରିକା 'ଦିବ୍ୟାଲୋକ ସନ୍ଧାନେ'ର ୨୩ତମ ସ୍ୱନକ୍ଷତ୍ର ସମାରୋହ

**କଟକ, ନ୍ୟୁଜ୍**

ଅଗ୍ରଣୀ ଆଧ୍ୟାତ୍ମିକ ପତ୍ରିକା 'ଦିବ୍ୟାଲୋକ ସନ୍ଧାନେ' ୨୩ ତମ ସ୍ୱନକ୍ଷତ୍ର ଦିବସ ଉପଲକ୍ଷେ ସତ୍‌ସଙ୍ଗ ଏବଂ ରାଜ୍ୟସ୍ତରୀୟ ସମ୍ବର୍ଦ୍ଧନା ସମାରୋହ ଉରାଳୀ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ନଛିପୁର ଗ୍ରାମରେ ଥିବା ପ୍ରାଚୀନ ଶୈବ ପୀଠ ଶ୍ରୀ କେଦାରେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି । ପତ୍ରିକାର ମୁଖ୍ୟ ସମ୍ପାଦକ ଡଃ ଶରତ କୁମାର ରଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସତ୍‌ସଙ୍ଗ କାର୍ଯ୍ୟକ୍ରମରେ ବିଶିଷ୍ଟ ସନ୍ଥ ସ୍ୱାମୀ ଭଗବତାନନ୍ଦ ସରସ୍ୱତୀ ମହାରାଜ ଉଦ୍‌ଘାଟକ, ପଦ୍ମଶ୍ରୀ ପଣ୍ଡିତ ଅନ୍ତର୍ଯ୍ୟାମୀ ମିଶ୍ର ମୁଖ୍ୟଅତିଥି, ଶ୍ରୀଜଗନ୍ନାଥ ସଂସ୍କୃତିର ପ୍ରଗଲ୍ଭ କଥାବାଚକ ଡାକ୍ତର ଆଶୁତୋଷ ପ୍ରସାଦ ମିଶ୍ର ମୁଖ୍ୟବକ୍ତା ଏବଂ ବାବାଜୀ ବିଶ୍ୱନାଥ ଦାସ ଏବଂ ଅବସରପ୍ରାପ୍ତ ଗଣ ଶିକ୍ଷା ନିର୍ଦ୍ଦେଶକ ଡଃ ଶରତ କୁମାର ବିଶ୍ୱାଳ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଶ୍ରୀ ଜଗନ୍ନାଥ ସଂସ୍କୃତି ଉପରେ ସାର ଗର୍ଭକ ଆଲୋଚନା କରିଥିଲେ । ଦିବ୍ୟାଲୋକ ସନ୍ଧାନରେ ଜାନୁଆରୀ ସଂଖ୍ୟାକୁ ଅତିଥି ମାନେ ଲୋକାର୍ପଣ କରିଥିଲେ । ପରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସମାରୋହରେ ଅନୁଷ୍ଠାନର ସର୍ବୋଚ୍ଚ ସମ୍ମାନ ଦିବ୍ୟାଲୋକ ସନ୍ଧାନେ ସମ୍ମାନ–୨୦୨୪' ପଣ୍ଡିତ ଅନ୍ତର୍ଯ୍ୟାମୀ ମିଶ୍ରଙ୍କୁ ପ୍ରଦାନ କରାଯାଇଥିଲା । ଏତଦ୍ ବ୍ୟତୀତ ଓଡ଼ିଶା ହାଇକୋର୍ଟର ଆଡ଼ଭୋକେଟ ଦେବସ୍ମାନ ଦାସ, କଟକଙ୍କୁ ଆଦର୍ଶ ଅଧିବକ୍ତା ସମ୍ମାନ, ଡଃ ଗୁରୁପ୍ରସାଦ ମହାପାତ୍ର, ଖୋର୍ଦ୍ଧାଙ୍କୁ 'ପ୍ରବକ୍ତା ରତ୍ନ', ଅଭିନନ୍ଦନ ଦାସ, ଜଗତସିଂହପୁରଙ୍କୁ 'ଶ୍ରୀଜଗନ୍ନାଥ ଗବେଷକ ଓ ପ୍ରଚାରକ ସମ୍ମାନ, ଚୌଧୁରୀ ଅମିତାଭ ଦାସ, କେନ୍ଦ୍ରାପଡ଼ାଙ୍କୁ 'ସାମ୍ବାଦିକ ଗୌରବ', ପ୍ରଫେସର ଡଃ ଶ୍ରୀକାନ୍ତ ଧରଙ୍କୁ 'ଚିକିତ୍ସକ ରତ୍ନ', ଡଃ ଛାୟାକାନ୍ତ ଷଡ଼ଙ୍ଗୀ, ଟିଟିଲାଗଡ଼ଙ୍କୁ ଆଦର୍ଶ ଲେଖକ, କଟକ ସଦର ଥାନାଧିକାରୀ ରଶ୍ମି ରଞ୍ଜନ ମହାପାତ୍ରଙ୍କୁ ଆଦର୍ଶ ଥାନା ଅଧିକାରୀ, ପାଲା ଗାୟକ ଯୁଧିଷ୍ଠିର ପରିଜା, ଖୋର୍ଦ୍ଧାଙ୍କୁ 'ଗାୟକ ଗୌରବ' ଏବଂ ଇଂ. ଅଭିଷେକ ମେମୋରିଆଲ ଚାରିଟେବଲ ଟ୍ରଷ୍ଟ, କଟକକୁ 'ଆଦର୍ଶ ସମାଜସେବୀ ଅନୁଷ୍ଠାନ' ଭାବେ ରାଜ୍ୟସ୍ତରୀୟ ସମ୍ମାନରେ ସମ୍ମାନିତ କରାଯାଇଥିଲା । ସାମ୍ବାଦିକ ରାଜେନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ 'ମୋ ଜୀବନରେ ଈଶ୍ୱର ବିଷୟବସ୍ତୁ ଉପରେ ଏକ ସାମୁହିକ ଆଲୋଚନା ଚକ୍ରରେ ଆନ୍ତର୍ଜାତିକ ବାସ୍ତୁବିତ ଡଃ ମନୋଜ ଲେଙ୍କା, ଗାୟକ ସୁରେନ୍ଦ୍ର ନାଥ ଛୋଟରାୟ, ପଣ୍ଡିତ କୃଷ୍ଣଚନ୍ଦ୍ର ନନ୍ଦ ଶର୍ମା, ସମାଜସେବୀ ପ୍ରକାଶ ନାୟକ, ଲେଖକ କାର୍ତ୍ତିକ ଚନ୍ଦ୍ର ଷଡ଼ଙ୍ଗୀ ପ୍ରମୁଖ ବହୁ ବିଶିଷ୍ଟବକ୍ତା ନିଜସ୍ୱ ମତ ରଖିଥିଲେ ।





# ସଡ଼କ ଦୁର୍ଘଟଣା:ଜୀବନ ରକ୍ଷା କରିଥିବା ୯ ଜଣଙ୍କୁ 'ଗୁଡ୍ ସମରିଟାନ ଆୱାର୍ଡ ପ୍ରଦାନ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ସଡ଼କ ସୁରକ୍ଷା ସମିତି ଆନୁକୂଲ୍ୟରେ ଆୟୋଜିତ ସଡ଼କ ସୁରକ୍ଷା ସପ୍ତାହ (୧ରୁ ୭ ଜାନୁଆରୀ)–୨୦୨୪ ପାଳନ ଉଦ୍‌ଯାପିତ ହୋଇଯାଇଛି । କେନ୍ଦ୍ରାପଡ଼ା ପୌର ପରିଷଦ ଟାଉନ୍ ହଲ୍ ଠାରେ ଜିଲ୍ଲା ପରିବହନ ଅଧିକାରୀ ଧୀରେନ୍ଦ୍ର କୁମାର ନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ନିଲୁ ମହାପାତ୍ର ସଡ଼କ ସୁରକ୍ଷାର ସମସ୍ତ ନିୟମକୁ ମାନିବା ପାଇଁ ଆହ୍ୱାନ ଜଣାଇଥିଲେ । ଏହି ସପ୍ତାହ ପାଳନର ଥିମ୍ 'ସଡ଼କ ସୁରକ୍ଷା, ପରିବାର ରକ୍ଷା' ଉପରେ ଏକ ସାରଗର୍ଭକ ସମ୍ଭାଷଣ ପ୍ରଦାନ କରିଥିଲେ । ଉତ୍ସବର ମୁଖ୍ୟବକ୍ତା ଅବସରପ୍ରାପ୍ତ ପ୍ରଫେସର ନନ୍ଦ କିଶୋର ପରିଡ଼ା । ଦୁର୍ଘଟଣାର ଗୋଲଡେନ୍ ଆୱାର୍‌ରେ (ଦୁର୍ଘଟଣାର ୧ ଘଣ୍ଟା ମଧ୍ୟରେ) ଦୁର୍ଘଟଣାଗ୍ରସ୍ତ ଲୋକଙ୍କୁ ଡାକ୍ତରଖାନାରେ ପହଞ୍ଚାଇ ସେମାନଙ୍କ ଜୀବନ ରକ୍ଷା କରିବାରେ ଗୁରୁ ଦାୟିତ୍ୱ ତୁଲାଇଥିବା ୯ ଜଣ ସୁନାଗରିକଙ୍କୁ ଉତ୍ତରୀୟ, ପ୍ରମାଣପତ୍ର ଓ ଫାଷ୍ଟଏଡ୍ କିଟ୍ ଦେଇ 'ଗୁଡ୍ ସମରିଟାନ୍ ଆୱାର୍ଡ଼' ପ୍ରଦାନ କରାଯାଇଥିଲା । ଜିଲ୍ଲା ଲୋକ ସମ୍ପର୍କ ସୂଚନା ଅଧିକାରୀ ଆଲୋକ କୁମାର ମହାନ୍ତି ସଭା ପରିଚାଳନାରେ ସହାୟତା କରିଥିବା ବେଳେ କାର୍ଯ୍ୟକ୍ରମରେ ଉପସ୍ଥିତ ସମସ୍ତ ଛାତ୍ରଛାତ୍ରୀ, କର୍ମଚାରୀ ଓ ଅତିଥିଙ୍କୁ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାସ ଚନ୍ଦ୍ର ଦାସ ସଡ଼କ ସୁରକ୍ଷାର ଶପଥପାଠ କରାଇଥିଲେ । ଏହି ଉପଲକ୍ଷେ ତିନିମୁହାଣୀ ଠାରୁ ଏକ ସଚେତନତା ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିଥିଲା । ଏହି ସଚେତନା ଶୋଭାଯାତ୍ରାକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ନିଲୁ ମହାପାତ୍ର । ସ୍କୁଲ କଲେଜ୍ ଛାତ୍ରଛାତ୍ରୀଙ୍କ ସହ ପଟ୍ଟାମୁଣ୍ଡାଇ ସବ୍‌ରେଜିଷ୍ଟ୍ରାର୍ ଅଶୋକ କୁମାର ମହାନ୍ତି, ଆର୍‌ଟିଓ ଧୀରେନ୍ଦ୍ର କୁମାର ନାୟକ, କେନ୍ଦ୍ରାପଡ଼ା ଟାଉନ୍ ଥାନା ଆଇଆଇସି ଦିଲ୍ଲୀପ କୁମାର ସାହୁ ପ୍ରମୁଖ ସ୍ଲୋଗାନ୍ ଦେଇ ଲୋକମାନଙ୍କୁ ସଚେତନ କରାଇଥିଲେ ।

# ବିକାଶର ହିସାବ ଓ ଉନ୍ନୟନର ତାଲିକା ଦେଲେ ବିଧାୟକ

**ବାଲେଶ୍ୱର, ନ୍ୟୁଜ୍**

ଦ୍ୱିତୀୟ ଦଫା ବିଧାୟକ ପାଳିର ଅଦ୍ୟାବଧି ପର୍ଯ୍ୟନ୍ତ ୪ବର୍ଷ ୮ମାସର କାର୍ଯ୍ୟ ଅବଧି ମଧ୍ୟରେ ତାଙ୍କ ଉଦ୍ୟମରେ ହୋଇଥିବା ଉନ୍ନୟନ କାର୍ଯ୍ୟର ବିସ୍ତୃତ ତାଲିକା ଓ ମିଳିଥିବା ଅନୁଦାନ ଅର୍ଥର ବିଶଦ ବିବରଣୀ ବଖାଣିଛନ୍ତି ନୀଳଗିରି ବିଧାୟକ ସୁକାନ୍ତ ନାୟକ । ନୀଳଗିରି ବିଜେପି କାର୍ଯ୍ୟାଳୟ ଠାରେ ସାମ୍ବାଦିକ ମାନଙ୍କୁ ସମ୍ବୋଧନ କରି ବିଧାୟକ ଶ୍ରୀ ନାୟକ କହିଥିଲେ ଯେ, ତାଙ୍କ ଉଦ୍ୟମ ଯୋଗୁଁ ବିଗତ ୪ ବର୍ଷ ୮ ମାସ ମଧ୍ୟରେ ନୀଳଗିରି ନିର୍ବାଚନ ମଣ୍ଡଳୀକୁ ୧ ହଜାର ୪୦ କୋଟି ୬୯ ଲକ୍ଷ ଟଙ୍କା ଅନୁଦାନ ମିଳିଛି । ଏହା ସହିତ ୫ ବର୍ଷର ବିଧାୟକ ଅଞ୍ଚଳ ଉନ୍ନୟନ ପାଣ୍ଠି, ସାଂସଦ ଅଞ୍ଚଳ ପାଣ୍ଠି, ସ୍ୱତନ୍ତ୍ର ସମସ୍ୟା ପାଣ୍ଠି (ଏସ୍ପିଏଫ୍), ସିଜିଏଫ ଅନୁଦାନ ସହିତ ନୀଳଗିରି ଏନ୍‌ଏସିକୁ ମିଳିଥିବା ବିଭିନ୍ନ ଯୋଜନାର ଅନୁଦାନ, ମେଗା ପାନୀୟ ଜଳ ପ୍ରକଳ୍ପ ପ୍ରଭୃତି ଅନୁଦାନକୁ ହିସାବକୁ ନେଲେ, ମଞ୍ଜୁର ହୋଇଥିବା ଅନୁଦାନ ପରିମାଣ ପ୍ରାୟ ୨ ହଜାର କୋଟି ଟଙ୍କାରୁ ଉର୍ଦ୍ଧ୍ୱ ହେବ ବୋଲି ବିଧାୟକ ଶ୍ରୀ ନାୟକ ମତ ଦେଇଥିଲେ । ତାଙ୍କର ଦ୍ୱିତୀୟ ଦଫା କାର୍ଯ୍ୟକାଳ ସମୟରେ ୧୦୭ଟି ଉଠା ଜଳସେଚନ ପଏଣ୍ଟ ଖନନ ପାଇଁ ୨୬ କୋଟି ୮୯ ଲକ୍ଷ ଟଙ୍କା, ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ରାସ୍ତା, ପୋଲ, ଗୃହ ନିର୍ମାଣ ପ୍ରଭୃତି ଉନ୍ନୟନ କାର୍ଯ୍ୟ ପାଇଁ ୨୩୪ କୋଟି ୫୪ ଲକ୍ଷ ଟଙ୍କା ଅନୁଦାନ ମଞ୍ଜୁର ହୋଇଛି । ସେହିପରି ଡ୍ରେନେଜ୍ ବିଭାଗ ପକ୍ଷରୁ ୧୫ କୋଟି ୨୪ ଲକ୍ଷ ଟଙ୍କା, ଜଳସେଚନ ବିଭାଗ ପକ୍ଷରୁ କେବଳ ଆନନ୍ଦପୁର ବ୍ୟାରେଜ୍‌ର କେନାଲ ନିର୍ମାଣ ପାଇଁ ୨୧୨ କୋଟି ଟଙ୍କା ମଞ୍ଜୁର ହୋଇଛି । ସେହି ବିଭାଗର ଅନ୍ୟ ୧୭ଟି ପ୍ରକଳ୍ପ ପାଇଁ ନୀଳଗିରିକୁ ୧୨ କୋଟି ୮୩ ଲକ୍ଷ ଟଙ୍କା ମଞ୍ଜୁର ହୋଇଛି । କ୍ଷୁଦ୍ର ଜଳସେଚନ ବିଭାଗ ପକ୍ଷରୁ ନୀଳଗିରି ନିର୍ବାଚନ ମଣ୍ଡଳୀକୁ ୧୭ କୋଟି ୭୭ ଲକ୍ଷ ଟଙ୍କା ଓ ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ ପକ୍ଷରୁ ୧୪୬ଟି ନୂତନ ନଳକୂପ ଖନନ କରାଯାଇଥିବା ବେଳେ ୨୭ଟି ପାନୀୟ ଜଳ ପ୍ରକଳ୍ପକୁ ସୌର ବିଦ୍ୟୁତ୍ ଚାଳିତ କରାଯାଇଛି । ଏହି ବିଭାଗ ଅନୁକୂଳ୍ୟରେ ନୀଳଗିରି ନିର୍ବାଚନ ମଣ୍ଡଳୀର ପାନୀୟ ଜଳ ସମସ୍ୟାର ନିରାକରଣ ପାଇଁ ବିଭିନ୍ନ ପର୍ଯ୍ୟାୟରେ ୨୫ କୋଟି ୫୯ ଲକ୍ଷ ଟଙ୍କା ମଞ୍ଜୁର କରାଯାଇଛି । ବରିଷ୍ଠ ଭାଜପା ନେତା ତଥା ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ ଉଦ୍ୟମରେ ଶେରଗଡ଼ ମିଦିନାପୁର ବର୍ଡର ଭାୟା–ନୀଳଗିରି, ଝରଣଘାଟୀ ୧୯ ନମ୍ବର ରାଜ୍ୟ ରାଜପଥର ଶେରଗଡ଼ରୁ ଝରଣଘାଟୀ ପର୍ଯ୍ୟନ୍ତ ରାସ୍ତାକୁ ୪ ଲେନ୍ ବିଶିଷ୍ଟ ରାସ୍ତା ଭାବରେ ନିର୍ମାଣ କାର୍ଯ୍ୟ ଦ୍ରୁତଗତିରେ ଚାଲିଛି । ଏଥି ପାଇଁ କେନ୍ଦ୍ର ସରକାର ପ୍ରାରମ୍ଭିକ ପର୍ଯ୍ୟାୟରେ ୧୨୫ କୋଟି ଟଙ୍କା ଅନୁଦାନ ମଞ୍ଜୁର କରିଥିବାରୁ ବିଧାୟକ ଶ୍ରୀ ନାୟକ ସାଂସଦ ଓ କେନ୍ଦ୍ର ସରକାରଙ୍କୁ ଧନ୍ୟବାଦ ଦେଇଥିଲେ । ଏହି ସମ୍ବାଦଦାତା ସମ୍ମିଳନୀରେ ଭାଜପା ଜିଲ୍ଲା ଉପ–ସଭାପତି ଗଙ୍ଗାଧର ମିଶ୍ର, ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ ବ୍ୟକ୍ତିଗତ ସହାୟକ ଚନ୍ଦ୍ରବିନ୍ଦୁ ଦାସଙ୍କ ସମେତ, ଦଳର ବରିଷ୍ଠ ନେତା ରାଧା ଗୋବିନ୍ଦ ଖଟୁଆ, ଚନ୍ଦ୍ରଶେଖର ନନ୍ଦ, ସୁଦାମ ନାୟକ, ଭାଗବତ ଖିଲାର, ଉପେନ୍ଦ୍ର ଦାସ, ସଞ୍ଜୟ ସିଂ, ସୂର୍ଯ୍ୟକାନ୍ତ ବିଶ୍ୱାଳ, ଜୟନ୍ତ ପୁଟି, ସନ୍ତୋଷ ମହାପାତ୍ର ଓ ଅନ୍ୟାନ୍ୟ ନେତୃବୃନ୍ଦ ଉପସ୍ଥିତ ଥିଲେ ।





# ମା' ମଙ୍ଗଳା ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ

**ବାରଙ୍ଗ, ନ୍ୟୁଜ୍ ବ୍ୟୁରୋ**

ବାରଙ୍ଗ ବ୍ଲକ୍ ଅନ୍ତର୍ଗତ ପାଟପୁର ସାମନ୍ତସାହିରେ ମା' ଜଗଦ୍ଧାତ୍ରୀ ମଙ୍ଗଳାଙ୍କ ପବିତ୍ର ପୀଠସ୍ଥଳୀରେ ବିଶ୍ୱଶାନ୍ତି ମାହାଯଜ୍ଞ ଅନୁଷ୍ଠିତ ହୋଇଛି । ପାଟପୁର ସାମନ୍ତସାହିର ଗ୍ରାମବାସୀଙ୍କ ତରଫରୁ ଏହି ମହାଯଜ୍ଞ ପ୍ରଥମ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ ଭକ୍ତିପୂର୍ଣ୍ଣ ପରିବେଶ ମଧ୍ୟରେ କରାଯାଇଥିଲା । ଏହି ବିଶ୍ୱଶାନ୍ତି ମହାଯଜ୍ଞ ୩ ଦିନ ବ୍ୟାପି ଅନୁଷ୍ଠିତ ହୋଇଥିଲା । ପୂଜାକାର୍ଯ୍ୟରେ ପଞ୍ଚୁ ବସ୍ତିଆ ଓ ତାଙ୍କର ସହଧର୍ମିଣୀ ସବିତା ବସ୍ତିଆ ମା' ଜଗଦ୍ଧାତ୍ରୀ ମଙ୍ଗଳାଙ୍କ କର୍ତ୍ତାକର୍ତ୍ତୀ ହୋଇଥିଲେ । ରବିବାର ଦିନ କାଠଯୋଡି ନଦୀରୁ ୧୦୮ କଳସ ଯାତ୍ରା, ଘଟସ୍ଥାପନ ଓ ଅଙ୍କୁରା ରୋପଣ କରାଯାଇଥିଲା । ସୋମବାର ଦିନ ପ୍ରାପ୍ତ ସମୟରେ ବେଦପାଠ, ସୂର୍ଯ୍ୟପୂଜା, ଗୋପୂଜା, ଶାଳା ସଂସ୍କାର, ଅଗ୍ନି ସ୍ଥାପନ, ଷୋଡଶ ଉପଚାର ପୂଜା, ମଣ୍ଡଳ ଆଦି ପୂଜା, ଗୀତା ଆହୁତି ଓ ମହାଯଜ୍ଞ ହୋଇଥିଲା ଏବଂ ମଙ୍ଗଳବାର ସନ୍ଧ୍ୟାରେ ପୂର୍ଣ୍ଣାହୂତୀ ସହିତ ପ୍ରତ୍ୟେକ ଦିନ ସନ୍ଧ୍ୟା ସମୟରେ ସଂକୀର୍ତ୍ତନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।



# ଯାଜପୁର ଜିଲ୍ଲାସ୍ତରୀୟ ସଡ଼କ ସୁରକ୍ଷା ସପ୍ତାହ ଉଦ୍‌ଯାପିତ

**ଯାଜପୁର, ନ୍ୟୁଜ୍ ବ୍ୟୁରୋ**

ଯାଜପୁର ଜିଲ୍ଲାସ୍ତରୀୟ ସଡ଼କ ସୁରକ୍ଷା ସପ୍ତାହ ଉଦ୍‌ଯାପନୀ ଉତ୍ସବ ଯାଜପୁର ସୁନ୍ଦରପୁରସ୍ଥ ଯାଜପୁର ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ପରିସରରେ ମହାସମାରୋହରେ ପାଳିତ ହୋଇଯାଇଛି । ଯାଜପୁର ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ଓ ଚଣ୍ଡିଖୋଲ ଆଞ୍ଚଳିକ ପରିବହନର ମିଳିତ ଉଦ୍ୟମରେ ଆୟୋଜିତ ଏହି ଭବ୍ୟ ଉଦ୍‌ଯାପନୀ ଉତ୍ସବକୁ ରାଜ୍ୟ ପରିହବନ ପ୍ରାଧିକରଣ (ଏସ.ଟି.ଏ)ର ଆଡ଼ିସନାଲ୍ କମିସନର ଇନ୍ଦ୍ରମଣୀ ନାୟକ ଓ ଏସ.ଟି.ଏ ର ସମ୍ପାଦକ ବ୍ରଜ ବନ୍ଧୁ ଭୋଳ, ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ । ଯାଜପୁର ଆର.ଟି.ଓ ନୀଳକଣ୍ଠ ପ୍ରଧାନ, ଏମ୍.ଭି.ଆଇ ଦୀପକ କୁମାର ସେଠୀ ଓ ଯାଜପୁର ଆର.ଟି.ଓ ଅଫିସର ବରିଷ୍ଠ ସହାୟକ (ଅର୍ଥ) ସୁଦୀପ୍ତ କୁମାର ସାହୁଙ୍କ ପ୍ରଗାଢ଼ ଉଦ୍ୟମରେ ଆୟୋଜିତ ଏହି ଉତ୍ସବରେ ଅନ୍ୟତମ ସମ୍ମାନିତ ଅତିଥିଭାବେ ଏନ୍.ଏଚ୍.ଆଇର ପ୍ରକଳ୍ପ ନିର୍ଦ୍ଦେଶକ ଜେ.ପି ବର୍ମା, ଏନ୍.ଆଇ.ସିର ନିର୍ଦ୍ଦେଶକ ପି.କେ. ନାୟକ, ଡ଼େପୁ୍ୟଟି କମିଶନର ଟ୍ରାନ୍ସପୋର୍ଟ ଏସ୍.ଏନ୍. ସରିକା, ଚଣ୍ଡିଖୋଲ ଆର.ଟି.ଓ ସମ୍ବିତ୍ କୁମାର, କନିଷ୍ଠ ଏମ୍.ଭି.ଆଇ ପ୍ରଦୀପ୍ତ କିଶୋର ବେହେରା, ଟ୍ରାଫିକ୍ ଇନ୍‌ସ୍ପେକ୍ଟର ରଜତ୍ ଶତପଥି ପ୍ରମୁଖ ଏହି ଉତ୍ସବରେ ବକ୍ତବ୍ୟ ପ୍ରଦାନ କରି ଜନସାଧାରଣ ସଡ଼କ ସୁରକ୍ଷା ନିୟମକୁ କଡ଼ାକଡ଼ି ପାଳନ କରିବାକୁ ଆହ୍ୱାନ ଦେଇଥିଲେ । ରାସ୍ତା ଦୁର୍ଘଟଣା କମାଇବା ପାଇଁ ସରକାର ବିଭିନ୍ନ ଅତ୍ୟାଧୁନିକ ପଦକ୍ଷେପ ନେଉଛନ୍ତି । ଏହି ନିୟମ ଗୁଡ଼ିକୁ ସମସ୍ତେ ଠିକ୍ ଭାବେ ମାନିଲେ ଏହି ସଡ଼କ ସୁରକ୍ଷା ସପ୍ତାହ ପାଳନର ଯଥାର୍ଥତା ରହିବ । ଚଳିତ ବର୍ଷର ପ୍ରସଙ୍ଗ 'ସଡ଼କ ସୁରକ୍ଷା ପରିବାର ରକ୍ଷା' ଉପରେ ବକ୍ତାମାନେ ଆଲୋକପାତ କରିଥିଲେ । ଖୁସି କୁମାରଙ୍କ ଦ୍ୱାରା ସଞ୍ଚାଳିତ ଏହି ଉତ୍ସବରେ ଯାଜପୁର ଆର.ଟି.ଓ ଅଫିସର ସମରଜିତ୍ ସାହୁ, ଆଶିଷ ରଞ୍ଜନ ସାହୁ, ଦୟାକର ସାହୁ, ସତ୍ୟରଞ୍ଜନ ପତି, ମେରୁନ ବିଶ୍ୱାଳ ଓ ପୁଷ୍ପଲତା ରାଉତ ପ୍ରମୁଖ ଉତ୍ସବକୁ ପରିଚାଳନା କରିଥିଲେ । ଏହି ଉତ୍ସବରେ ଜିଲ୍ଲାର ବିଭିନ୍ନ ଟ୍ରକ୍, ବସ୍ ଆସୋସିଏସନ୍ ଓ ସ୍କୁଲ୍ କଲେଜର ଛାତ୍ରଛାତ୍ରୀ, ସ୍ୱେଚ୍ଛାସେବୀ ସଙ୍ଗଠନ ମାନଙ୍କୁ ପୁରସ୍କାର ଓ ସମ୍ବର୍ଦ୍ଧିତ କରାଯାଇଥିଲା ।

# ଲୁଇସ୍ ବ୍ରେଲ୍ ଥିଲେ ଦୃଷ୍ଟିବାଧିତ ସମାଜର ପଥ ପ୍ରଦର୍ଶକ




**ବାରଙ୍ଗ, ନ୍ୟୁଜ୍ ବ୍ୟୁରୋ**

ଲୁଇସ୍ ବ୍ରେଲ୍ ଥିଲେ ଦୃଷ୍ଟିବାଧିତ ସମାଜର ଆଦ୍ୟ ପଥ ପ୍ରଦର୍ଶକ। ତାଙ୍କର ଅବଦାନ ଅନନ୍ୟ, ଦୃଷ୍ଟିବାଧିତଙ୍କ ପଢ଼ିବା ଓ ଲେଖିବା ପାଇଁ ଉଦ୍ଦିଷ୍ଟ ବ୍ରେଲ୍ ଲିପିର ସ୍ରଷ୍ଟା ଥିଲେ ଲୁଇସ୍ ବ୍ରେଲ୍। ବ୍ରେଲ୍ ଲିପି ଦ୍ୱାରା ଦୃଷ୍ଟିବାଧିତଙ୍କ ଜୀବନରେ ଯେଉଁ ଆଲୋକ ଆଣିଛନ୍ତି, ସେ ଚିର ନମସ୍ୟ ଓ ଚିରସ୍ମରଣୀୟ ବୋଲି ବିଶ୍ୱ ବ୍ରେଲ୍ ଦିବସ ପାଳନ ଅବସରରେ ଯୋଗଦେଇଥିବା ଅତିଥିମାନେ ମତ ପ୍ରକାଶ କରିଥିଲେ। ରାଜ୍ୟର ଦୃଷ୍ଟିବାଧିତଙ୍କ ବିକାଶ ଲାଗି କାର୍ଯ୍ୟ କରୁଥିବା ସାମାଜିକ ଅନୁଷ୍ଠାନ 'ବିଚ୍ଛନ୍ଦ ଟ୍ରଷ୍ଟ ଅଫ୍ ୱେଲ୍‌ଫେୟାର' ଏବଂ 'ବୁଲ୍‌ସ ଆଇ'ର ମିଳିତ ସହଯୋଗରେ ନନ୍ଦନକାନନ ନିକଟସ୍ଥ ଏକ ମଣ୍ଡପ ପରିସର ମଧ୍ୟରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ରୂପେ ଶାନ୍ତିଧାମ ଫାଉଣ୍ଡେସନ୍‌ର ପ୍ରତିଷ୍ଠାତା ସୌଭାଗ୍ୟ ରାଉତରାୟ, ସମ୍ମାନିତ ଅତିଥି ରୂପେ ଟ୍ରିଷ୍ଟାର ସଫ୍ଟୱେୟାର ଆଣ୍ଡ ସଲ୍ୟୁସନ୍‌ର ଜ୍ଞାନଭୂଷଣ ଗୁପ୍ତା, ଜେଏସ୍‌ପି ଫାଉଣ୍ଡେସନ୍‌ର ଅଧିକାରୀ ସୁବ୍ରତ ତ୍ରିପାଠୀ, ଅଭିଳାଷ ମୁଦୁଲି, ବିଚ୍ଛନ୍ଦ ଟ୍ରଷ୍ଟ ଅଫ୍ ୱେଲଫେୟାର ଅଧ୍ୟକ୍ଷ ପ୍ରକାଶ କୁମାର ମହାପାତ୍ର, ଦର୍ଶନ ବିଭାଗର ଅଧ୍ୟାପକ ଶେଖ୍ ସାମଦ କଳାପାହାଡ଼, ବୁଲ୍‌ସ ଆଇର ଅଧ୍ୟକ୍ଷ ତ୍ରିଲୋଚନ ବେଉରା, ରାଜ୍ୟର ପ୍ରଥମ ଦୃଷ୍ଟିବାଧିତ ପାରାସେଲର ବାପିନା ନାୟକ, ସାମାଜିକ କର୍ମୀ ନକୁଳ ହରିଚନ୍ଦନ, ପ୍ରିୟବ୍ରତ ପଣ୍ଡା ପ୍ରମୁଖ ଯୋଗଦେଇ ଲୁଇସ୍ ବ୍ରେଲ୍‌ଙ୍କ ଜୀବନ ସଂଘର୍ଷ ଓ ତାଙ୍କର ସମାଜ ପ୍ରତି ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ । ଏହି ଅବସରରେ ଏକଶହ ଦୃଷ୍ଟିବାଧିତଙ୍କୁ କମ୍ବଳ ଓ ମଶାରୀ ବଣ୍ଟନ କରାଯାଇଥିଲା। ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବିଚ୍ଛନ୍ଦ ଟ୍ରଷ୍ଟ ଅଫ୍ ୱେଲଫେୟାର ଅଧ୍ୟକ୍ଷ ପ୍ରକାଶ କୁମାର ମହାପାତ୍ରଙ୍କୁ 'ବୁଲ୍‌ସ ଆଇ' ପକ୍ଷରୁ ମୋମେଣ୍ଟୋ, ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ଉପସ୍ଥିତ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ସାମାଜିକ ଅନୁଷ୍ଠାନ ଶାନ୍ତିଧାମ ଫାଉଣ୍ଡେସନ, ୟୁକୋ ବ୍ୟାଙ୍କ ଜୋନାଲ୍ ବ୍ରାଞ୍ଚ, ଜେଏସ୍‌ପି ଫାଉଣ୍ଡେସନ୍ ପ୍ରମୁଖ ସଂସ୍ଥା ସହଯୋଗ କରିଥିଲେ।





**ଯାଜପୁର:** କୋରାଇ ବ୍ଲକ ଧନେଶ୍ୱର ଗ୍ରାମପଞ୍ଚାୟତ ଅନ୍ତର୍ଗତ ବେଗନା ଗ୍ରାମରେ କୋରାଇ ବିଧାୟକ ଅଶୋକ କୁମାର ବଳ, ଜିଲ୍ଲା ପରିଷଦ ସଭାପତି ନଳିନୀପ୍ରଭା ଜେନା, ମଣ୍ଡଳ ଉନ୍ନୟନ ଅଧିକାରୀ ଅଶୋକ କୁମାର ମାଝୀଙ୍କ ସମେତ ବହୁ ଜଗନ୍ନାଥଙ୍କ ଭକ୍ତ ଏବଂ ସନାତନପ୍ରେମୀ ଘଣ୍ଟ ଘଣ୍ଟା ହରିବୋଲ ହୁଳହୁଳି ଶୋଭାଯାତ୍ରାରେ ଅରୁଆ ଚାଉଳ ଓ ଗୁଆ ସଂଗ୍ରହ କରୁଛନ୍ତି **(ଫଟୋ: ସମ୍ବାଦ କଳିକା)**

## ସ୍କୁଲ୍ ସାମଗ୍ରୀ ଚୋରି ନେଇ ଥାନାରେ ଅଭିଯୋଗ

**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

ବୌଦ୍ଧ ଜିଲ୍ଲା ହରଭଙ୍ଗା ଥାନା ତିରଡ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପରିଚାଳନା କମିଟି ସଭାପତି ବିନା ଅନୁମତିରେ ବିଦ୍ୟାଳୟରେ ଥିବା ପୁରୁଣା ସାମଗ୍ରୀକୁ ବିକ୍ରି କରିଥିବା ନେଇ ପ୍ରଧାନ ଶିକ୍ଷକ ଓ ପରିଚାଳନା କମିଟିର ସଦସ୍ୟମାନେ ହରଭଙ୍ଗା ଥାନାରେ ମଙ୍ଗଳବାର ଦିନ ଏକ ଲିଖିତ ଅଭିଯୋଗ କରିଥିବା ଜଣାପଡ଼ିଛି। ସୂଚନା ମତେ ବିଦ୍ୟାଳୟର ନୂତନ କୋଠା ନିର୍ମାଣ ଚାଲିଥିବା ବେଳେ ପୂର୍ବରୁ ପୁରୁଣା କୋଠାର ଥିବା ଆଜବେଷ୍ଟ, ରାଉଟର, କବାଟ, ଝରକା ଏପରିକି ଜାଲେଣୀ କାଠ ସହ ଗତ ଏକ୍‌ମାସ ଛୁଟି ଭିତରେ ଖୋଦ୍ ବିଦ୍ୟାଳୟର ପରିଚାଳନା କମିଟିର ସଭାପତି ବିଦ୍ୟାଳୟର କମିଟି ଓ ପ୍ରଧାନ ଶିକ୍ଷକଙ୍କର ବିନା ଅନୁମତିରେ ବାହାରେ ବିକ୍ରି କରିଦେଇଥିଲେ। ଏକଥା ଜାଣିବା ପରେ ଘଟଣା ସମ୍ପର୍କରେ ସଭାପତିଙ୍କୁ ପଚାରିବାରୁ କିଛି ଜାଣିନଥିବା ପ୍ରକାଶ କରିଥିଲେ। ଯାହାଫଳରେ ସଭାପତିଙ୍କ ମନମୁଖୀ କାର୍ଯ୍ୟକଳାପକୁ ସନ୍ଦେହ କରି ହରଭଙ୍ଗା ଥାନାରେ ପ୍ରଧାନ ଶିକ୍ଷକ ନାରାୟଣ ବେହେରା ଲିଖିତ ଅଭିଯୋଗ କରିଛନ୍ତି। ଘଟଣାକୁ ନେଇ ହରଭଙ୍ଗା ଥାନା ପୋଲିସ୍ ସଭାପତିଙ୍କୁ ଥାନାକୁ ଆଣି ପଚରା ଉଚରା କରୁଥିବା ପୋଲିସ୍ ପକ୍ଷରୁ ସୂଚନା ମିଳିଛି।

# ଜିଲ୍ଲାରେ ବିଏସ୍‌କେୱାଇ ନବୀନ କାର୍ଡ ସଚେତନତା ରଥ ପରିକ୍ରମା

**ଜଗତସିଂହପୁର, ନ୍ୟୁଜ୍ ବ୍ୟୁରୋ**



ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଠାରେ ବିଏସ୍‌କେୱାଇ ନବୀନ କାର୍ଡ ସଚେତନତା ରଥକୁ ପତାକା ଦେଖାଇ ଜିଲ୍ଲାପାଳ ପାରୁଲ ପଟାୱରି ଶୁଭାରମ୍ଭ କରିଛନ୍ତି। ଜିଲ୍ଲାପାଳ ଏହି ପରିପ୍ରେକ୍ଷୀରେ ସମସ୍ତ ହିତାଧିକାରୀ ମାନଙ୍କୁ ଏହି ଦେୟମୁକ୍ତ ସ୍ୱାସ୍ଥ୍ୟସେବାର ଲାଭ ନେବା ପାଇଁ କହିଛନ୍ତି। ଆସନ୍ତା ୬ ତାରିଖରୁ ୧୬ ତାରିଖ ପର୍ଯ୍ୟନ୍ତ ପୂର୍ବରୁ ବିଏସ୍‌କେୱାଇ କାର୍ଡରେ ପଞ୍ଜୀକୃତ ହୋଇନଥିବା (ନିୟମିତ ସରକାରୀ କର୍ମଚାରୀ, ପେନ୍‌ସନ୍ ଧାରି ଏବଂ ଆୟକର ଦାତାଙ୍କ ବ୍ୟତୀତ) ସବୁ ଗ୍ରାମୀଣ ପରିବାରମାନେ ନିଜର ପଞ୍ଜୀକରଣ କରିପାରିବେ। ପଞ୍ଜୀକରଣ କେବଳ ଅନ୍‌ଲାଇନ୍ ମାଧ୍ୟମରେ ହୋଇପାରିବ। ହିତାଧିକାରୀ ମାନେ ନିକଟସ୍ଥ ମୋ ସେବା କେନ୍ଦ୍ରରେ ବିନା ମୂଲ୍ୟରେ ଏହି ପଞ୍ଜୀକରଣ କରିପାରିବେ। ଓଡ଼ିଶା ସରକାରଙ୍କ ଏହି ନୂତନ ବ୍ୟବସ୍ଥା ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରାଇବା ନିମନ୍ତେ ଜଗତସିଂହପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ସଚେତନତା ରଥ ପ୍ରତ୍ୟେକ ବ୍ଲକ୍‌ରେ ପରିକ୍ରମା କରିବ, ଏହାସହ ବିଭିନ୍ନ ଲିଫଲେଟ୍, ପାମ୍ଫ୍ଲେଟ୍ ମାଧ୍ୟମରେ ମଧ୍ୟ ଏହି ସୂଚନା ଜନସାଧାରଣଙ୍କ ପାଖରେ ପହଞ୍ଚାଇବାକୁ ଜିଲ୍ଲା ପ୍ରଶାସନ ଉଦ୍ୟମ ଆରମ୍ଭ କରିଛି ବୋଲି କହିଥିଲେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଶ୍ରୀ କ୍ଷେତ୍ରବାସୀ ଦାଶ । ଏହି ଅଭିଯାନରେ ଆଶା କର୍ମୀ, ସ୍ୱୟଂ ସହାୟକ ଗୋଷ୍ଠୀ, ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ତଥା ସମସ୍ତ ବିଭାଗର ଅଧିକାରୀ ମାନଙ୍କୁ ମଧ୍ୟ ସାମିଲ କରାଯାଇଛି। ଏହି ସଚେତନତା ରଥର ଶୁଭାରମ୍ଭ ସମୟରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ପ୍ରମୋଦ କୁମାର ବାରିକ, ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଅଜୟ ସ୍ୱାଇଁ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ, ଜିଲ୍ଲା ପ୍ରୋଗ୍ରାମ ମ୍ୟାନେଜର୍ ଚକ୍ରଧର ଜେନା, ଜିଲ୍ଲା ଆକାଉଣ୍ଟ ମ୍ୟାନେଜର୍ ନୀଳ ମାଧବ ରଥ, ଜିଲ୍ଲା ଜନସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ ସଚଳା ମହାନ୍ତି, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାର ରାଜା କ୍ରାନ୍ତି ପ୍ରସାଦ ବିଶ୍ୱାଳ, ସ୍ୱାସ୍ଥ୍ୟ ମିତ୍ର, ନର୍ସିଂ ଅଫିସର, ଆଶା ଦିଦିଙ୍କ ସମେତ ମୁଖ୍ୟ ଚିକିତ୍ସାଳୟର ଅନ୍ୟାନ୍ୟ କର୍ମଚାରୀ ଓ ଜନସାଧାରଣ ଉପସ୍ଥିତ ଥିଲେ।

# ବାଲେଶ୍ୱର ଜିଲ୍ଲାର ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶିତ

**ବାଲେଶ୍ୱର, ନ୍ୟୁଜ୍**

ଭାରତର ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶ କ୍ରମେ ବାଲେଶ୍ୱର ଜିଲ୍ଲାର ଚୂଡାନ୍ତ ଭୋଟର ତାଲିକା ପ୍ରକାଶ ପାଇଛି। ସକାଳ ୧୦.୩୦ ମିନିଟ୍ ସମୟରେ ସ୍ଥାନୀୟ ମହାତ୍ମା ଗାନ୍ଧୀ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏକ ସଂକ୍ଷିପ୍ତ କାର୍ଯ୍ୟକ୍ରମରେ ଜିଲ୍ଲାର ୮ଟି ବିଧାନ ସଭା ନିର୍ବାଚନ ମଣ୍ଡଳୀ ସମ୍ପୃକ୍ତ ସମସ୍ତ ଯୋଗ୍ୟ ଭୋଟର ସମ୍ବଳିତ ଏହି ଚୂଡାନ୍ତ ଭୋଟର ତାଲିକାକୁ ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ପ୍ରକାଶ କରିଥିଲେ। ଜିଲ୍ଲା ନିର୍ବାଚନ କାର୍ଯ୍ୟାଳୟ ତରଫରୁ ପ୍ରସ୍ତୁତ ଭୋଟର ତାଲିକାର ଏହି ପ୍ରକାଶନ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ସୁଧାକର ନାୟକ, ବାଲେଶ୍ୱର ଉପଜିଲ୍ଲାପାଳ କୁନାଲ ମୋତିରାମ ଚୌହାନ, ନୀଳଗିରି ଉପଜିଲ୍ଲାପାଳ ମନ୍ଦରଧର ମହାଲିକ, ଡେପୁଟୀ କଲେକ୍ଟର ଗାୟତ୍ରୀ ସୋରେନ ପ୍ରମୁଖ ଉପସ୍ଥିତ ଥିଲେ। ନିମନ୍ତ୍ରିତ ରାଜନୈତିକ ଦଳର ଜିଲ୍ଲା କର୍ତ୍ତୃପକ୍ଷଙ୍କ ଉପସ୍ଥିତିରେ ଭୋଟର ତାଲିକା ପ୍ରକାଶ କରାଯାଇଥିଲା। ଏହି ଭୋଟର ତାଲିକା ଚୂଡାନ୍ତ ଅଟେ ଏବଂ ଆଗାମୀ ନିର୍ବାଚନ ପୂର୍ବରୁ ଆଉ କୌଣସି ସଂଶୋଧନ କରାଯିବ ନାହିଁ ବୋଲି ଜିଲ୍ଲାପାଳ କହିବା ସହିତ କୌଣସି ଅନୁପସ୍ଥିତ ଭୋଟରଙ୍କ ତଥ୍ୟ ସାମନାକୁ ଆସିଲେ ତାହା ବୁଥ୍ ସ୍ତରରେ ଜଣାଇ ପ୍ରକାଶିତ ତାଲିକାରେ ଚିହ୍ନିତ କରାଇବା ପାଇଁ ରାଜନୈତିକ ଦଳର ପ୍ରତିନିଧି ମାନଙ୍କୁ ପରାମର୍ଶ ଦେଇଥିଲେ। ଆଗାମୀ ଦିନରେ ଭୋଟିଂ ମେସିନ୍‌ର ବ୍ୟବହାର ଓ କାର୍ଯ୍ୟକାରିତା ଉପରେ ବିଶେଷ ଭାବେ କାର୍ଯ୍ୟକ୍ରମ ମାନ ଆୟୋଜନ କରାଯିବାର ବ୍ୟବସ୍ଥା କରାଯାଇଛି ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ। ଏ ସମସ୍ତ କାର୍ଯ୍ୟକ୍ରମରେ ରାଜନୈତିକ ଦଳର ପ୍ରତିନିଧିମାନେ ସାମିଲ ରହିବେ ବୋଲି ସେ କହିଥିଲେ। ବିଗତ ଦିନରେ ଯୁବ ଭୋଟର ମାନଙ୍କୁ ତାଲିକାରେ ଯୋଗ କରିବା ପାଇଁ ବିଭିନ୍ନ ପ୍ରୋତ୍ସାହନ ମୂଳକ କାର୍ଯ୍ୟକ୍ରମମାନ ଆୟୋଜନ କରାଯାଇ ଭୋଟର ତାଲିକାର ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ କରାଯିବା ପରେ ଏହି ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ କରାଯାଇଛି। ଉଲ୍ଲେ ଯୋଗ୍ୟ ଯେ, ଏହି ଭୋଟର ତାଲିକା ପ୍ରତ୍ୟେକ ପୋଲିଂ ବୁଥ୍ ତଥା ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟରେ ପ୍ରକାଶ କରାଯାଇଛି।

# ଭଦ୍ରକରୁ ୧୪୬ ବରିଷ୍ଠ ନାଗରିକଙ୍କ ତୀର୍ଥଯାତ୍ରା

**ଭଦ୍ରକ, ନ୍ୟୁଜ୍ ବ୍ୟୁରୋ**



ଓଡ଼ିଶା ସରକାରଙ୍କ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାରେ ଭଦ୍ରକ ଜିଲ୍ଲାରୁ ୧୪୬ ଜଣଙ୍କୁ ନେଇ ଆୟୋଜିତ ତୀର୍ଥ ଯାତ୍ରାର ଶୁଭାରମ୍ଭ କରାଯାଇଛି । ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ତୀର୍ଥ ଯାତ୍ରାରମ୍ଭ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସାଂସଦ ମଞ୍ଜୁଲତା ମଣ୍ଡଳ ଏବଂ ଅନ୍ୟତମ ସମ୍ମାନିତ ଅତିଥି ଭାବେ ଭଣ୍ଡାରିପୋଖରୀ ବିଧାୟକ ପ୍ରଫୁଲ୍ଲ କୁମାର ସାମଲ, ଭଦ୍ରକ ବିଧାୟକ ସଂଜୀବ କୁମାର ମଲ୍ଲିକ, ଜିଲ୍ଲା ପରିଷଦ ଅଧ୍ୟକ୍ଷ ପ୍ରଫୁଲ୍ଲ କୁମାର ଜେନା, ଅତିରିକ୍ତ ଜିଲ୍ଲାପାଳ ଶାନ୍ତନୁ କୁମାର ମହାନ୍ତି, ପୌରାଧକ୍ଷା ଗୁଲମକ୍କୀ ଦଲୱାଜି ହବିବ୍, ଭଦ୍ରକ ବ୍ଲକ୍ ଅଧ୍ୟକ୍ଷା ଉର୍ମିଳା ନାୟକ ପ୍ରମୁଖଙ୍କ ଦ୍ୱାରା ପତାକା ପ୍ରଦର୍ଶନ ପରେ ବରିଷ୍ଠ ନାଗରିକମାନଙ୍କୁ ନେଇ ତୀର୍ଥଯାତ୍ରାରେ ୪ଟି ବସ୍ ଯାତ୍ରାରମ୍ଭ କରିଥିଲା। ଏହି ଯାତ୍ରାରେ ଭଦ୍ରକ ବ୍ଲକରୁ ୩୯ଜଣ, ବାସୁଦେବପୁରରୁ ୧୨, ଭଣ୍ଡାରିପୋଖରୀରୁ ୧୯, ବନ୍ତରୁ ୧୮, ଚାନ୍ଦବାଲିରୁ ୨୦, ଧାମନଗରରୁ ୨୦ ଓ ତିହିଡ଼ିରୁ ୧୮ ଜଣ ଏହି ଯାତ୍ରାରେ ସାମିଲ ଅଛନ୍ତି । ସେମାନଙ୍କ ମଧ୍ୟରୁ ୬୨ଜଣ ମହିଳା ଓ ୮୪ ଜଣ ପୁରୁଷ ଅଛନ୍ତି । ବସ୍ ଦ୍ୱାରା ସେମାନେ ବାଲେଶ୍ୱରରେ ପହଞ୍ଚି ସେଠାରେ ରାତ୍ରୀ ଯାପନ ପରେ ୫ ତାରିଖ ରେଳ ଦ୍ୱାରା ଉଜ୍ଜୟିନୀ-ଓମ୍‌କାରେଶ୍ୱର ଅଭିମୁଖେ ତୀର୍ଥ ଯାତ୍ରାରେ ଯାଇଛନ୍ତି । ଏହି ଯୋଜନା ପାଇଁ ସରକାରଙ୍କ ଦ୍ୱାରା ପ୍ରଣୀତ ମାର୍ଗଦର୍ଶିକା ଅନୁଯାୟୀ ସମସ୍ତ ନିୟମ କାନୁନ୍ ଅନୁସରଣ ପୂର୍ବକ ତୀର୍ଥ ଯାତ୍ରା ନିମନ୍ତେ ୧୪୬ଙ୍କୁ ବଛା ଯାଇଥିଲା । ଜିଲ୍ଲାପାଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଜିଲ୍ଲା ପର୍ଯ୍ୟଟନ ଅଧିକାରୀ କାର୍ତ୍ତିକ ନାଥ ମଣ୍ଡଳଙ୍କ ସଂଯୋଜନାରେ ଏହି କାର୍ଯ୍ୟ ନଭେମ୍ବର ୧ରେ ଦରଖାସ୍ତ ଗ୍ରହଣ ଦିନ ଠାରୁ ପ୍ରକ୍ରିୟା ଆରମ୍ଭ କରାଯାଇଥିଲା । ଏହି ଯାତ୍ରା ପାଇଁ ସେମାନଙ୍କୁ ପ୍ରଶାସନିକ ବ୍ୟବସ୍ଥାରେ ଘରୁ ଅଣାଯାଇ ଜଳ ଯୋଗ, ମଧ୍ୟାହ୍ନ ଭୋଜନ ବ୍ୟବସ୍ଥା ସହ ଡ଼ାକ୍ତରୀ ପରୀକ୍ଷା ପରେ ପ୍ରେରଣ କରାଯାଇଛି । ୬ ଦିନିଆ ତୀର୍ଥ ଯାତ୍ରାରୁ ଫେରିଲା ପରେ ସେହିପରି ବାଲେଶ୍ୱରରୁ ବସ୍ ଯୋଗେ ଭଦ୍ରକ ଅଣାଯାଇ ସେମାନଙ୍କ ଘରେ ପହଞ୍ଚାଇ ଦିଆଯିବ । ସୂଚନା ଯୋଗ୍ୟକି ଯୋଗ୍ୟ ବିବେଚିତ ବରିଷ୍ଠ ନାଗରିକମାନେ ସେମାନଙ୍କ ସମଗ୍ର ଜୀବନ କାଳରେ ଗୋଟିଏ ଥର ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାରେ ତୀର୍ଥଯାତ୍ରା କରିବାର ସୁଯୋଗ ନେଇପାରିବେ ।

## ଲୁଇସ୍ ବ୍ରେଲଙ୍କ ୨୧୫ ତମ ଜୟନ୍ତୀ ପାଳିତ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ପୌରସଂସ୍ଥା ଦୃଷ୍ଟିହୀନ ବିଦ୍ୟାଳୟ ଆନୁକୂଲ୍ୟରେ ବିଶ୍ୱ ବ୍ରେଲି ଦିବସ ଓ ମହାତ୍ମା ଲୁଇସ୍ ବ୍ରେଲଙ୍କର ୨୧୫ ତମ ଜୟନ୍ତୀ ପାଳନ ହୋଇଯାଇଛି। ପ୍ରଧାନ ଶିକ୍ଷକ ସ୍ୱପ୍ନାଂଶୁ କୁମାର ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାସ ଚନ୍ଦ୍ର ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ମହାତ୍ମା ଲୁଇସ୍ ବ୍ରେଲଙ୍କର ଅବଦାନ, ବିଶ୍ୱ ବ୍ରେଲ ଦିବସ ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା କରିବା ସହ ଦୃଷ୍ଟି ବାଧିତଙ୍କ ପାଇଁ ସରକାରୀ ଯୋଜନା ସୁବିଧା ସୁଯୋଗ ବିଷୟରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ଅତିରିକ୍ତ ସୂଚନା ଲୋକ ସମ୍ପର୍କ ଅଧିକାରୀ ଅଶୋକ କୁମାର ବଳିଆରସିଂହ, ଓଡ଼ିଶା ପ୍ରଶାସନିକ ସେବା ଅଧିକାରୀ ଯୀଶୁକୃଷ୍ଣ ଦାସ, ସୁମନ ଘୋଷ, ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ରୁପାଲୀ ପ୍ରିୟଦର୍ଶିନୀ, ସମୀର କୁମାର ଚାନ୍ଦ, ଦେବେନ୍ଦ୍ର ରାଉତ ପ୍ରମୁଖ ଯୋଗଦେଇ ବିଶ୍ୱ ବ୍ରେଲ ଦିବସ ସମ୍ପର୍କରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ୩୦ ଜଣ ପିଲାଙ୍କୁ ପୋଷାକ ପ୍ରଦାନ, ବିଭିନ୍ନ କୃତୀ ପ୍ରତିଯୋଗୀ ମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା । ସଫଳ କାର୍ଯ୍ୟ ପାଇଁ ସହକାରୀ ଶିକ୍ଷକ ଅରୁଣ କୁମାର ବେହେରାଙ୍କୁ ମହାତ୍ମା ଲୁଇସ୍ ବ୍ରେଲ ସମ୍ମାନ ପ୍ରଦାନ କରାଯାଇଥିଲା।

# ରାଇଘର ବ୍ଲକ୍‌ରେ +୩ ଡିଗ୍ରୀ ମହାବିଦ୍ୟାଳୟ ଖୋଲିବା ନେଇ ଦାବି

**ରାଇଘର, ନ୍ୟୁଜ୍ ବ୍ୟୁରୋ**



ନବରଙ୍ଗପୁର ଜିଲ୍ଲାର ରାଇଘର ବ୍ଲକ୍ ଏକ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ଭାବରେ ପରିଚିତ ଥିବାବେଳେ ଏହି ଅଞ୍ଚଳରେ ଉଚ୍ଚ ଶିକ୍ଷା ନିମନ୍ତେ ଭିତ୍ତିଭୂମିର ଅଭାବ ଲାଗି ରହିଥିବା ବେଳେ +୨ ପରେ ବହୁ ଛାତ୍ରଛାତ୍ରୀ ଅଧାରୁ ପାଠ ଛାଡୁଥିବା ଦେଖିବାକୁ ମିଳିଥିଲା । ଦୀର୍ଘ ଦିନର ଦାବି ଶେଷରେ ଓଡ଼ିଶା ସରକାର ଶୁଣିଛନ୍ତି । ରାଇଘର ବ୍ଲକ୍‌ରେ +୩ ଡିଗ୍ରୀ ମହାବିଦ୍ୟାଳୟ ଆସନ୍ତା ଶିକ୍ଷାବର୍ଷର ଖୋଲିବାକୁ ବିଧିବଦ୍ଧ ଭାବେ ବିଜ୍ଞପ୍ତି ପ୍ରକାଶ ପାଇବା ପରେ ଅଞ୍ଚଳରେ ଖୁସିର ଲହର ଖେଳିଯାଇଛି । ଏହି ପରିପ୍ରେକ୍ଷୀରେ ରାଇଘର ମିନି ଷ୍ଟାଡିଅମ୍ ପରିସରରେ ବିଜୁ ଜନତା ଦଳ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ କରି ରାଜ୍ୟ ଉଠା ଜଳ ସେଚନ ବିଭାଗ ଉପଦେଷ୍ଟା ପ୍ରମୋଦ ପାଢୀ ରାଜ୍ୟ ସରକାରଙ୍କୁ ଧନ୍ୟବାଦ ଦେବାସହ ଉଚ୍ଚ ଶିକ୍ଷା ନିମନ୍ତେ ସ୍ଥାନୀୟ ଛାତ୍ରଛାତ୍ରୀ ଉପକୃତ ହୋଇପାରିବେ ବୋଲି ସୂଚନା ଦେଇଥିଲେ । ଏହି ସାମ୍ବାଦିକ ସମ୍ମିଳନୀରେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ଉପେନ୍ଦ୍ର ଗଣ୍ଡ, ପୂର୍ବତନ ବିଧାୟକ ସୁବାଷ ଗଣ୍ଡ, ଜିଲ୍ଲା ପରିଷଦ ଉପାଧକ୍ଷା ଲିପିକା ବାରୋଇ, ବ୍ଲକ୍ ଅଧ୍ୟକ୍ଷା ନବିନା ନାୟକ, ଉପାଧକ୍ଷ ଗୁପ୍ତ ପ୍ରସାଦ ଝାଙ୍କର, ବ୍ଲକ୍ ସଭାପତି ରାଇସିଂ ଗଣ୍ଡ, ଜିଲ୍ଲା ପରିଷଦ ସଭ୍ୟ ଯତୀନ୍ଦ୍ର ନାଥ ଗଣ୍ଡ, ନାନାରା ଖରା ସମେତ ବହୁ ନେତା ଯୋଗ ଦେଇଥିଲେ ।

# ଷ୍ଟେସନ୍ ନାମ ସୁବର୍ଣ୍ଣପୁର ପାଇଁ ରେଳ ମନ୍ତ୍ରୀଙ୍କୁ ସ୍ମାରକପତ୍ର ପ୍ରଦାନ

**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**



ସରକାରୀ ଗେଜେଟ୍ ନୋଟିଫିକେସନ୍ ନଂ. ୧୪୩୩ ତା. ୦୧.୧୧.୨୦୦୪ ମତେ ସୋନପୁର ଜିଲ୍ଲା ତଥା ସୋନପୁର ସହରର ନାମ ପରିବର୍ତ୍ତନ ହୋଇ ସୁବର୍ଣ୍ଣପୁର ହୋଇଯାଇଛି । ପ୍ରକାଶ ଥାଉକି ସୋନପୁର ନାମରେ ବିହାର ରାଜ୍ୟରେ ଆଉ ଏକ ଷ୍ଟେସନ ଅଛି ଯାହା ଦୀର୍ଘତମ ପ୍ଲାଟଫର୍ମ ଭାବେ ପ୍ରସିଦ୍ଧ ଓ ସେହି ଦୃଷ୍ଟିରୁ ଖୋର୍ଦ୍ଧା-ବଲାଙ୍ଗିର ରେଳ ଲାଇନ୍ ମଧ୍ୟରେ ରେଳ ଷ୍ଟେସନର ନାମ ସୋନପୁର ରହିଲେ ଭବିଷ୍ୟତରେ ରେଳଯାତ୍ରୀ ମାନେ ଘୋର ଅସୁବିଧାର ସମ୍ମୁଖୀନ ହେବାର ଯଥେଷ୍ଟ ସମ୍ଭାବନା ଅଛି ଓ ତେଣୁ ସୋନପୁର ନାମ ପରିବର୍ତ୍ତନ କରି ଏଠାକାର ରେଳ ଷ୍ଟେସନର ନାମ ସୁବର୍ଣ୍ଣପୁର ରଖାଯିବା ପାଇଁ ଜନସାଧାରଣରେ ଦୃଢ ଦାବି ହେଉଛି ଓ ଏତଦ୍ୱାରା ସ୍ୱର୍ଗତ ବିଜୁ ବାବୁଙ୍କ ସ୍ୱପ୍ନ ସାକାର ହେବ ବୋଲି ମତ ପ୍ରକାଶ ପାଉଛି ଓ ଏହି ପରିପ୍ରେକ୍ଷୀରେ ସୁବର୍ଣ୍ଣପୁର ଜିଲ୍ଲା ରେଳ ଉପଭୋକ୍ତା ସଂଘର ସଭାପତି ଗୋରେଖନାଥ ସାହୁଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ସୁବର୍ଣ୍ଣପୁର ଜିଲ୍ଲାପାଳ ବିମଳେନ୍ଦୁ ରାୟଙ୍କ ଜରିଆରେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ, ରେଲୱେ ବୋର୍ଡ ଅଧ୍ୟକ୍ଷ ତଥା ପୂର୍ବତଟ ରେଲୱେ ଜେନେରାଲ ମେନେଜରଙ୍କ ଦୃଷ୍ଟି ଆକର୍ଷଣ କରି ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି । ଏହି ପ୍ରତିନିଧି ଦଳରେ ଦିଲ୍ଲୀପ ରଥ, ଗୋବିନ୍ଦ ମହାରଣା, କଇରୁ ସ୍ୱାଇଁ, ଆର୍ତ୍ତତ୍ରାଣ ବାବୁ, ଜ୍ୟୋତି ପଟ୍ଟନାୟକ ପ୍ରମୁଖ ସାମିଲ ହୋଇଥିଲେ ଓ ଏହି ଅବସରରେ ସୁବର୍ଣ୍ଣପୁର ଜିଲ୍ଲା ବରିଷ୍ଠ ନାଗରିକ ସଂଘ କାର୍ଯ୍ୟାଳୟ ନିମନ୍ତେ ଆବଶ୍ୟକ ଜମି ଯୋଗାଇ ଦେବାପାଇଁ ମଧ୍ୟ ସଂଘ ତରଫରୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା ।

## ବାଲିଗୁଡାରେ ସଡ଼କ ସୁରକ୍ଷା ସପ୍ତାହ ପାଳିତ

**ବାଲିଗୁଡ଼ା, ନ୍ୟୁଜ୍ ବ୍ୟୁରୋ**

ପୋଲିସ ପ୍ରଶାସନ ଦ୍ୱାରା ସଡ଼କ ସୁରକ୍ଷା ସପ୍ତାହ ପାଳିତ ହୋଇଯାଇଛି । ଏଥି ନିମନ୍ତେ ଛାତ୍ରଛାତ୍ରୀ ମାନଙ୍କୁ ନେଇ ସ୍ଥାନୀୟ ଆଦିବାସୀ ମହାବିଦ୍ୟାଳୟ ସମ୍ମୁଖରୁ ଏକ ଶୋଭାଯାତ୍ରାରେ ବାହାରି ହାତରେ ପ୍ଲାକାର୍ଡ ଓ ବ୍ୟାନର ଧରି ପିତବୁଡ଼ି ଛକ ଦେଇ ବସ୍‌ଷ୍ଟାଣ୍ଡ ପର୍ଯ୍ୟନ୍ତ ଯାଇଥିଲେ । ଏଥିରେ ସଡ଼କ ସୁରକ୍ଷା ପରିବାର ରକ୍ଷା, ଦୁଇ ଚକିଆ ମୋଟର ଯାନର ଚାଳକ ଓ ପଛରେ ବସିଥିବା ବ୍ୟକ୍ତି ହେଲ୍‌ମେଟ୍ ବ୍ୟବହାର କରନ୍ତୁ । ଅତ୍ୟାଧିକ ବେଗରେ ଯାନକୁ ଚଳାନ୍ତୁ ନାହିଁ । କୌଣସି ପ୍ରକାର ନିଶାସେବନ କରି ମୋଟର ଯାନ ଚଳାନ୍ତୁ ନାହିଁ ମୋବାଇଲ ଫୋନ ବ୍ୟବହାର କରି ଗାଡି ଚଲାନ୍ତୁ ନାହିଁ । ଉକ୍ତ କାର୍ଯ୍ୟକ୍ରମରେ ବାଲିଗୁଡା ଥାନା ଭାରପ୍ରାପ୍ତ ଅଧିକାରୀ ଶୁଶାନ୍ତ କୁମାର ସାହୁ ସମେତ ଅନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ ।



## ଦିବ୍ୟାଙ୍ଗ ମାନଙ୍କ ଦ୍ୱାରା ସଡ଼କ ସୁରକ୍ଷା ସଚେତନତା

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ଜିଲ୍ଲାରେ ବସବାସ କରୁଥିବା ଦୃଷ୍ଟିହୀନ ଓ ଦିବ୍ୟାଙ୍ଗ ମାନଙ୍କ ଦ୍ୱାରା ଏକ ନିଆରା ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାର ଅନ୍ୟତମ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଶ୍ରୀ ଜଗନ୍ନାଥ ଚାରି ଟେବୁଲ ଟ୍ରଷ୍ଟ ତରଫରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସହରର ଗୋପଛକ, ଶ୍ୟାମସୁନ୍ଦରପୁର ଗଡା ଛକ, ଦୁହୁରିଆ, ତିନିମୁହାଣୀ, ଗୁଲନଗର, ପୁରୁଣା ବସ୍‌ଷ୍ଟାଣ୍ଡ, ସାନ୍ତସାହି, ତୁଳସୀ ମହିଳା ମହା ବିଦ୍ୟାଳୟ ଛକ ମାନଙ୍କରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମରେ ଟ୍ରଷ୍ଟବୋର୍ଡର ସଭାପତି ଦମନ କୁମାର ମହାନ୍ତି, ଉପ ସଭାପତି ରଶ୍ମି ରଞ୍ଜନ ବାରିକ, ସଂଜୀବ କୁମାର ତରାଇ, ତପନ କୁମାର ନାଥ, ସୁପ୍ରଭାତ ମଲିକଙ୍କ ସମେତ ଅନ୍ୟ ସଦସ୍ୟମାନେ ଉପସ୍ଥିତ ରହି ସହଯୋଗ କରିଥିଲେ ।

# ଭାରତୀୟ କୃଷିର ଡ୍ରୋନ୍ ମୁହୂର୍ତ୍ତ

**ଡ. ମନସୁଖ ମାଣ୍ଡଭୀୟ**
**କେନ୍ଦ୍ର ରସାୟନ ଓ ସାର ମନ୍ତ୍ରୀ**

ପଞ୍ଜାବର ସବୁଜ ପଡ଼ିଆରେ ବୁଲୁଥିବା ବେଳେ ଦୂରରେ ଗୁଞ୍ଜରଣ ହେଉଥିବା ଏକ ଶବ୍ଦ ମୋର ଦୃଷ୍ଟି ଆକର୍ଷଣ କଲା । ଏହି ଶବ୍ଦର ଉତ୍ସ କଣ ତାକୁ ନେଇ ଏକ ସ୍ୱାଭାବିକ ମନରେ ଉତ୍କଣ୍ଠା ଥିଲା । ମୁଁ ଓହ୍ଲାଇବା ମାତ୍ରେ ମୋତେ ଦୁଇ ଜଣ କୃଷକ ସ୍ୱାଗତ କରିଥିଲେ । ସେମାନେ ଡ୍ରୋନ୍ ଜରିଆରେ ନାନୋ ୟୁରିଆ ସିଞ୍ଚନ କରୁଥିଲେ । ଦେଶର ଗ୍ରାମାଞ୍ଚଳର କୃଷକମାନେ ଏତେ ଉତ୍ସାହର ସହ ଏକ ନୂତନ ଜ୍ଞାନକୌଶଳ ଗ୍ରହଣ କରୁଥିବା ଦେଖି ମୁଁ ଆନନ୍ଦିତ । ମୁଁ ଭାବିଥିଲି ଭାରତର କୃଷି କ୍ଷେତ୍ର ପାଇଁ ଏହା ଡ୍ରୋନ୍ ମୁହୂର୍ତ୍ତ ଥିଲା ଏବଂ ଏହି ଠାରୁ ହିଁ ଆମ ଦେଶରେ ଡ୍ରୋନ୍ ଆନ୍ଦୋଳନ ଆରମ୍ଭ ହୋଇଥିଲା । କୃଷକମାନେ ମୋତେ କହିଲେ ଯେ ସେମାନଙ୍କ ଗାଁରେ କୃଷି ଡ୍ରୋନ୍ ବିଷୟରେ ସୂଚନା ବିକଶିତ ଭାରତ ସଂକଳ୍ପ ଯାତ୍ରାରୁ ମିଳିଛି ଏବଂ ଏହି ନୂତନ ଜ୍ଞାନକୌଶଳ ସେମାନଙ୍କ କ୍ଷେତରେ ତରଳ ସାର ଏବଂ କୀଟ ନାଶକକୁ ସବୁଠାରୁ ଦକ୍ଷ ଉପାୟରେ ସିଞ୍ଚନ କରିବା ପାଇଁ ଅତ୍ୟନ୍ତ ଉପଯୋଗୀ । ଭାରତୀୟ କୃଷି ପାରମ୍ପରିକ ଭାବେ ବଳଦ ଗାଡି ଆଧାରିତ ହେବା ଠାରୁ ଟ୍ରାକ୍ଟର ଭିତ୍ତିକ ହେବା ପର୍ଯ୍ୟନ୍ତ ଯାତ୍ରାରେ ଅଗ୍ରଗତି କରିସାରିଛି । ମୁଁ ଏବେ କୃଷି କାର୍ଯ୍ୟରେ ଡ୍ରୋନ୍‌ର ବ୍ୟବହାରକୁ କୃଷି ବିପ୍ଳବର ତୃତୀୟ ଲହର ଭାବରେ ଦେଖୁଛି । କୃଷି-ଡ୍ରୋନ୍ ପ୍ରଯୁକ୍ତି ଆମ ଚାଷ ପଦ୍ଧତିର ଆଧୁନିକୀକରଣ ଏବଂ ପରିବର୍ତ୍ତନରେ ଏକ ବାସ୍ତବ ସଫଳତା ସାବ୍ୟସ୍ତ ହେଉଛି । ହାତପମ୍ପ ଜରିଆରେ କୀଟନାଶକ ଓ ତରଳ ସାର ପ୍ରୟୋଗ କରିବାର କଠିନ ଓ ସମୟସାପେକ୍ଷ କାର୍ଯ୍ୟର ଦିନ ବିତିଗଲାଣି । ବର୍ତ୍ତମାନ ଏହାକୁ ଡ୍ରୋନ୍ ମାଧ୍ୟମରେ ଅଧିକ ଦକ୍ଷ ଏବଂ ଫଳପ୍ରଦ ସିଞ୍ଚନ କୌଶଳରେ ପରିବର୍ତ୍ତନ କରାଯାଉଛି । ବିକଶିତ ଓ ଆତ୍ମନିର୍ଭରଶୀଳ ଭାରତର ଏକ ଗୁରୁତ୍ୱପୂର୍ଣ୍ଣ ଉପାଦାନ ଭାବେ ଖାଦ୍ୟ ନିରାପତ୍ତା ସୁନିଶ୍ଚିତ କରିବା ପାଇଁ କୃଷି କ୍ଷେତ୍ରର ଦକ୍ଷତା ଓ ଉତ୍ପାଦକତାରେ ଉନ୍ନତି ଆଣିବା ପାଇଁ କୃଷି ପଦ୍ଧତିର ଆଧୁନିକୀକରଣ ଜରୁରୀ ଓ ଅପରିହାର୍ଯ୍ୟ । ୧୯୬୦ ଦଶକର ସବୁଜ ବିପ୍ଳବରେ ନୂତନ କୃଷି ଉପକରଣ, ଏଚଆଇଭି (ଉଚ୍ଚ ଉତ୍ପାଦକତା ପ୍ରଜାତି) ବିହନ, କୀଟନାଶକ ଏବଂ ରାସାୟନିକ ସାରର ବ୍ୟବହାର ପ୍ରଚଳନ ହୋଇଥିଲା । ଗତ କିଛି ବର୍ଷ ମଧ୍ୟରେ ଆମ ପରିବେଶର ଦୀର୍ଘକାଳୀନ ସ୍ଥିରତା, ମୃତ୍ତିକା ସ୍ୱାସ୍ଥ୍ୟ ଏବଂ ମାଟିର ଉର୍ବରତା ବଜାୟ ରଖିବା ପାଇଁ ସାରର ଅଧିକ ସନ୍ତୁଳିତ ବ୍ୟବହାର ସୁନିଶ୍ଚିତ କରିବାର ଜରୁରୀ ଆବଶ୍ୟକତା ଅନୁଭବ କରାଯାଇଥିଲା । ୨୦୧୯ ସ୍ୱାଧୀନତା ଦିବସ ଅବସରରେ ନିଜେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଲାଲକିଲ୍ଲା ପ୍ରାଚୀରରୁ ଏହି ଆହ୍ୱାନ ଦେଇଥିଲେ । ଏଥିରେ ଅନୁପ୍ରାଣିତ ହୋଇ ସରକାର ବାୟୋ, ନାନୋ ଏବଂ ଜୈବିକ ସାର ଭଳି ବିକଳ୍ପ ସାରକୁ ପ୍ରୋତ୍ସାହନ ଦେବା ପାଇଁ ପିଏମ ପ୍ରଣାମ ଏବଂ ଗୋବର୍ଦ୍ଧନ ଭଳି ଅନେକ ପଦକ୍ଷେପ ଆରମ୍ଭ କରିଛନ୍ତି । ଏହି ନୂତନ ପଦକ୍ଷେପ ବିଷୟରେ ସଚେତନତା ସୃଷ୍ଟି କରିବା ଏବଂ କୃଷକମାନଙ୍କୁ ଗୋଟିଏ ଛାତ ତଳେ ସମନ୍ୱିତ ସମାଧାନ ପ୍ରଦାନ କରିବା ପାଇଁ ପ୍ରଧାନମନ୍ତ୍ରୀ କୃଷକ ସମୃଦ୍ଧି କେନ୍ଦ୍ର (ପିଏମକେଏସକେ) ପ୍ରତିଷ୍ଠା କରାଯାଇଛି । ପାରମ୍ପରିକ ରାସାୟନିକ ସାରର ପରିବେଶ ଅନୁକୂଳ ଏବଂ ପ୍ରଭାବଶାଳୀ ବିକଳ୍ପ ପ୍ରଦାନ କରୁଥିବାରୁ ସ୍ୱଦେଶୀ ଭାବରେ ବିକଶିତ ନାନୋ ସାର ଉପଯୋଗୀ । ଏବେ ପାରମ୍ପରିକ ୟୁରିଆର ୪୫ କେଜି ବ୍ୟାଗ ବଦଳରେ ଅଧା ଲିଟର ନାନୋ ୟୁରିଆ ବୋତଲ ରଖାଯାଇଛି । ଏହା ମାଟିର ଗୁଣବତ୍ତା ବଜାୟ ରଖିବା ସହ ଫସଲ ଅମଳରେ ଉନ୍ନତି ଆଣିବାରେ ସହାୟକ ହେଉଛି । ଉନ୍ନତ ପୋଷକ ତତ୍ତ୍ୱ ବ୍ୟବହାର ଦକ୍ଷତା ଏବଂ ସହଜ ପରିଚାଳନା ଭଳି ଅନେକ ଫାଇଦା ମଧ୍ୟ ଏଥିରେ ରହିଛି । ଏହାର ବ୍ୟାପକ ଗ୍ରହଣୀୟତା ସୁନିଶ୍ଚିତ କରିବାରେ ପରବର୍ତ୍ତୀ ଆହ୍ୱାନ ଥିଲା ଦକ୍ଷ ପ୍ରୟୋଗ ପ୍ରଣାଳୀର ଏକ ପଦ୍ଧତି ବିକଶିତ କରିବା, ଏହାକୁ ସହଜରେ ଗ୍ରହଣ କରିବା ପାଇଁ ଏକ ଇକୋ-ସିଷ୍ଟମ ନିର୍ମାଣ କରିବା ଏବଂ କୃଷକ ସମୁଦାୟକୁ ଫଳପ୍ରଦ ଭାବରେ ଏହାର ଲାଭ ପହଞ୍ଚାଇବା । ଭାରତର ଯୁବ ଏବଂ ଗତିଶୀଳ ଷ୍ଟାର୍ଟଅପ୍ ଦ୍ୱାରା କିଷାନ ଡ୍ରୋନ୍‌ର ବିକାଶ ତରଳ ସାର ପ୍ରୟୋଗ ପାଇଁ ଏକ ପ୍ରଭାବଶାଳୀ ଏବଂ ଦକ୍ଷ ପ୍ରଯୁକ୍ତି ପ୍ରଦାନ କରିଥାଏ । ଗୋଟିଏ ଏକର ଚାଷ ଜମିକୁ ମାତ୍ର କିଛି ମିନିଟରେ ସିଞ୍ଚନ କରିବାର କ୍ଷମତା । ନିଜ କ୍ଷେତରେ ଘଣ୍ଟା ଘଣ୍ଟା ଧରି ପରିଶ୍ରମ କରୁଥିବା ଚାଷୀଙ୍କ ପାଇଁ ବରଦାନ ସାବ୍ୟସ୍ତ ହୋଇଛି । ଅଧିକ ଖାଲି ସମୟ ପାଇ କୃଷକମାନେ ସେମାନଙ୍କ ରୋଜଗାର ବୃଦ୍ଧି ଏବଂ ଜୀବନଧାରଣର ମାନରେ ଉନ୍ନତି ଆଣିବା ପାଇଁ ଅଧିକ ଉତ୍ପାଦନଶୀଳ କାର୍ଯ୍ୟ କରିପାରିବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଲକ୍ଷ୍ୟ ହେଉଛି ମହିଳା ସଶକ୍ତୀକରଣ ଏବଂ ଦେଶର ବିକାଶରେ ମହିଳାଙ୍କ ଭାଗିଦାରୀ ବୃଦ୍ଧି କରିବା । ନଭେମ୍ବର ୩୦ରେ ବିକଶିତ ଭାରତ ସଂକଳ୍ପ ଯାତ୍ରାର ହିତାଧିକାରୀଙ୍କ ସହ ଆଲୋଚନା ସମୟରେ ପ୍ରଧାନମନ୍ତ୍ରୀ ନମୋ ଡ୍ରୋନ୍ ଦିଦି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ସହଜରେ ଆର୍ଥିକ ସମାଧାନ କରି କୃଷି ଉଦ୍ଦେଶ୍ୟରେ ଚାଷୀଙ୍କୁ ଭଡ଼ାରେ ଡ୍ରୋନ୍ ଯୋଗାଇବା ଏହାର ଲକ୍ଷ୍ୟ । ଏଥିପାଇଁ ନମୋ ଡ୍ରୋନ୍ ଦିଦି ଅଧୀନରେ ୧୫ ହଜାର ମନୋନୀତ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଡ୍ରୋନ୍ ଯୋଗାଇ ଦିଆଯାଉଛି । ଏହି ନିଆରା ପଦକ୍ଷେପ କେବଳ କୃଷକମାନଙ୍କୁ ତରଳ ସାର ଓ କୀଟନାଶକ ସିଞ୍ଚନ ପାଇଁ ସହଜରେ ଡ୍ରୋନ୍ ଉପଲବ୍ଧ କରାଇବ ନାହିଁ ବରଂ ମହିଳା ସଶକ୍ତୀକରଣ ଏବଂ ଗ୍ରାମୀଣ ସମୃଦ୍ଧିରେ ମଧ୍ୟ ସହାୟକ ହେବ । ଏହା ଭାରତର ଡ୍ରୋନ୍ ଏରୋନୋଟିକ୍ସକୁ ପ୍ରୋତ୍ସାହିତ କରିବ ଏବଂ ଡ୍ରୋନ୍ ଉତ୍ପାଦନକାରୀ ଷ୍ଟାର୍ଟଅପ୍ ଗୁଡ଼ିକୁ ଉତ୍ପାଦନ କାରଖାନା ପ୍ରତିଷ୍ଠା କରିବାରେ ସାହାଯ୍ୟ କରିବ । ଏହାଦ୍ୱାରା ଦେଶର ଦୁର୍ଗମ ଅଞ୍ଚଳରେ ଡ୍ରୋନ୍ ପାଇଲଟ ଓ ଡ୍ରୋନ୍ ମେକାନିକଙ୍କ ପାଇଁ ରୋଜଗାର ସୁଯୋଗ ସୃଷ୍ଟି ହେବା ସହ ଗ୍ରାମୀଣ ଓ ସହରାଞ୍ଚଳ ଅର୍ଥ ବ୍ୟବସ୍ଥାରେ ଉନ୍ନତି ଘଟିବ । ଯେକୌଣସି ନୂତନ ପଦକ୍ଷେପର ସଫଳ ରୂପାୟନ ପାଇଁ ପ୍ରଭାବଶାଳୀ ଯୋଗାଯୋଗ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ୧୫ ନଭେମ୍ବର, ୨୦୨୩ରୁ ଆରମ୍ଭ ହୋଇଥିବା ଦେଶବ୍ୟାପୀ ବିକଶିତ ଭାରତ ସଂକଳ୍ପ ଯାତ୍ରାରେ ଡ୍ରୋନ୍ ଏକ ପ୍ରମୁଖ ଆକର୍ଷଣ ପାଲଟିଛି । ସଂକଳ୍ପ ଯାତ୍ରା ସମୟରେ ସମସ୍ତ ରାଜ୍ୟରେ ୫୦ ହଜାରରୁ ଅଧିକ ଡ୍ରୋନ୍ ପ୍ରଦର୍ଶନ କରାଯାଇଛି । ଏହାଦ୍ୱାରା କୃଷକମାନଙ୍କ ମଧ୍ୟରେ ଏହି ନୂତନ ଉଚ୍ଚସ୍ତରୀୟ ଜ୍ଞାନକୌଶଳକୁ ସେମାନଙ୍କ ଚାଷରେ ଗ୍ରହଣ କରିବାକୁ ଆଗ୍ରହ ସୃଷ୍ଟି ହୋଇଛି ।

29 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୧୧ ଜାନୁଆରୀ ୨୦୨୪ ଗୁରୁବାର





# ସ୍ୱର୍ଗଦ୍ୱାରର କାୟା ପରିବର୍ତ୍ତନ








ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ ଓ ମରଣ ଉପରାନ୍ତେ ପଞ୍ଚଭୂତରେ ଲୀନ ହେବା ଅନେକଙ୍କ ଜୀବନର ଚରମତମ ଲକ୍ଷ୍ୟ। ପୁରୀ ସ୍ୱର୍ଗଦ୍ୱାରରେ ଦାହସଂସ୍କାର ହେଲେ ମନୁଷ୍ୟ ସମସ୍ତ ପାପରୁ ମୁକ୍ତି ପାଇ ସ୍ୱର୍ଗପ୍ରାପ୍ତି ଲାଭ କରିଥାଏ ବୋଲି କୁହାଯାଇଥାଏ। ଶାସ୍ତ୍ର କିମ୍ବା କିମ୍ବଦନ୍ତୀ ଅନୁସାରେ ସ୍ୱର୍ଗଦ୍ୱାର ଦେଇ ଦେବାଦେବୀମାନେ ପୃଥିବୀପୃଷ୍ଠକୁ ଆସି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ କରିଥାନ୍ତି ଓ ଏହି ସ୍ୱର୍ଗଦ୍ୱାର ଦେଇ ପୁନର୍ବାର ସ୍ୱର୍ଗଲୋକକୁ ପ୍ରତ୍ୟାବର୍ତ୍ତନ କରିଥାନ୍ତି। ସୁତରାଂ ସ୍ୱର୍ଗଦ୍ୱାର ହେଉଛି ବୈକୁଣ୍ଠକୁ ରାସ୍ତା ବୋଲି ବିଧିତ। ପୁଣି କୁହାଯାଏ ଯେ ପ୍ରତି ଅମାବାସ୍ୟା ତିଥିରେ ମହାପ୍ରଭୁ ଶ୍ରୀଜଗନ୍ନାଥ ନିଜ ଶ୍ୱଶୂରାଳୟ ସମୁଦ୍ରକୁ ଏହି ବାଟ ଦେଇ ଯାଇଥାନ୍ତି। ତେଣୁ ସ୍ୱର୍ଗଦ୍ୱାରରେ ଦାହ ସଂସ୍କାର ଫଳରେ ବୈକୁଣ୍ଠ ପ୍ରାପ୍ତିର ବିଶ୍ୱାସ ରହିଛି।

## ସ୍ୱର୍ଗଦ୍ୱାରର ରୂପାନ୍ତରଣ

୧. ସମୟକ୍ରମେ ଅଣଓସାରିଆ ଓ ସଂକୀର୍ଣ୍ଣ ହୋଇ ପଡିଥିବା ସ୍ୱର୍ଗଦ୍ୱାରର ରୂପାନ୍ତରଣ ନିମନ୍ତେ ମାନ୍ୟବର ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ ।

୨. ଏହାର ରୂପାନ୍ତରଣ କାର୍ଯ୍ୟ ୨୦୧୯ ମସିହାରେ ଆରମ୍ଭ ହୋଇଥିଲା। ମଣିଷର ଶେଷ ଠିକଣା "ସ୍ୱର୍ଗଦ୍ୱାର"ରେ ସମସ୍ତ ଆନୁଷଙ୍ଗିକ ବନ୍ଦୋବସ୍ତ କରାଯିବା ଦିଗରେ ବିଶେଷ ଗୁରୁତ୍ୱ ଆରୋପ କରଯାଇଥିଲା ।

୩. ୫- ଟି ଅଧକ୍ଷ ଶ୍ରୀ ଭି.କେ ପଣ୍ଡିଆନ ଆରମ୍ଭରୁ ହିଁ ରୂପାନ୍ତରଣ କାର୍ଯ୍ୟ ଉପରେ ଧ୍ୟାନ ଦେଇ ଆସିଛନ୍ତି । ସେ ନିଜେ ଏକାଧିକ ବାର ଅତି ପ୍ରତ୍ୟୁଷରୁ ପୁରୀ ଯାଇ କ୍ଷେତ୍ର ପରିଦର୍ଶନ କ୍ରମେ ସ୍ୱର୍ଗଦ୍ୱାର ରୂପାନ୍ତରଣ କାର୍ଯ୍ୟକୁ ତ୍ୱରନିତ୍ୱ କରିବାକୁ ପରାମର୍ଶ ଦେଇ ଆସିଛନ୍ତି। ନିୟମିତ ସମୀକ୍ଷା କରିଛନ୍ତି।

୪. ସ୍ୱର୍ଗଦ୍ୱାରରେ ନୂତନ ନିର୍ମାଣ ଓ ଅନ୍ୟାନ୍ୟ ପରିବର୍ତ୍ତନ ସମୟରେ ମଧ୍ୟ ଯେପରି ଦାହ ସଂସ୍କାର କାର୍ଯ୍ୟରେ ସାମାନ୍ୟତମ ଅସୁବିଧା ନ ଉପୁଜେ ସେଥିପ୍ରତି ଶ୍ରୀପଣ୍ଡିଆନ୍‌ଙ୍କ ନିର୍ଦ୍ଦେଶ କ୍ରମେ ସବୁମତେ ଦୃଷ୍ଟି ଦିଆଯାଉଥିଲା।

୫. ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ବଦାନ୍ୟତା ଓ ଉଦାରତା ହେତୁ ସ୍ୱର୍ଗଦ୍ୱାର ପରିସରର ଥିବା ଅଦ୍ୱିତୀୟ ନେତା ତଥା କିମ୍ବଦନ୍ତୀ ବ୍ୟକ୍ତିତ୍ୱ ଶ୍ରୀ ବିଜୁ ପଟ୍ଟନାୟକଙ୍କ ସମାଧିପୀଠକୁ ମଧ୍ୟ ଉଚ୍ଛେଦ କରଯାଇଥିଲା।

୬. ପ୍ରାୟ ବର୍ଷକ ମଧ୍ୟରେ ସ୍ୱର୍ଗଦ୍ୱାରର ଆମୂଳଚୂଳ ପରିବର୍ତ୍ତନ ହୋଇଛି ।

୭. ସ୍ୱର୍ଗଦ୍ୱାର ପରିଚାଳନା ନିମନ୍ତେ ସ୍ୱର୍ଗଦ୍ୱାର ସେବା ସମିତି ଗଠିତ ହୋଇ କାର୍ଯ୍ୟକରୁଛି। ୨୪ ଘଣ୍ଟା ଦାହ ସଂସ୍କାର କାର୍ଯ୍ୟ ଅବ୍ୟାହତ ରହିଛି ଓ ସେଥିପାଇଁ ଏକ ଏସଓପି (ମାନକ ପରିଚାଳନା ବ୍ୟବସ୍ଥା) ପ୍ରବର୍ତ୍ତିତ ହୋଇଛି। ଏବେ ସ୍ୱର୍ଗଦ୍ୱାରରେ ୨୮ ଗୋଟି ପିଣ୍ଡିରେ ଦାହସଂସ୍କାର କରାଯାଉଛି। ଶବ ପହଞ୍ଚିବା ଠାରୁ ଦାହସଂସ୍କାର ହେବା ପର୍ଯ୍ୟନ୍ତ ସମସ୍ତେ କାର୍ଯ୍ୟ ନିମନ୍ତେ ଏକକ ଗବାକ୍ଷ ବ୍ୟବସ୍ଥା (single window system ) ରହିଛି। ଏଠାରେ ବିଶ୍ରାମ ସ୍ଥାନ, ଶୌଚାଳୟ, ଶ୍ରାଦ୍ଧ କ୍ରିୟା ନିମନ୍ତେ ପିଣ୍ଡି ପାଇଁ ସ୍ୱତନ୍ତ୍ର ନିର୍ମାଣ କାର୍ଯ୍ୟ ହୋଇଛି । ପାନୀୟଜଳ ବ୍ୟବସ୍ଥା ରହିଛି। ଶବ ରଖିବା ନିମନ୍ତେ ସ୍ୱତନ୍ତ୍ରଭାବେ ଅନ୍ତିମ ବିଶ୍ରାମ ଗୃହ ନିର୍ମାଣ କରାଯାଇଛି । ସ୍ୱର୍ଗଦ୍ୱାର ସେବା କେନ୍ଦ୍ରରେ ୧୦୦ରୁ ଉର୍ଦ୍ଧ୍ୱ ସେବକ ନିଯୁକ୍ତ ହୋଇ ସମସ୍ତ କାର୍ଯ୍ୟ ସୁଚାରୁରୂପେ ତୁଲାଉଛନ୍ତି। ଏଠାରେ ସମସ୍ତ ଦେୟ କ୍ୟାସଲେସ ମାଧ୍ୟମରେ ପୈଠ ହେଉଛି । ୱେବସାଇଟ ଓ ମୋବାଇଲ ଆପ୍ଲିକେସନ ମାଧ୍ୟମରେ ବିନା କାଗଜପତ୍ରରେ କାର୍ଯ୍ୟ ସମ୍ପାଦିତ ହେଉଛି ।

୮. ସ୍ୱର୍ଗଦ୍ୱାର ସେବା କେନ୍ଦ୍ରକୁ ସମସ୍ତ ସାମଗ୍ରୀ "ଓରମାସ" ତଥା ସ୍ୱୟଂ ସହାୟକ ଗୋଷ୍ଠୀ ପକ୍ଷରୁ ନିୟମିତ ଯୋଗାଇ ଦିଆଯାଉଛି। ଓଡ଼ିଶା ରାଜ୍ୟ ବନ ଉନ୍ନୟନ ନିଗମ ପକ୍ଷରୁ ଦାହ ସଂସ୍କାର ନିମନ୍ତେ ଆବଶ୍ୟକୀୟ କାଠ ଯୋଗାଇଦିଆଯାଉଛି।

୯. ସ୍ୱର୍ଗଦ୍ୱାରରେ ସମସ୍ତ କାର୍ଯ୍ୟ ପାଇଁ ସିସିଟିଭି କ୍ୟାମେରା ବ୍ୟବହୃତ ହୋଇ ନିରୀକ୍ଷଣ କରାଯାଉଛି।

୧୦. ପୂର୍ବେ ଏଠାରେ ଗୋଟିଏ ଶବସତ୍କାର ସକାଶେ ପ୍ରାୟ ୧୦ ହଜାର ଟଙ୍କା ଖର୍ଚ୍ଚ ହେଉଥିବା ବେଳେ ଏବେ ତାହା ପ୍ରାୟ ୪ ହଜାର ଟଙ୍କାକୁ ହ୍ରାସ ପାଇଛି।

୧୧. ଏଠାରେ ଶବସଂସ୍କାର ନିମନ୍ତେ ହରିଶ୍ଚନ୍ଦ୍ର ଯୋଜନା ଜରିଆରେ ଗତ ୧୫.୫.୨୦୨୧ରୁ ୩୧.୧୨.୨୦୨୩ ପର୍ଯ୍ୟନ୍ତ ପ୍ରାୟ ୧୨ କୋଟି ୭ ଲକ୍ଷ ଟଙ୍କା ବ୍ୟୟ କରାଯାଇଛି । ବହୁ ପ୍ରତିକ୍ଷିତ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଲୋକାର୍ପଣ ହେବାକୁ ଥିବା ବେଳେ ସ୍ୱର୍ଗଦ୍ୱାର ରୂପାନ୍ତରଣ ଏକ ତାତ୍ପର୍ଯ୍ୟପୂର୍ଣ୍ଣ ସଂଯୋଜନା ବିବେଚିତ ହେଉଛି।





**ସିଦ୍ଧାର୍ଥ ରାୟ: ସ୍ୱର୍ଗ ଦ୍ୱାର ପରିଚାଳନା କମିଟି**

ସ୍ୱର୍ଗଦ୍ୱାର ରୂପାନ୍ତରଣ କାର୍ଯ୍ୟ ଯେଉଁ ଗତିରେ ହୋଇଛି, ତାହା ଚିନ୍ତା କଲେ ମୁଁ ଆଶ୍ଚର୍ଯ୍ୟ ହେଉଛି। ୫- ଟି ରୂପାନ୍ତରଣ ହେତୁ ଏପରି କାର୍ଯ୍ୟ ସହଜରେ ଓ ଠିକ୍ ସମୟରେ ସମ୍ପାଦିତ ହୋଇପାରିଛି। ପ୍ରିୟଜନଙ୍କୁ ହରାଇ ମ୍ରିୟମାଣ ହୋଇପଡ଼ିଥିବା ଲୋକମାନେ ଯେପରି ନୀର୍ବିଘ୍ନରେ ଦାହସଂସ୍କାର କରାଇ ପାରିବେ, ସେଥିପ୍ରତି ପରିଚାଳନା କମିଟି ଯତ୍ନଶୀଳ ରହିଛି।

## ମତାମତ:

**ଭବତାରଣ ସାହୁ : ଉପଜିଲ୍ଲାପାଳ, ପୁରୀ**

୫-ଟି ରୂପାନ୍ତରଣ ମାଧ୍ୟମରେ ପୁରୀ ସ୍ୱର୍ଗଦ୍ୱାରର ସମସ୍ତ ପରିବର୍ତ୍ତନ ଲୋକମାନଙ୍କ ଧାର୍ମିକ, ମାନସିକ ଓ ଅନ୍ୟ ସମସ୍ତ ବିଶ୍ୱାସକୁ ଅକ୍ଷୁଣ୍ଣ ରଖି ପାରିଛି ଓ ଯଥାର୍ଥ ସେବା ପ୍ରଦାନ କରିପାରିଛି ।

**ବ୍ରଜକିଶୋର ସାହୁ: ସ୍ୱର୍ଗଦ୍ୱାର ମୁଖ୍ୟ ସେବକ**

ଗତ ୩ ବର୍ଷ ମଧ୍ୟରେ ସ୍ୱର୍ଗଦ୍ୱାରରେ ବହୁତ ପରିବର୍ତ୍ତନ ଘଟିଛି। ପୂର୍ବର ଅସୁବିଧା ଆଉ ନାହିଁ। ନିଜ ପ୍ରିୟଜନଙ୍କୁ ଏହି ଶେଷ ଠିକଣାରେ ସମ୍ମାନଜନକ ଭାବରେ ସଂସ୍କାର ପାଇଁ ଇଚ୍ଛା ବଢୁଛି। ପୂର୍ବରୁ ଦୈନିକ ୩୫-୪୦ ଶବର ଦାହସଂସ୍କାର ହେଉଥିବା ବେଳେ ଏବେ ଶତାଧିକ ଦାହ ସଂସ୍କାର କରାଯାଇପାରୁଛି ।

**ଗଙ୍ଗୁ ନାୟକ: ସଂସ୍କାର ସେବକ, ସ୍ୱର୍ଗଦ୍ୱାର**

ଶ୍ରୀ ଜଗନ୍ନାଥଙ୍କ ଦୟାରୁ ବହୁ ଦିନ ହେଲା ମୁଁ ଏଠାରେ ଦାହ ସଂସ୍କାର କରି ଆସୁଛି। ଏହା ଏକ ବିଶେଷ ସେବା। ସର୍ବାଧିକ ଶବସଂସ୍କାର କରିଥିବାରୁ ମତେ ମଧ୍ୟ ପୁରସ୍କୃତ କରାଯାଇଛି । ଏବେ ଲୋକେ ବିନା ବାଧାବିଘ୍ନରେ ଏଠାରେ ଦାହ ସଂସ୍କାର କରାଇ ପାରୁଛନ୍ତି।

# ପର୍ଯ୍ୟଟକଙ୍କ ଭୂ-ସ୍ୱର୍ଗ 'ବ୍ଲୁଫ୍ଲାଗ ବିଚ୍'

- ବିଶ୍ୱ ପର୍ଯ୍ୟଟନ ମାନଚିତ୍ରରେ ଓଡ଼ିଶାକୁ ଦେଇଛି ସ୍ୱତନ୍ତ୍ର ସ୍ଥାନ
- ପର୍ଯ୍ୟଟକଙ୍କୁ ମିଳୁଛି ଅନ୍ତର୍ଜାତୀୟସ୍ତରୀୟ ସୁବିଧା







## ଫି' ଦେଇଛି ମାନ୍ୟତା

ଅନ୍ତର୍ଜାତୀୟ ଜୁରୀ ସଂସ୍ଥା ଡେନ୍‌ମାର୍କର ଫି (ଫାଉଣ୍ଡେସନ୍ ଫର୍ ଏନ୍‌ଭାଇରନ୍‌ମେଣ୍ଟାଲ ଏଜୁକେଶନ) ପୁରୀ ବେଳାଭୂମିକୁ ଦେଇଛି ମର୍ଯ୍ୟାଦାଜନକ ବ୍ଲୁ-ଫ୍ଲାଗ୍ ମାନ୍ୟତା। ଏହି ମାନ୍ୟତା ପାଇବା ଲାଗି ସ୍ୱର୍ଣ୍ଣାଭ ବେଳାଭୂମିକୁ ୩୩ଟି ସର୍ତ୍ତ ପୂରଣ କରିବାକୁ ପଡ଼ିଛି। ଏହି ମାନ୍ୟତା ପାଇବା ଲାଗି ଦେଢବର୍ଷ ଧରି ଗାନ୍ଧୀଘାଟଠାରୁ ହୋଟେଲ ମେ' ଫେୟାର ପର୍ଯ୍ୟନ୍ତ ଅଞ୍ଚଳକୁ ସ୍ୱତନ୍ତ୍ର ଭାବେ ସୌନ୍ଦର୍ଯ୍ୟକରଣ ସହ ବିକଶିତ କରାଯାଇଥିଲା। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପ୍ରଚେଷ୍ଟାରେ ୨୦୨୦ ଅକ୍ଟୋବର ୧୧ ତାରିଖରେ ପୁରୀର ସ୍ୱର୍ଣ୍ଣାଭ ବେଳାଭୂମିକୁ ବ୍ଲୁ ଫ୍ଲାଗର ମାନ୍ୟତା ମିଳିଥିଲା।

## ୩ ବର୍ଷରେ ଆସିଛନ୍ତି ୨୨ଲକ୍ଷ ପର୍ଯ୍ୟଟକ

ବିଧିବଦ୍ଧ ଭାବେ ୨୦୨୦ ସେପ୍ଟେମ୍ବର ୧ ତାରିଖରୁ ଏଠାରେ ପର୍ଯ୍ୟଟକଙ୍କ ପାଇଁ ଟିକେଟ୍ ବିକ୍ରି ଆରମ୍ଭ ହୋଇଥିଲା। ପର୍ଯ୍ୟଟକଙ୍କ ପାଇଁ ୩ ଘଣ୍ଟାକୁ ୨୦ ଟଙ୍କା ଟିକେଟ୍ ପଡୁଥିବା ବେଳେ ସ୍ଥାନୀୟ ଲୋକଙ୍କ ପାଇଁ ମାସିକିଆ ପାସ୍ ୩୦୦ ଟଙ୍କା (ଦିନକୁ ୩ ଘଣ୍ଟା) ରହିଛି। ଇତିମଧ୍ୟରେ ପ୍ରାୟ ୩ ବର୍ଷ ହେବ (୨୦୨୩ ଡିସେମ୍ବର ଶେଷ ସୁଦ୍ଧା) ଏହି ବ୍ଲୁ ଫ୍ଲାଗ ବିଚ୍‌କୁ ମୋଟ ୨୨ଲକ୍ଷ ୧୯ ହଜାର ୫୪୦ ଜଣ ପର୍ଯ୍ୟଟକ ବୁଲି ଆସିଛନ୍ତି। ବର୍ଷକୁ ପର୍ଯ୍ୟଟକଙ୍କ ଆଗମନ ବୃଦ୍ଧି ପାଉଥିବା ଏହାର ପରିଚାଳନା ପାଇଁ ଗଠିତ ବିଚ୍ ମ୍ୟାନେଜମେଣ୍ଟ କମିଟି ପକ୍ଷରୁ କୁହାଯାଇଛି।

## ଉପଲବ୍ଧ ହେଉଥିବା ସେବା

ପୁରୀକୁ ବିଶ୍ୱସ୍ତରୀୟ ଐତିହ୍ୟ ସହରରେ ପରିଣତ ଲାଗି ରାଜ୍ୟ ସରକାର ନିରବଚ୍ଛିନ୍ନ ଉଦ୍ୟମ ଜାରି ରଖିଛନ୍ତି। ଏଥିପାଇଁ ଏକାଧିକ ପ୍ରକଳ୍ପ ବାସ୍ତବତାର ରୂପ ନେଇଥିବା ବେଳେ ଅନେକର କାମ ଆଗେଇ ଚାଲିଛି। ତେଣୁ ଏଠାକୁ ଆସୁଥିବା ଯାତ୍ରୀ, ପର୍ଯ୍ୟଟକ, ଭକ୍ତଙ୍କୁ ଅତ୍ୟାଧୁନିକ ସେବା ସୁବିଧା ଯୋଗାଇଦେବାରେ ବ୍ଲୁ-ଫ୍ଲାଗ ବିଚ୍ ନିଶ୍ଚିତ ସହାୟକ ହେବ। ପର୍ଯ୍ୟଟକଙ୍କ ଲାଗି ଏଠାରେ ସମସ୍ତ ପ୍ରକାର ସୁବିଧା କରାଯାଇଛି। ପ୍ରବେଶ ପଥରେ ବୃହତ୍ ପାର୍କିଂ, ସ୍ୱର୍ଣ୍ଣାଭ ବେଳାଭୂମିରେ ସ୍ୱଚ୍ଛତା, ସବୁଜିମା, ବସିବା ପାଇଁ ଛତ୍ରୀ, ବାଥ୍‌ଂଜୋନ୍, ଚେଞ୍ଜିଂରୁମ୍, ଅତ୍ୟାଧୁନିକ ଶୌଚାଳୟ, ପାନୀୟଜଳ, ଜଗିଂ ପାଇଁ ଫୁଟ୍‌ପାଥ, ଫାଷ୍ଟଏଡ୍, ବ୍ୟାୟାମ ଉପକରଣ, ପିଲାଙ୍କ ଖେଳିବା ବ୍ୟବସ୍ଥା ସହ ଅନ୍ୟାନ୍ୟ ଆନୁଷଙ୍ଗିକ ସୁବିଧା କରାଯାଇଛି। ସବୁଠୁ ଗୁରୁତ୍ୱପୂର୍ଣ୍ଣ ହେଉଛି, ଏହା ପରିସରରେ ସବୁଜିମା ସୃଷ୍ଟି କରାଯାଇଛି। ଫଳରେ ପର୍ଯ୍ୟଟକମାନେ ସ୍ୱଚ୍ଛ ବାୟୁ ଆହରଣ କରିପାରିବେ। ସ୍ନାନ ଲାଗି ପାଣିର ଗୁଣବତ୍ତାକୁ ମଧ୍ୟ ଗୁରୁତ୍ୱ ଦିଆଯାଇଛି। ସେହିପରି ଗ୍ରେ-ୱାଟର ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ ଏବଂ ଆବର୍ଜନାକୁ ରିସାଇକ୍ଲିଂ ମଧ୍ୟ କରାଯାଉଛି। ସୋଲାର ପ୍ଲାଣ୍ଟ ଯୋଗୁଁ ବହୁ ପରିମାଣରେ ବିଦ୍ୟୁତ୍ ମଧ୍ୟ ସଞ୍ଚୟ ହୋଇପାରୁଛି। ପରିବେଶଭିତ୍ତିକ ନିର୍ମାଣକୁ ପ୍ରାଥମିକତା ଦିଆଯାଇ ବାଉଁଶର ବ୍ୟାପକ ବ୍ୟବହାର, ୱାଚ୍ ଟାୱାର, ପର୍ଯ୍ୟଟକଙ୍କ ସୁରକ୍ଷା ଲାଗି ସିସିଟିଭି, ୧୦ଜଣ ଲାଇଫ୍‌ଗାର୍ଡ, ସୁରକ୍ଷା କର୍ମୀ ମଧ୍ୟ ମୁତୟନ ଅଛନ୍ତି। ଏହାବ୍ୟତୀତ ପର୍ଯ୍ୟଟକଙ୍କ ଲାଗି ସ୍ଥାନୀୟ ପାନ୍ଥନିବାସରେ ରାଜ୍ୟ ପର୍ଯ୍ୟଟନ ଉନ୍ନୟନ ନିଗମ ପକ୍ଷରୁ କାଫେଟେରିଆ ମଧ୍ୟ ଖୋଲାଯାଇଛି। ପର୍ଯ୍ୟଟକମାନେ ଏଠାରେ ମନ ପସନ୍ଦର ସ୍ନାକ୍ସ ଖାଇବାର ସୁବିଧା ରହିଛି।

ପୁରୀ କେବଳ ଆଧାତ୍ମିକସ୍ଥଳୀ ନୁହେଁ, ପର୍ଯ୍ୟଟନ କ୍ଷେତ୍ରରେ ବି ପ୍ରମୁଖ ଆକର୍ଷଣ ପାଲଟିଛି। ବିଶ୍ୱପ୍ରସିଦ୍ଧ କୋଣାର୍କ ସୂର୍ଯ୍ୟମନ୍ଦିର, ପ୍ରକୃତିରାଣୀ ଚିଲିକା, ପୁରୀର ସ୍ୱର୍ଣ୍ଣାଭ ବେଳାଭୂମି ବର୍ଷତମାମ୍ ବିଦେଶୀ ପର୍ଯ୍ୟଟକଙ୍କୁ ଏଠାକୁ ଟାଣୁଛି। ଦେଶ-ବିଦେଶର ପର୍ଯ୍ୟଟକଙ୍କୁ ଶାନ୍ତ ଶୀତଳ ପରିବେଶରେ କିଛି ସମୟ ପ୍ରକୃତି କୋଳରେ ହଜିଯିବାର ନିଆରା ଅନୁଭୂତି ଦେବା ପାଇଁ ପୁରୀରେ ଗଢ଼ି ଉଠିଛି 'ବ୍ଲୁ ଫ୍ଲାଗ ବିଚ୍'। ଏହା ପର୍ଯ୍ୟଟକଙ୍କ ଭୂ-ସ୍ୱର୍ଗ ପାଲଟିଛି। ଆଉ ଓଡ଼ିଶାକୁ ବି ବିଶ୍ୱ ପର୍ଯ୍ୟଟନ ମାନଚିତ୍ରରେ ସ୍ୱତନ୍ତ୍ର ସ୍ଥାନ ଦେଇଛି ଏହି ବିକଶିତ ବେଳାଭୂମି। ଏଠାରେ ସବୁବର୍ଗର ପର୍ଯ୍ୟଟକଙ୍କୁ ଅନ୍ତର୍ଜାତୀୟସ୍ତରୀୟ ସୁବିଧା ମିଳୁଥିବା ବେଳେ ବର୍ଷତମାମ୍ ଗହଳି ଲାଗୁଛି ବ୍ଲୁ-ଫ୍ଲାଗ ବିଚ୍‌ରେ। ପୁରୀକୁ ବିଶ୍ୱସ୍ତରୀୟ ଐତିହ୍ୟ ସହରରେ ଗଢ଼ିବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସ୍ୱପ୍ନକୁ ବାସ୍ତବ ରୂପ ଦେବାରେ ସହଭାଗିତା ରଖିଛି 'ବ୍ଲୁ ଫ୍ଲାଗ ବିଚ୍'।

ପୁରୀ ଏକ ଅନ୍ତର୍ଜାତୀୟ ପର୍ଯ୍ୟଟନ ସହର। ଏଠାକୁ ପ୍ରତିଦିନ ଦେଶ, ବିଦେଶର ହଜାର ହଜାର ପର୍ଯ୍ୟଟକ ଆସିଥା'ନ୍ତି। ଅଧିକାଂଶ ପୁରୀ ବେଳାଭୂମିକୁ ପସନ୍ଦ କରିଥା'ନ୍ତି। କିଛି ସମୟ ସ୍ୱର୍ଣ୍ଣାଭ ବେଳାଭୂମିର ବାଲୁକା ଶଯ୍ୟାରେ ସମୟ ଅତିବାହିତ କରିବାକୁ ଇଚ୍ଛା ରଖିଥା'ନ୍ତି। ହେଲେ ସର୍ବଦା ଗହଳି ଚହଳି ଲାଗୁଥିବା ବେଳାଭୂମିର ଏକ ନିର୍ଦ୍ଦିଷ୍ଟ ଅଞ୍ଚଳକୁ ବିକଶିତ କରାଯାଇ ସେଠାରେ ପର୍ଯ୍ୟଟକଙ୍କୁ ବିଭିନ୍ନ ପ୍ରକାର ସୁବିଧା ଦେବା ପାଇଁ ୨୦୧୮ ମସିହାରେ ବ୍ଲୁ ଫ୍ଲାଗ ବିଚ୍‌ର ପରିକଳ୍ପନା କରାଯାଇଥିଲା। ସୋସାଇଟି ଅଫ୍ ଇଣ୍ଟିଗ୍ରେଟେଡ୍ କୋଷ୍ଟାଲ ମ୍ୟାନେଜମେଣ୍ଟ ବା ସିସ୍‌କମ୍ ଓ ଭାରତ ସରକାରଙ୍କ ଜଙ୍ଗଲ ଓ ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ଦ୍ୱାରା ଏହାକୁ ପ୍ରଥମେ ପାଇଲଟ୍ ବ୍ଲୁ-ଫ୍ଲାଗ୍ ବିଚ୍ ଭାବେ ଚିହ୍ନଟ କରାଯାଇଥିଲା। ଏହା ପରେ ଆରମ୍ଭ ହୋଇଥିଲା ପ୍ରକ୍ରିୟା। ଏକାଧିକଥର ଟିମ୍ ଆସି ସ୍ଥାନ ଚିହ୍ନଟ କରିଥିଲେ। ସେହିପରି ସିଆରଜେଡ୍ ଆଇନ ବି ବାଧକ ସାଜିଥିଲା। ଶେଷରେ ଓଡ଼ିଶା ଉପକୂଳବର୍ତ୍ତୀ ଅଞ୍ଚଳ ପରିଚାଳନା ପ୍ରାଧିକରଣ ଏହ ପ୍ରକଳ୍ପକୁ ସିଆରଜେଡ୍ କ୍ଲିୟରାନ୍ସ ପ୍ରଦାନ କରିବା ପରେ କାମ ଆରମ୍ଭ ହୋଇଥିଲା। ଗାନ୍ଧୀ ଘାଟଠାରୁ ହୋଟେଲ୍ ମେ' ଫେୟାର ପର୍ଯ୍ୟନ୍ତ ପ୍ରାୟ ୮୬୦ ମିଟର ଅଞ୍ଚଳକୁ ବିକଶିତ କରାଯାଇଛି। ସିସ୍‌କମ୍ ଅଢ଼େଇ ବର୍ଷରେ ୮.୫ କୋଟି ଖର୍ଚ୍ଚ କରି ବ୍ଲୁ ଫ୍ଲାଗ୍ ପାଇଁ ରହିଥିବା ୩୩ଟି ମାନଦଣ୍ଡକୁ ପୂରଣ କରିଥିଲା।

# ୮୫ ହଜାର ବର୍ଗଫୁଟ୍‌ରେ ଅଭ୍ୟର୍ଥନା କେନ୍ଦ୍ର



## ✚ ରହିବ ୧୦ଟି କ୍ଲକ୍ ରୁମ୍, ନିରାପତ୍ତା ପାଇଁ ସ୍କାନିଂ ବ୍ୟବସ୍ଥା

ଅତିଥି ଦେବୋ ଭବଃ... ମର୍ମକୁ ସାକାର କରିବ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ। ଅତିଥି ସତ୍କାର ପାଇଁ ପରିକ୍ରମା ମାର୍ଗରେ ପ୍ରାୟ ୮ ହଜାର ଭକ୍ତଙ୍କ ଲାଗି ଉପଲବ୍ଧ ହେବ ଅଭ୍ୟର୍ଥନା କେନ୍ଦ୍ର। ଏହା ମଧ୍ୟରେ ଶ୍ରୀମନ୍ଦିରକୁ ଆସୁଥିବା ଭକ୍ତଙ୍କୁ ଅତ୍ୟାବଶ୍ୟକ ସେବା ଯୋଗାଇ ଦେବାର ସମସ୍ତ ବ୍ୟବସ୍ଥା ରହିବ। ଦକ୍ଷିଣ-ପୂର୍ବ ପାର୍ଶ୍ୱରେ ପ୍ରାୟ ୮୫ ହଜାର ବର୍ଗଫୁଟ୍ ପରିମିତ ଅଞ୍ଚଳରେ ଏହି କେନ୍ଦ୍ର ନିର୍ମିତ ହେଉଛି। ଏହା ମଧ୍ୟରେ ନିରାପତ୍ତା ବ୍ୟବସ୍ଥା ପାଇଁ ବ୍ୟାଗ୍ ସ୍କାନିଂ ସୁବିଧା ରହିବ। ୪ ହଜାର ପରିବାରର ଜିନିଷ ରଖିବା ପାଇଁ ମୁଖ୍ୟ କ୍ଲକ୍ ରୁମ୍ ରହିବ। ପାନୀୟ ଜଳ ଓ ଟଏଲେଟ୍ ସୁବିଧା ସହ ହାତ ଓ ପାଦ ପ୍ରକ୍ଷାଳନ ବ୍ୟବସ୍ଥା ରହିବ। ସୋଭେନିୟର ଓ ବହି ଷ୍ଟୋର ଆଦି ଏହି କେନ୍ଦ୍ର ମଧ୍ୟରେ ଉପଲବ୍ଧ ହେବାର ଯୋଜନା ରହିଛି।

ଅଭ୍ୟର୍ଥନା କେନ୍ଦ୍ରକୁ ୧୦ଟି ପ୍ରବେଶ ପଥ ରହିବ। କେନ୍ଦ୍ର ପରିସରରେ ୧୦ଟି କ୍ଲକ୍ ରୁମ୍ ରହିବ। ସେଠାରେ ଭକ୍ତମାନେ ଜୋତା, ବ୍ୟାଗ, ମୋବାଇଲ ଓ ଅନ୍ୟ ଆସବାବ ସୁରକ୍ଷିତ ରଖି ଦର୍ଶନ ପାଇଁ ଯିବେ। କେବଳ ଶ୍ରୀମନ୍ଦିର ପରିକ୍ରମା ମାର୍ଗ ପ୍ରଦକ୍ଷଣ କରିବାକୁ ଚାହୁଁଥିବା ଭକ୍ତମାନଙ୍କ ପାଇଁ ଉତ୍ତର ଦ୍ୱାର ପାର୍ଶ୍ୱ ଓ ଅନ୍ୟ ଦ୍ୱାର ପାର୍ଶ୍ୱବର୍ତ୍ତୀ ସ୍ଥାନରେ ଜୋତା, ମୋବାଇଲ ଓ ଅନ୍ୟ ଆସବାବ ରଖିବାର ସୁବିଧା ପାଇବେ।

ବଡ଼ଦାଣ୍ଡରୁ ଶ୍ରୀମନ୍ଦିରକୁ ପ୍ରବେଶ ଲାଗି ନିର୍ମିତ ଏସି ସେଡ୍ ପାଥ୍-ୱେ ଅଭ୍ୟର୍ଥନା କେନ୍ଦ୍ରକୁ ସଂଯୋଗ ହେବ। ଏହି ସେଡ୍ ମଧ୍ୟ ଦେଇ ଶ୍ରଦ୍ଧାଳୁମାନେ ଅଭ୍ୟର୍ଥନା କେନ୍ଦ୍ରରେ ପହଞ୍ଚିବେ। ୬ଟି ଧାଡ଼ିରେ ଭକ୍ତମାନେ ପ୍ରବେଶ କରିବା ପରେ ଅଭ୍ୟର୍ଥନା କେନ୍ଦ୍ରରେ ଉପଲବ୍ଧ ସେବାର ସୁଯୋଗ ନେବେ। ସେହିଭଳି ଶ୍ରୀଦାଣ୍ଡ ବାଟ ଦେଇ ଆସିବାକୁ ଥିବା ଭକ୍ତମାନେ ଶ୍ରୀଜଗନ୍ନାଥବଲ୍ଲଭ ପାର୍କିଂରେ ଗାଡ଼ି ରଖିବା ପରେ ଅଟୋ ଜରିଆରେ ଶ୍ରୀମନ୍ଦିର ଅଭିମୁଖେ ଆସିବେ। ଶ୍ରୀଦାଣ୍ଡ ଦେଇ ଭକ୍ତମାନେ ୪ଟି ଧାଡ଼ିରେ ଅଭ୍ୟର୍ଥନା କେନ୍ଦ୍ରରେ ପହଞ୍ଚିବେ। ଦୁଇ ପାଥୱେରେ ଆସି ୧୦ଟି ଧାଡ଼ିରେ ଭକ୍ତମାନେ ଅଭ୍ୟର୍ଥନା କେନ୍ଦ୍ରରେ ପହଞ୍ଚିବା ପରେ ପାନୀୟ ଜଳ, ପାଦ ପ୍ରକ୍ଷାଳନ, କ୍ଲକ୍ ରୁମ୍ ଆଦିର ସୁବିଧା ନେବେ। ଭକ୍ତମାନେ ସାନଛତା ମଠ ଦେଇ ମେଘନାଦ ପାଚେରି କଡ଼ରେ ସେଡ୍ ପାଥୱେ ଦେଇ ଶ୍ରୀମନ୍ଦିରରେ ପ୍ରବେଶ କରିବେ। ଗାଣ୍ଠୁଆ ଚଉରା, ଗଡ଼ନ୍ତି ଛକ ଦିଗରୁ ଆସୁଥିବା ଭକ୍ତମାନେ ଦୋଳବେଦୀ କୋଣ ଦେଇ ଆସିବା ପରେ ଗ୍ରାଣ୍ଡ୍ ସେଣ୍ଟରଠାରୁ ଅଭ୍ୟର୍ଥନା କେନ୍ଦ୍ରରେ ପ୍ରବେଶ କରିବେ।

ଦୋଳମଣ୍ଡପ ସାହି, କାକୁଡ଼ିଖାଇ ପାର୍ଶ୍ୱରୁ ଆସୁଥିବା ଭକ୍ତମାନେ ସିଂହଦ୍ୱାର ଦେଇ ଗ୍ରାଣ୍ଡ ସେଣ୍ଟରଠାରୁ ଅଭ୍ୟର୍ଥନା କେନ୍ଦ୍ରରେ ପ୍ରବେଶ କରିବେ। ଭକ୍ତଙ୍କ ଭିଡ଼ ବଢ଼ିଲେ ବିକଳ୍ପ ବ୍ୟବସ୍ଥା ଆପଣାଯିବ। ଶନିବାର, ରବିବାର ଓ ଅନ୍ୟ ଛୁଟିଦିନମାନଙ୍କରେ ଭକ୍ତମାନଙ୍କର ଧାଡ଼ି ବଢ଼ିଲେ ଜଗନ୍ନାଥବଲ୍ଲଭ ପାର୍କିଂରୁ ଶ୍ରୀଦାଣ୍ଡ ଦେଇ ଭକ୍ତମାନେ ଶ୍ରୀକୃଷ୍ଣ ସିନେମା ଗଳିରୁ ବଡ଼ଦାଣ୍ଡ ସେଡ୍ ଦେଇ ଅଭ୍ୟର୍ଥନା କେନ୍ଦ୍ରକୁ ଛାଡ଼ିବାର ବ୍ୟବସ୍ଥା ଆପଣାଯିବ। ସେହିପରି ଶ୍ରୀକୃଷ୍ଣ ସିନେମା ଗଳି ପର୍ଯ୍ୟନ୍ତ ଭକ୍ତଙ୍କ ଭିଡ଼ ଥିଲେ ଜଗନ୍ନାଥବଲ୍ଲଭ ପାର୍କିଂରୁ ଶ୍ରୀଦାଣ୍ଡ ଦେଇ ଶନି ମନ୍ଦିର ଗଳିରୁ ଭକ୍ତଙ୍କୁ ବଡ଼ଦାଣ୍ଡରୁ ମରୀଚିକୋଟ ଛକରୁ ସେଡ୍‌ରେ ଭକ୍ତଙ୍କୁ ଛାଡ଼ିବାର ବ୍ୟବସ୍ଥା ହୋଇଛି। ଭକ୍ତମାନଙ୍କୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ଏହି ମହତ୍ତ୍ୱାକାଂକ୍ଷୀ ଅତ୍ୟାଧୁନିକ ବ୍ୟବସ୍ଥା ଆପଣାଯାଇଛି।





# ଗଞ୍ଜାମରେ ବୁଲିଲା ଅର୍ପଣ ରଥ




ଓଡ଼ିଶାରେ ୧୨ ମାସରେ ୧୩ ପର୍ବ । ତେବେ ଏବେ ରାଜ୍ୟ ସରକାରଙ୍କ ପକ୍ଷରୁ ଚାଲିଥିବା ଅର୍ପଣ ରଥକୁ ନେଇ ଗଞ୍ଜାମର ଘରେ ଘରେ ଅଦିନିଆ ରଥଯାତ୍ରା ଦେଖିବାକୁ ମିଳିଛି । ଭାବର ଠାକୁର ସିଏ ଅଭାବକୁ ଦୂର ଏହି ଉକ୍ତିକୁ ଗଞ୍ଜାମବାସୀ ଠିକ୍ ଭାବେ ଅନୁଭବ କରିଛନ୍ତି । ଜଗନ୍ନାଥ ଚିନ୍ତା ଓ ଚେତନା ସମଗ୍ର ବିଶ୍ୱକୁ ଅଭିଭୂତ କରିଥିବା ବେଳେ ସରକାର ପୁରୀ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପକୁ ଆସନ୍ତା ୧୭ ତାରିଖରେ ଲୋକାର୍ପିତ କରିବାକୁ ଯାଉଛନ୍ତି । ଯେଉଁଠି କି ଧନୀ କି ଗରୀବ ସମସ୍ତେ ସ୍ୱଚ୍ଛନ୍ଦରେ ମହାବାହୁ ଜଗନ୍ନାଥଙ୍କର ଦର୍ଶନ ପାଇପାରିବେ । ଏହି ଅବସରରେ ସରକାରଙ୍କ ଅର୍ପଣ ରଥ ସହର ଗଳି ପୁରପଲ୍ଲୀରେ ବୁଲୁଥିବା ବେଳେ ଭଞ୍ଜ ମାଟି ଗଞ୍ଜାମ ଜିଲ୍ଲାରେ ଏହାର ନିଆରା ସ୍ୱାଗତ କରିଥିବା ଦେଖିବାକୁ ମିଳିଛି । ବ୍ରହ୍ମପୁର ମହାନଗର ନିଗମରେ ନାମ ସଂକୀର୍ତ୍ତନ ସହ ଅର୍ପଣ ରଥକୁ ସ୍ୱାଗତ କରାଯାଉଥିବା ବେଳେ ବ୍ରହ୍ମପୁର ସା ।ଂସଦ ଚନ୍ଦ୍ରଶେଖର ସାହୁ, ଜିଲ୍ଲା ଯୋଜନା ବୋର୍ଡ଼ ଅଧ୍ୟକ୍ଷ ତଥା ବ୍ରହ୍ମପୁର ବିଧାୟକ ବିକ୍ରମ କୁମାର ପଣ୍ଡା, ମେୟର ସଂଘମିତ୍ରା ଦଳେଇ, ଡ଼େପୁଟି ମେୟର ଇଂ.ବିବେକ୍ ରେଡ୍ଡୀଙ୍କ ସମେତ ବହୁ କର୍ପୋରେଟର ଯୋଗ ଦେଇ ସହରର ଗଳିକନ୍ଦିରୁ ମହାପ୍ରଭୁଙ୍କ ନିମନ୍ତେ ଅରୁଆ ଚାଉଳ ଓ ଗୁଆ ସଂଗ୍ରହ କରୁଛନ୍ତି । ସେହିପରି ବ୍ରହ୍ମପୁର ସହର ତଳି ଗ୍ରାମାଞ୍ଚଳରେ ମଧ୍ୟ ଏଥି ନିମନ୍ତେ ଉତ୍ସବର ମାହୋଲ ତିଆରି ହୋଇଛି । ରଙ୍ଗେଇଲୁଣ୍ଡା ବ୍ଲକ୍ ଅନ୍ତର୍ଗତ ଗଉଞ୍ଜୁ ଗ୍ରାମରେ ଅବସ୍ଥିତ ଅଷ୍ଟଶମ୍ଭୁ ଶ୍ରୀ ଶ୍ରୀ ଶ୍ରୀ ଶାମେଶ୍ୱର ମହାଦେବଙ୍କ ପୀଠରେ ଅର୍ପଣ ରଥକୁ ସ୍ୱାଗତ କରାଯାଇଥିଲା । ସରପଞ୍ଚ ନିରଞ୍ଜନ ବେହେରା, ଜିଲ୍ଲା ପରିଷଦ ସଦସ୍ୟ ଦୀପକ ସାମନ୍ତ, ସମିତି ସଭ୍ୟ ଶିଶିର ଦାସ, ଏ.ଇ. ପଞ୍ଚାନନ ପ୍ରଧାନ, ପିଇଓ ଅଜିତ୍ କୁମାର ରଥ, ଜେଇ ପୁଷ୍ପିତା ବାରିକ ସ୍ୱାଗତ କରିଥିବା ବେଳେ ଗ୍ରାମର ମହିଳାମାନେ ଝୋଟି ଓ କୁମ୍ଭ ବାଡ଼ିବା ସହ ଘଣ୍ଟ, ମୃଦଙ୍ଗ ଦ୍ୱାରା ରଥ ପରିକ୍ରମାରେ ଯୋଗ ଦେଇଥିଲେ । ଦ୍ୱାରକୁ ଦ୍ୱାର ବୁଲି ରଥ ଗୁଆ, ଚାଉଳ ସଂଗ୍ରହ କରିଥିଲା । ଗଞ୍ଜାମର ଅନ୍ୟ ଅଞ୍ଚଳ ଯଥା ଦିଗପହଣ୍ଡି, ପୋଲସରା, କବିସୂର୍ଯ୍ୟନଗର, ହିଞ୍ଜିଳିକାଟୁ, ଚିକିଟି ଆଦି ଅଞ୍ଚଳରେ ଅର୍ପଣ ରଥ ପାଇଁ ଭାବାବେଗ ସହ ନିଆରା ପରିବେଶ ସୃଷ୍ଟି ହୋଇଛି । ରାଜ୍ୟ ସରକାରଙ୍କ ଦ୍ୱାରା ଘୋଷିତ ଜୟ 'ଜଗନ୍ନାଥ ଅର୍ପଣ ରଥ' ଚଳିତ ମାସ ୧୭ ରିଖ ପର୍ଯ୍ୟନ୍ତ ପୁରପଲ୍ଲୀ ଠାରୁ ଆରମ୍ଭ କରି ସହରାଞ୍ଚଳ ପର୍ଯ୍ୟନ୍ତ ପ୍ରତ୍ୟେକ ପରିବାର ଠାରୁ ଶ୍ରୀ ଜଗନ୍ନାଥଙ୍କ ଉଦ୍ଦେଶ୍ୟରେ ଅରୁଆ ଚାଉଳ ଓ ଗୁଆ ସଂଗ୍ରହ କରାଯାଇ ଜଗନ୍ନାଥଙ୍କ ନିକଟରେ ସମର୍ପିତ କରାଯିବା ପାଇଁ ସ୍ଥିରୀକୃତ ହୋଇଛି। ଏହି କାର୍ଯ୍ୟକ୍ରମରେ ପ୍ରତିଟି ଓଡ଼ିଆ ଯୋଡି ହୋଇ ଦିବ୍ୟ ଅନୁଭବର ସାନ୍ନିଧ୍ୟ ଲାଭ କରିପାରିବେ । ସେଥିପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଅଭିନବ ପ୍ରୟାସ କରାଯାଇଛି। ଅନୁରୂପ ଭାବେ ରମ୍ଭା ସହରାଞ୍ଚଳରୁ ପ୍ରତେକ ୱାର୍ଡରେ ସଂଗ୍ରହର ଶୁଭାରମ୍ଭ ହୋଇଛି । ଜୟ ଜଗନ୍ନାଥ ଅର୍ପଣ ରଥ ପରିକ୍ରମା ବେଳେ ସ୍ଥାନୀୟ ଆଖଣ୍ଡଳମଣି ମନ୍ଦିର ପରିସରରେ ପୁରୋହିତ ପଣ୍ଡିତ ଜଗନ୍ନାଥ ଦାଶଙ୍କ ବେଦ ମନ୍ତ୍ର ଦ୍ୱାରା ପୂଜାପାଠ କରି ଫୁଲମାଳରେ ସୁସଜ୍ଜିତ ହୋଇ ମହିଳାମାନେ ହୁଳହୁଳି ସହ ବନ୍ଦାପନା କରିଥିଲେ । ଆୟୋଜିତ କାର୍ଯ୍ୟକ୍ରମରେ ରମ୍ଭା ଏନ. ଏ. ସି. କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀମତୀ ଆଶାଲତା ରଚମାଳା, ଅଧ୍ୟକ୍ଷା ଶ୍ରୀମତୀ ମାନସୀ ସ୍ୱାଇଁ, ଥାନା ଆଇ.ଆଇ.ସି. ସତ୍ୟବ୍ରତ ଭୁତିଆ, ଉପାଧ୍ୟକ୍ଷ କାଳିଆ ତରେଇ, କାଉନସିଲର ସମରସେନ ପଣ୍ଡା, ସାଗର ନାହାକ, କ୍ଷେତ୍ର ମୋହନ ବେହେରା, ଅଭିମନ୍ୟୁ ବେହେରା, ସରୋଜିନୀ ସେନାପତି, ଅଧ୍ୟକ୍ଷା ପ୍ରତିନିଧି କାହ୍ନା ସ୍ୱାଇଁ, ବିଧାୟକ ପ୍ରତିନିଧି ଶ୍ରୀକାନ୍ତ ବିଶ୍ୱାଳ, ଡ଼. ସରୋଜ ଦାଶ, ଦୀପକ କୁମାର ବିଷୋୟୀ, ଜି.ସଙ୍ଗମ ଚୌଧୁରୀ, ଲୋଖେଶ୍ୱରୀ ଚିକାଲା, ସୁକାନ୍ତ ମହାରଣା, ମନୋଜ, ନାଗରାଜ ତରେଇ, ଲୋକନାଥ ପାଢ଼ୀ,ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ, ସ୍ୱେଚ୍ଛାସେବୀ, କୀର୍ତ୍ତନ ମଣ୍ଡଳୀ ଓ ଆଖଣ୍ଡଳମଣି ମନ୍ଦିର ପରିଚାଳନା କମିଟି ବୃନ୍ଦ ସହଯୋଗ କରିଥିଲେ।





## ଭକ୍ତଙ୍କ ମୁହଁରୁ ପଦେ ....



**ଶୁକଦେଇ ବେହେରା-** ଭକ୍ତ ଦାସିଆର ନଡ଼ିଆ ଯେମିତି ମହାପ୍ରଭୁ ହାତ ବଢେଇ ଦୂରରୁ ନେଇଯାଇଥିଲେ ଆଜି ଗୁଆ ଚାଉଳ ଅର୍ପଣ କରି ମୋତେ ସେମିତି ଅନୁଭୂତ ହେଉଛି ।



**ଦେବବ୍ରତ ପଟ୍ଟନାୟକ-** ସାମଗ୍ରୀକ ବ୍ୟକ୍ତି ଚେତନାର ଉର୍ଦ୍ଧ୍ୱରେ ଜଗନ୍ନାଥ । ତାଙ୍କରି ନିର୍ଦ୍ଦେଶରେ ହିଁ ଏହି ଅର୍ପଣ ରଥ ବାହାରିଛି ।



**ଗଜାନନ ତ୍ରିପାଠୀ-** (ସର୍ବ ଭାରତ ବ୍ରାହ୍ମଣ ମହାସଂଘ ): ଜଗନ୍ନାଥ ହେଉଛନ୍ତି ଜାତି, ଧର୍ମ, ବର୍ଣ୍ଣର ଉର୍ଦ୍ଧ୍ୱରେ । ଏହି ରଥ ଦ୍ୱାରା ଉକ୍ତ ଉକ୍ତିଟି ଆହୁରି ସୁଦୃଢ଼ ହୋଇଗଲା । ଏହି ରଥ ବିଭିନ୍ନ ଗ୍ରାମକୁ ଗସ୍ତ କରି ସେଠାରେ ଭକ୍ତଙ୍କ ଠାରୁ ଗୁଆ ଚାଉଳ ସଂଗ୍ରହ କରି ପୁରୀ ପଠାଯିବ । ସେଥି ପାଇଁ ମୁଁ ମୋ ଗୁଆ, ଚାଉଳ ପୁରୀ ଜଗନ୍ନାଥ ଠାକୁରଙ୍କ ପାଖକୁ ପଠାଇ ନିଜକୁ ଧନ୍ୟ ମନେକରୁଛି ।

"ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ପାଇଁ ଓଡ଼ିଶାରେ ବୁଲୁଛି ଅର୍ପଣ ରଥ। ପୁଣ୍ୟଭୂମି ଉତ୍କଳ ମାଟି ଜଗନ୍ନାଥମୟ ହୋଇଗଲାଣି। ଘଣ୍ଟଘଣ୍ଟା, ଶଙ୍ଖନାଦ, ନୃତ୍ୟଗୀତ ଓ ସଂକୀର୍ତ୍ତନରେ ଉଚ୍ଛୁଳି ପଡୁଛି ଗାଁ ଦାଣ୍ଡ। ସବୁଆଡେ ଅର୍ପଣ ରଥକୁ ପୂଜାର୍ଚ୍ଚନା ସହ ବିପୁଳ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଉଛି। ଶ୍ରଦ୍ଧାଳୁ ଭକ୍ତଗଣ ସମ୍ପୂର୍ଣ୍ଣ ଆଧ୍ୟାତ୍ମିକ ପରିବେଶରେ ଠାକୁରଙ୍କ ଉଦ୍ଦେଶ୍ୟରେ ଅରୁଆ ଚାଉଳ ଓ ଗୁଆ ସମର୍ପଣ କରୁଛନ୍ତି। ଭକ୍ତ, ସେବାୟତ ଓ ଅଗଣିତ ଜଗନ୍ନାଥ ପ୍ରେମୀଙ୍କ ଗହଣରେ ଅର୍ପଣରଥର ଶୋଭାଯାତ୍ରା ପଟୁଆରର ମନୋରମ ଦୃଶ୍ୟ ସାରା ପରିବେଶକୁ ଭକ୍ତିମୟ କରିବା ସହ ଅତ୍ୟନ୍ତ ମନୋଜ୍ଞ ତଥା ଆକର୍ଷଣୀୟ କରିତୋଳିଛି। ଅନ୍ୟପକ୍ଷରେ ତଳୁ ଉପର ଯାଏଁ ସମସ୍ତେ ଲାଗିପଡିଛନ୍ତି ଏହି ପବିତ୍ର 'ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ' କାର୍ଯ୍ୟକ୍ରମର ଶୁଭ ଲୋକାର୍ପଣ ସମାରୋହ ପାଇଁ। ଯାହାକି ଆସନ୍ତା ୧୭ ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ହାତରେ ସମ୍ପନ୍ନ ହେବ। ସମସ୍ତେ ମହାପ୍ରଭୁଙ୍କର ଏହି ମହନୀୟ କାମରେ ଲାଗିପଡିଛନ୍ତି। ରାଜ୍ୟବାସୀ ମଧ୍ୟ ଅକୁଣ୍ଠ ଚିତରେ ଏହି କାମରେ ସକ୍ରିୟ ସହଯୋଗର ହାତ ବଢାଇଛନ୍ତି।"

# ଶ୍ରୀମନ୍ଦିର 'ଅର୍ପଣ ରଥ'ର ଶୁଭାରମ୍ଭ

ମାଲକାନଗିରି ଜିଲ୍ଲା ସଦରରେ ଶ୍ରୀମନ୍ଦିର ପରିକ୍ରମାର ଅର୍ପଣ ରଥ ଭ୍ରମଣ କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଯାଇଛି । ସକାଳ ୧୦ ଘଟିକା ସମୟରେ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ କ୍ରମେ ବାଲିମେଳାରେ ଜିଲ୍ଲା ସଦରରେ ଥିବା ଜଗନ୍ନାଥ ମନ୍ଦିର ପରିସରରୁ ଏହି ରଥର ଶୁଭାରମ୍ଭ କରାଯାଇଥିଲା । ଏହି ଅବସରରେ ମାଲକାନଗିରି ଜିଲ୍ଲା ପରିଷଦ ଅଧ୍ୟକ୍ଷା ସାମାରି ଟାଙ୍ଗୁଲ, ପୌର ଅଧକ୍ଷ ମନୋଜ କୁମାର ବାରିକ, ପୂର୍ବତନ ବିଧାୟକ ତଥା ଜିଲ୍ଲା ବିଜୁ ଜନତା ଦଳର ସଭାପତି ମାନସ ମାଡକାମୀ ପ୍ରମୁଖଙ୍କ ସହ ବହୁ ବୁଦ୍ଧିଜୀବୀ, ଶ୍ରଦ୍ଧାଳୁ, ପ୍ରଶାସନିକ ଅଧିକାରୀମାନେ ଉପସ୍ଥିତ ଥିଲେ । ଏହି ରଥ ମାଲକାନଗିରି ବ୍ଲକର ବିଭିନ୍ନ ଗ୍ରାମକୁ ଗସ୍ତ କରି ସେଠାରେ ଭକ୍ତଙ୍କ ଠାରୁ ଗୁଆ ଚାଉଳ ସଂଗ୍ରହ କରି ପୁରି ପଠାଯିବ ।




## ଭକ୍ତଙ୍କ ମୁହଁରୁ ପଦେ...



**ଅନୁସୁୟା ପାଣିଗ୍ରାହୀ :**
ଆଜି ଶ୍ରୀ ଜଗନ୍ନାଥଙ୍କର ମନ୍ଦିର ପରିକ୍ରମାର ଅର୍ପଣ ରଥ ଆମ ଘର ସମ୍ମୁଖକୁ ଆସିଥିଲା। ମୁଁ ଏବଂ ମୋ ପରିବାର ସମସ୍ତେ ଶ୍ରୀଜଗନ୍ନାଥଙ୍କ ପାଖରେ ନିଜ ଘରୁ ଚାଉଳ ଓ ଗୁଆ, ପୁରୀ ଶ୍ରୀଜଗନ୍ନାଥଙ୍କ ପାଖଙ୍କୁ ପଠାଇ ନିଜଙ୍କୁ ବହୁତ ଧନ୍ୟ ମନେକରୁଛୁ।



ମାଲକାନଗିରି ଜିଲ୍ଲା ସଦରରେ ଶ୍ରୀ ମନ୍ଦିର ପରିକ୍ରମାର ଅର୍ପଣ ରଥ ଭ୍ରମଣ କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଯାଇଛି। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ କ୍ରମେ ବାଲିମେଳାରେ ଜିଲ୍ଲା ସଦରରେ ଥିବା ଜଗନ୍ନାଥ ମନ୍ଦିର ପରିସରରୁ ଏହି ରଥର ଶୁଭାରମ୍ଭ କରଯାଇଥିଲା । ଏହି ଅବସରରେ ମାଲକାନଗିରି ଜିଲ୍ଲାର ଏହି ରଥ ମାଲକାନଗିରି ବ୍ଲକର ବିଭିନ୍ନ ଗ୍ରାମକୁ ଗସ୍ତ କରି ସେଠାରେ ଭକ୍ତଙ୍କ ଠାରୁ ଗୁଆ ଚାଉଳ ସଂଗ୍ରହ କରି ପୁରୀ ପଠାଇଛନ୍ତି। ସେଥିପାଇଁ ମୁଁ ମୋ ଗୁଆ, ଚାଉଳ ପୁରୀ ଜଗନ୍ନାଥ ଠାକୁରଙ୍କ ପାଖକୁ ପଠାଇ ଧନ୍ୟ ମନେକରୁଛି।

# ନୂଆପଡ଼ାରେ ଅର୍ପଣ ରଥକୁ ସ୍ୱାଗତ







ନୂଆପଡା ଜିଲ୍ଲା ସଦର ବ୍ଲକର ବିଭିନ୍ନ ପଞ୍ଚାୟତରେ ଅର୍ପଣ ରଥକୁ ସ୍ୱାଗତ କରା ଯାଇଛି । ସବୁ ପଞ୍ଚାୟତର ଗାଁ ଗାଁରେ ଜୟ ଜଗନ୍ନାଥର ସ୍ୱର ଶୁଣିବାକୁ ମିଳିଥିଲା । ଶ୍ରଦ୍ଧାଳୁମାନେ ରଥ ପୂଜା କରି ଗୁଆ ଚାଉଳରେ ବନ୍ଦନା କରି ଶଙ୍ଖ ହୁଳୁହୁଳିରେ ସ୍ୱାଗତ କରିଥିଲେ । ସୋମବାର ଦିନ ସକାଳୁ ସଦର ବ୍ଲକର ବିଶୋର, ବେଲଟୁକୁରି , ଭାଲୁକୋନା, ବୁଢ଼ିପାଲି ପଞ୍ଚାୟତ ଭ୍ରମଣ କରିଥିଲା । ରଥକୁ ସଂକୀର୍ତ୍ତନ, ବାଜାବାଦ୍ୟ ସହିତ ସ୍ୱାଗତ କରାଯାଇଥିଲା। ସମସ୍ତ ପଞ୍ଚାୟତର ସରପଞ୍ଚ, ପଞ୍ଚାୟତ ନିର୍ବାହୀ ଅଧିକାରୀ, ୱାର୍ଡ ମେମ୍ବର ଓ ଗ୍ରାମବାସୀ ଉପସ୍ଥିତ ଥିଲେ ।

ଆସନ୍ତା ୧୭ରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ହେବାକୁ ଯାଉଛି। ଏଥିପାଇଁ ରାଜ୍ୟ ସରକାର ତଥା ଶ୍ରୀମନ୍ଦିର ପ୍ରଶାସନ ବ୍ୟାପକ ପ୍ରସ୍ତୁତି ଚଳାଇଛିନ୍ତି। ଏଥିପାଇଁ ରାଜ୍ୟ ତଥା ଭାରତବର୍ଷରେ ଥିବା ଅନେକ ମନ୍ଦିରକୁ ନିମନ୍ତ୍ରଣ କରାଯାଉଛି। ଏହି ମର୍ମରେ ଆଜି ନୂଆପଡା ଜିଲ୍ଲା ବାବା ଯୋଗେଶ୍ୱର ଓ ପାତାଳଗଙ୍ଗା ସ୍ଥିତ ବାବା ମୃତ୍ୟୁଞ୍ଜୟଙ୍କୁ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପରେ ସମ୍ମିଳିତ ହେବାପାଇଁ ଜଗନ୍ନାଥ ଧାମପୁରୀରୁ ନିମନ୍ତ୍ରଣ ପହଞ୍ଚିଛି। ସୂଚନା ମୁତାବକ ପୁରୀରୁ ନିମନ୍ତ୍ରଣ ଧରି ବାହରିଥିବା ଶ୍ରୀମନ୍ଦିରର ସେବାୟତ ବିପିନ ପତ୍ରୀ, ରାମକୃଷ୍ଣ ପତ୍ରୀ, ଜୟକୃଷ୍ଣ ମହାପାତ୍ର, ସୁର୍ଯ୍ୟନାରାୟଣ ତ୍ରିପାଠୀ ପ୍ରମୁଖ ନୂଆପଡାରେ ପହଞ୍ଚିଥିଲେ। ନୂଆପଡା ସର୍କିଟ ହାଉସଠାରେ ନୂଆପଡା ଅତିରିକ୍ତ ଜିଲ୍ଲାପାଳ ଭିମସେନ ଶବର, ନୂଆପଡା ସଦର ବିଡିଓ ବିପିନ ବିହାରୀ ଦୀପ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ନୂଆପଡା ଜିଲ୍ଲାପାଳ ହେମକାନ୍ତ ସାୟ, ନୂଆପଡା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ମଧୁଛନ୍ଦା ସାହୁ, ଉପଜିଲ୍ଲାପାଳ ସୁବାସ ଚନ୍ଦ୍ର ରଇତ ଓ ଅତିରିକ୍ତ ଜିଲ୍ଲାପାଳ ଭିମସେନ ସବର ସର୍କିଟ ହାଉସ ଠାରେ ସୌଜନ୍ୟ ମୂଳକ ସାକ୍ଷାତ ଆଲୋଚନା କରିବା ପରେ ସେବାୟତମାନେ ପଟୋରା ସ୍ଥିତ ବାବା ଯୋଗେଶ୍ୱରଙ୍କ ମନ୍ଦିରକୁ ବାହାରିଥିଲେ। ସେଠାରେ ମନ୍ଦିର ପରିଚାଳନା କମିଟି ପକ୍ଷରୁ ସେମାନଙ୍କୁ ଉଭୟ ସ୍ୱାଗତ ଜଣାଇଥିଲେ। ପରେ ବାବା ଯୋଗେଶ୍ୱରଙ୍କ ପୀଠରେ ପୁଜାର୍ଚ୍ଚନା କରି ମନ୍ଦିର ପରିଚାଳନା କମିଟି ସଭାପତି ଓ ସଂପାଦକଙ୍କୁ ଗୁଆ ପାନପତ୍ର ନଡିଆ ଦେଇ ପରିକ୍ରମା ପ୍ରକଳ୍ପରେ ସମ୍ମିଳିତ ହେବାକୁ ନିମନ୍ତ୍ରଣ ଜଣାଇଥିଲେ। ଏହି ଅବସରରେ ନୂଆପଡା ଅତିରିକ୍ତ ଜିଲ୍ଲାପାଳ ଭିମସେନ ଶବର, ନୂଆପଡା ସଦର ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିପିନ ବିହାରୀ ଦୀପ, ସହକାରୀ ଜିଲ୍ଲାପାଳ ଆଲୋକ କୁମାର ଅନଗୁଳିଆ, ଧରମବନ୍ଧା ସରପଞ୍ଚ ଭୁବନେଶ୍ୱରୀ ଦଣ୍ଡସେନା ଏବଂ ମନ୍ଦିର ପରିଚାଳନା କମିଟିର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।

## ସେମାନଙ୍କ ମୁହଁରୁ ...

**ସୀମାଞ୍ଚଳ ମହାପାତ୍ର, ସାମ୍ବାଦିକ**



ଓଡ଼ିଶା ବାସୀଙ୍କ ପାଇଁ ଅତ୍ୟନ୍ତ ଖୁସୀର ଖବର ଯେ, ଆସନ୍ତା ୧୭ ତାରିଖରେ 'ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ' ଲୋକାର୍ପଣ ହେବାକୁ ଯାଉଛି। ଏହା ଭକ୍ତଙ୍କ ପାଇଁ ସୁବିଧାରେ ଦର୍ଶନ ନିମନ୍ତେ ସହାୟକ ହେବ। ଏପରି ଏକ ପ୍ରକଳ୍ପ କାର୍ଯ୍ୟକାରୀ କରୁଥିବାରୁ ଓଡ଼ିଶାବାସୀ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ୫-ଟି ଅଧ୍ୟକ୍ଷ ଭି.କେ. ପାଣ୍ଡିଆନଙ୍କୁ ଖୋଲାମୁହଁରେ ପ୍ରଶଂସା କରିଛନ୍ତି। ଶ୍ରୀଜଗନ୍ନାଥ ଓଡ଼ିଶାବାସୀଙ୍କ ଆରାଧ୍ୟ ଦେବତା। ତେଣୁ ତାଙ୍କ ପାଇଁ ହେଉଥିବା କାର୍ଯ୍ୟକ୍ରମକୁ ସମସ୍ତେ ଆନନ୍ଦ ଓ ଉତ୍ସାହର ସହିତ ଅପେକ୍ଷା କରିଛନ୍ତି।

**ପ୍ରସନ୍ନ କୁମାର ପାଢୀ, ସଭାପତି, ଜିଲ୍ଲା ଓକିଲ ସଂଘ**



ପୁରୀ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଭବ୍ୟ ପ୍ରତିଷ୍ଠା ଉତ୍ସବକୁ ପାଳନ କରିବା ପାଇଁ ଭକ୍ତମାନେ, ଓଡ଼ିଶାବାସୀ, ଭାରତବାସୀ ଏବଂ ବିଶ୍ୱବାସୀ ଖୁବ୍ ଉତ୍ସାହ ଉଦ୍ଦୀପନାର ସହ ଚାହିଁ ରହିଛନ୍ତି। ସାରା ଓଡ଼ିଶାର ମଠ, ମନ୍ଦିରର ସୌନ୍ଦର୍ଯ୍ୟକରଣ ଏବଂ ବିଭିନ୍ନ ଜନହିତକର କାର୍ଯ୍ୟକୁ ନେଇ ସାଧାରଣ ଲୋକ ମୁଖ୍ୟମନ୍ତ୍ରୀଙ୍କୁ ବେଶ୍ ପ୍ରଶଂସା କରୁଛନ୍ତି। ଆଶା କରାଯାଉଛି ଆଗାମୀ ଦିନରେ ଏପରି ଆହୁରି ଅନେକ ପ୍ରକଳ୍ପ କାର୍ଯ୍ୟକାରୀ ହୋଇ ଓଡ଼ିଶା ଏବଂ ଓଡ଼ିଶାବାସୀଙ୍କ ପାଇଁ ସମୃଦ୍ଧି ଆଣିଦେବ। ଏହି ପ୍ରତିଷ୍ଠା ଉତ୍ସବ ସୁରୁଖୁରୁରେ ସମାପନ ହେବା ପାଇଁ ସମସ୍ତେ ଶ୍ରୀଜଗନ୍ନାଥଙ୍କୁ ଗୁହାରୀ ଜଣାଉଛନ୍ତି। ମୁଁ ମଧ୍ୟ ଠାକୁରଙ୍କୁ ଡାକୁଛି।

ସମ୍ପାଦକୀୟ
29 YEARS ସମ୍ବାଦ କଳିକା

# ଧନୀ-ଗରିବଙ୍କ ମଧ୍ୟରେ ବ୍ୟବଧାନ କମୁଛି

ଗତ ୧୦ ବର୍ଷରେ ଲୋକଙ୍କ ଆମଦାନୀଙ୍କ ଉପରେ ଷ୍ଟେଟ୍ ବ୍ୟାଙ୍କ ଅଫ ଇଣ୍ଡିଆ ଏକ ରିପୋର୍ଟ ଜାରି କରିଛ । ଏହି ରିପୋର୍ଟରେ କୁହାଯାଇଛି ଯେ ଦେଶରେ ଧନୀ ଏବଂ ଗରିବଙ୍କ ମଧ୍ୟରେ ବ୍ୟବଧାନ କମ୍ ହୋଇଛି । ଏସବିଆଇର ଇକୋନମିକ ରିସର୍ଚ୍ଚ ଡିପାର୍ଟମେଣ୍ଟର ଏକ ରିପୋର୍ଟରେ କୁହାଯାଇଛି ଯେ ଗତ ୧୦ ବର୍ଷ (୨୦୧୪-୨୩)ରେ ଦେଶରେ ଆର୍ଥିକ ଅସମାନତା କମିଛି ।

ଏହି ରିପୋର୍ଟରୁ ଜଣାପଡ଼ିଛି ଯେ ବାଇକ ତୁଳନାରେ କାର୍ ବିକ୍ରିରେ ଅଧିକ ଗ୍ରୋଥ ଦେଖାଯାଇଛି । ଗିନି କୋଇଫିସିଏଣ୍ଟ ଉପରେ ଆମଦାନୀରେ ଅସମାନତା ହ୍ରାସ ପାଇଛି । କୋଇଫିସିଏଣ୍ଟ ୨୦୧୪ରେ ୦.୪୭୨ରୁ କମି ୨୦୨୨ରେ ୦.୪୦୨ ହୋଇଥିଲା । ଭବିଷ୍ୟତରେ ଆର୍ଥିକ ଅସମାନତା ଆହୁରି କମ୍ ହେବା ପାଇଁ ଅନୁମାନ କରାଯାଇଛି । ଦେଶରେ ୫ ଲକ୍ଷରୁ ୧୦ ଲକ୍ଷ ଟଙ୍କା ବାର୍ଷିକ ଆୟ ଥିବା ଲୋକଙ୍କ ସଂଖ୍ୟାରେ ୨୯୫ ପ୍ରତିଶତ ବୃଦ୍ଧି ହୋଇଛି । ଅନ୍ୟପଟେ ୧୦ ଲକ୍ଷରୁ ୨୫ ଲକ୍ଷ ଯାଏ ବାର୍ଷିକ ଆୟ ଥିବା ଲୋକ ସଂଖ୍ୟାରେ ୨୯୧ ପ୍ରତିଶତ ବୃଦ୍ଧି ହୋଇଛି । ଦେଶରେ ୧୦୦ କୋଟି ଟଙ୍କାରୁ ଅଧିକ ଆୟ କରୁଥିବା ଲୋକଙ୍କ ସଂଖ୍ୟା ୨୩ରୁ ବଢି ୧୩୬ ହୋଇଛି ।

ଉଲ୍ଲେଖଯୋଗ୍ୟ ଯେ ଗିନି କୋଇଫିସିଏଣ୍ଟ, ଯାହା ଗିନି ସୂଚକାଙ୍କ ବା ଗିନି ଅନୁପାତରେ କୌଣସି ଦେଶ କିମ୍ବା ସାମାଜିକ ବର୍ଗ ଭିତରେ ଅସମାନତା, ଆର୍ଥିକ ଅସମାନତା, ଉପଭୋକ୍ତା ଅସମାନତାକୁ ମାପିବା ପାଇଁ ଏକ ପରିସଂଖ୍ୟାନ ମାପକ ଅଟେ ।

ଭାରତରେ ଆୟର ଅସମାନତାର ଆକଳନ ପାଇଁ ଏସବିଆଇ ପ୍ରଥମ ଥର ସାର୍ବଜାନୀନ ରୂପେ ଉପଲବ୍ଧ ଇନ୍‌କମ୍ ଟ୍ୟାକ୍ସ ଡାଟାକୁ ଉପଯୋଗ କରିଛି । ଏହି ରିପୋର୍ଟରେ କୁହାଯାଇଛି ଯେ ୩୬.୩ ପ୍ରତିଶତ ଟିକସଦାତା କମ୍ ଆୟରୁ ହାଇ ଇନ୍‌କମ୍ ଟ୍ୟାକ୍ସକୁ ଆସିଛନ୍ତି । ଏହି କାରଣରୁ ୨୧.୩ ପ୍ରତିଶତ ଅତିରିକ୍ତ ଆୟ ହୋଇଛି ।

## ଶ୍ରୀଶ୍ରୀ ଅଭିରାମ ସରସ୍ୱତୀଙ୍କ ଦିବ୍ୟ ସନ୍ଦେଶ

**ସତ୍ୟ ଭାଗବତ**

**ପ୍ରଥମ ଅଧ୍ୟାୟ**

**ଓଁ ଏକାକ୍ଷର ତତ୍ତ୍ୱ**

**'ଅ'- ଅନନ୍ତାୟ ନମଃ**

**'ହରେ କୃଷ୍ଣ ହରେ କୃଷ୍ଣ
କୃଷ୍ଣ କୃଷ୍ଣ ହରେ ହରେ
ହରେ ରାମ ହରେ ରାମ
ରାମ ରାମ ହରେ ହରେ'**



ଶ୍ରୀ ଅଭିରାମ ସରସ୍ୱତୀ

ମହାମନ୍ତ୍ର-ତତ୍ତ୍ୱର ବ୍ରହ୍ମ ତତ୍ତ୍ୱ ହେଉଛି
ମୁକ୍ତି ତତ୍ତ୍ୱ
ହେ ବ୍ରହ୍ମ ମୋତେ ମାୟା କଲ
ମାୟା ସଂସାରେ ଭ୍ରମାଇଲ (୧)
ସୃଷ୍ଟି କର୍ତ୍ତାଟି ତୁମ୍ଭେ ମୋର
ତେଣୁଟି ତୁମ୍ଭେ ମୋ ପିୟର (୨)
ଯୋଗ ତପସ୍ୟା ନଜାଣଇ
ତୁମ୍ଭର ନାମ ନଭଜଇ (୩)
କାହିଁକି ମୋତେ ଦୟାକଲ
ସ୍ୱପନେ ଯୋଗ ଶିକ୍ଷା ଦେଲ (୪)
କିପରି ଭାବେ ମୁଁ ଗମିବି
କିପରି ସୃଷ୍ଟିକୁ ପାଳିବି (୫)
କଳିରେ ନାମ କି ଭଜିବି
ହେ ସୃଷ୍ଟି କର୍ତ୍ତା କୁହ କିଛି (୬)
ଏ କଳି ଯୁଗ ବିପରୀତ
ସୃଷ୍ଟି କର୍ତ୍ତାଟି ଏକା ସତ୍ୟ (୭)
ଦର୍ଶନ ଦେଲ ଯଦି ମୋତେ
କଳିର ତତ୍ତ୍ୱ କୁହ ମୋତେ (୮)
ଜଗତ ଯାକ ଭ୍ରମି ଭ୍ରମି
ପାଇଲି ପିତା ଅନ୍ତର୍ଯ୍ୟାମୀ (୯)
ଜଗତ ପିତା ବୋଲାଇଲ
ପୁତ୍ରକୁ କେଉଁ ଶିକ୍ଷା ଦେଲ (୧୦)
କହିବ ପ୍ରଭୁ ବ୍ରହ୍ମଦେବ
ଅଭି ନ ଜାଣେ ଅନ୍ୟ ଭାବ (୧୧)
ସେ ବ୍ରହ୍ମ ପଦେ ସ୍ଥାନ ଦେବ
ଏତିକି ମାଗେ ପୁତ୍ର ତବ (୧୨)

# ଭକ୍ତ ଡାକିବା ପୂର୍ବରୁ ବାବା ତା'ପାଖରେ ପହଞ୍ଚି ତାଙ୍କୁ ରକ୍ଷା କରନ୍ତି



ଇଂ ଗୁରୁପ୍ରସାଦ ସରକାର
ମୋ : ୯୪୩୭୦୩୦୪୫୩

**ଶ୍ରୀ ସତ୍ୟସାଇ ମହିମା-୨୪୩**



**କ୍ୟାପ୍ଟେନ୍ ବୋଷ ଠିକ୍ ସମୟରେ କର୍ତ୍ତବ୍ୟସ୍ଥଳରେ ପହଞ୍ଚିବା ପାଇଁ ଗାଡ଼ିକୁ ଦ୍ରୁତ ଗତିରେ ଚଳାଉଥିଲେ । ହଠାତ୍ ଗାଡ଼ିର ଆଗ ଚକ ଦୁଇଟି କାଦୁଅରେ ଫସିଗଲା । ଗାଡ଼ି ଆଉ ଆଗକୁ ଯାଇପାରିଲାନି । ପଛ ଚକ ଗୁଡ଼ିକରେ ମଧ କାଦୁଅରେ ଲାଖିଗଲ । କ୍ୟାପଟେନ୍ ବୋଷ ଗାଡ଼ିରୁ ଓହ୍ଲେଇପଡ଼ି - କୌଣସି ଗ୍ରାମବାସୀଙ୍କୁ ଦେଖିଲେ ସାହାଯ୍ୟ ମାଗିବେ ବୋଲି ଚିନ୍ତା କରୁଥିଲେ । କିନ୍ତୁ କାହାକୁ ପାଇଲେନାହିଁ । ଅଗତ୍ୟା କ୍ୟାପଟେନ୍ ଓ ପଛରେ ବସିଥିବା ତାଙ୍କ ପତ୍ନୀ ଓ ଅନ୍ୟମାନେ ଯାଇ ପାଖରେ ଥିବା ଏକ ସ୍କୁଲ ଘରେ ରାତି କଟେଇଲେ । ବଡ଼ି ଭୋର୍‌ରୁ ସମସ୍ତେ ଯାଇ ଗାଡ଼ି ଠେଲିବାକୁ ଚେଷ୍ଟା କଲେ ଗାଡ଼ି ଇଞ୍ଚେ ମଧ ଗଡ଼ିଲା ନାହିଁ । ହତୋତ୍ସାହ ହୋଇ ଭଗବାନ ସତ୍ୟସାଇ ବାବାଙ୍କୁ ଡାକ ପକେଇଲେ । ହଠାତ୍ ସେମାନେ ଦେଖିଲେ ଜଣେ ବଲୁଆ ଲୋକ ସେ ବାଟରେ ଯାଉଛି । ତାକୁ ଏମାନେ ସାହାଯ୍ୟ ମାଗିବା ପୂର୍ବରୁ ସେ ଗାଡ଼ି ପାଖକୁ ଆସି କ୍ୟାପଟେନ୍ ବୋଷଙ୍କୁ ଷ୍ଟିୟରିଙ୍ଗ ଧରିବାକୁ କହିଲେ ଓ ନିଜେ ଆଗ ବନେଟର ତଳେ ଦୁଇ ହାତ ପୁରେଇ ଗାଡ଼ିକୁ ଟେକି ନିରାପଦ ସ୍ଥାନରେ ଥୋଇଦେଲେ । ଗାଡ଼ି ଷ୍ଟାର୍ଟ ହେଲା ଓ ଚାଲିପାରିଲା ।**

ଥରେ ବାଙ୍ଗାଲୋର ବିଜ୍ଞାନ ପ୍ରତିଷ୍ଠାନର ନିର୍ଦ୍ଦେଶକ ପୁଟପାର୍ତ୍ତିରେ ଥିବା ସମୟରେ ହାଇଦ୍ରାବାଦରେ ଏକ ବାର୍ତ୍ତା ପାଇଲେ ଯେ ତାଙ୍କ ମା' ମାରାତ୍ମକ ସେରିବ୍ରାଲ ଥ୍ରୋମ୍ବୋସିସ ରୋଗରେ ପୀଡ଼ିତ ହୋଇ ମୁମୂର୍ଷୁ ଅବସ୍ଥାରେ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି । ସେତେବେଳକୁ ରାତି ସାଢ଼େ ନଅଟା ହୋଇଗଲାଣି । ବାବା ନିଜ କୋଠରୀକୁ ବିଶ୍ରାମ କରିବାକୁ ଚାଲିଗଲେଣି । ଯାହାହେଉ ଡା. ରାମକ୍ରିଷ୍ଣନ ବାବାଙ୍କ ପାଖକୁ ଏକ ବାର୍ତ୍ତା ପଠାଇବାକୁ ସଫଳ ହେଲେ । ସଙ୍ଗେ ସଙ୍ଗେ ବାବାଙ୍କ ପାଖରୁ ଫେରନ୍ତା ବାର୍ତ୍ତା ଆସିଲା ତୁମ୍ଭ ଡାକ୍ତରଖାନାରେ ଥିଲି । ତୁମର ମା' ଏବେ ଭଲ ଅଛନ୍ତି । ଠିକ୍ ରାତି ନଅଟା ବେଳକୁ ରାମକ୍ରିଷ୍ଣନ୍‌ଙ୍କ ମା' ଦେଖିଥିଲେ ଯେ ଭଗବାନ ସତ୍ୟସାଇ ବାବା ହାଇଦ୍ରାବାଦ ଡାକ୍ତରଖାନାରେ ତାଙ୍କ ଶଯ୍ୟା ପାଖରେ ଛିଡ଼ା ହୋଇ କହିଲେ, 'ତୁମେ ସମ୍ପୂର୍ଣ୍ଣ ସୁସ୍ଥ ହେଇଯିବ ।' ଏହିପରି ଅନେକ ସମୟରେ ଭକ୍ତ ତାଙ୍କୁ ପ୍ରାର୍ଥନା କରିବା ପୂର୍ବରୁ ବାବା ତାଙ୍କ ପାଖରେ ପହଞ୍ଚି ତାଙ୍କୁ ସୁସ୍ଥ କରିଦିଅନ୍ତି ।

ଥରେ ସୈନ୍ୟ ବିଭାଗର ଗ୍ରୁପ୍ କ୍ୟାପ୍ଟେନ୍ ବୋଷ ବିପଦରେ ପଡ଼ିଥିଲେ । ସେ ସୈନ୍ୟ ବିଭାଗର ଏକ ଗାଡ଼ି ଚଳେଇ ଏକ କୋର୍ଟ ମାର୍ସାଲରେ ଅଧ୍ୟକ୍ଷତା କରିବା ପାଇଁ ଅମ୍ବାଲାରୁ ଗୌହାଟି ଯାଉଥିଲେ । ବାଟରେ କିଛି ରାସ୍ତା ବନ୍ୟା ପ୍ଲାବିତ ହୋଇ କର୍ଦ୍ଦମାକ୍ତ ହୋଇଥିଲା । କ୍ୟାପ୍ଟେନ୍ ବୋଷ ଠିକ୍ ସମୟରେ କର୍ତ୍ତବ୍ୟସ୍ଥଳରେ ପହଞ୍ଚିବା ପାଇଁ ଗାଡ଼ିକୁ ଦ୍ରୁତ ଗତିରେ ଚଳାଉଥିଲେ । ହଠାତ୍ ଗାଡ଼ିର ଆଗ ଚକ ଦୁଇଟି କାଦୁଅରେ ଫସିଗଲା । ଗାଡ଼ି ଆଉ ଆଗକୁ ଯାଇପାରିଲାନି । ପଛ ଚକ ଗୁଡ଼ିକରେ ମଧ କାଦୁଅରେ ଲାଖିଗଲ । କ୍ୟାପଟେନ୍ ବୋଷ ଗାଡ଼ିରୁ ଓହ୍ଲେଇପଡ଼ି - କୌଣସି ଗ୍ରାମବାସୀଙ୍କୁ ଦେଖିଲେ ସାହାଯ୍ୟ ମାଗିବେ ବୋଲି ଚିନ୍ତା କରୁଥିଲେ । କିନ୍ତୁ କାହାକୁ ପାଇଲେନାହିଁ । ଅଗତ୍ୟା କ୍ୟାପଟେନ୍ ଓ ପଛରେ ବସିଥିବା ତାଙ୍କ ପତ୍ନୀ ଓ ଅନ୍ୟମାନେ ଯାଇ ପାଖରେ ଥିବା ଏକ ସ୍କୁଲ ଘରେ ରାତି କଟେଇଲେ । ବଡ଼ି ଭୋର୍‌ରୁ ସମସ୍ତେ ଯାଇ ଗାଡ଼ି ଠେଲିବାକୁ ଚେଷ୍ଟା କଲେ ଗାଡ଼ି ଇଞ୍ଚେ ମଧ ଗଡ଼ିଲା ନାହିଁ । ହତୋତ୍ସାହ ହୋଇ ଭଗବାନ ସତ୍ୟସାଇ ବାବାଙ୍କୁ ଡାକ ପକେଇଲେ । ହଠାତ୍ ସେମାନେ ଦେଖିଲେ ଜଣେ ବଲୁଆ ଲୋକ ସେ ବାଟରେ ଯାଉଛି । ତାକୁ ଏମାନେ ସାହାଯ୍ୟ ମାଗିବା ପୂର୍ବରୁ ସେ ଗାଡ଼ି ପାଖକୁ ଆସି କ୍ୟାପଟେନ୍ ବୋଷଙ୍କୁ ଷ୍ଟିୟରିଙ୍ଗ ଧରିବାକୁ କହିଲେ ଓ ନିଜେ ଆଗ ବନେଟର ତଳେ ଦୁଇ ହାତ ପୁରେଇ ଗାଡ଼ିକୁ ଟେକି ନିରାପଦ ସ୍ଥାନରେ ଥୋଇଦେଲେ । ଗାଡ଼ି ଷ୍ଟାର୍ଟ ହେଲା ଓ ଚାଲିପାରିଲା । କ୍ୟାପଟେନ୍ ଗାଡ଼ି ଅଟକାଇ ଆଗନ୍ତୁକଙ୍କୁ ଧନ୍ୟବାଦ ଓ ପୁରସ୍କାର ଦେବାପାଇଁ ଆଗନ୍ତୁକଙ୍କ ପାଖକୁ ଆସିବାରୁ ସେ ସେଥିପାଇଁ ଅପେକ୍ଷା ନକରି କହିଲେ ମୁଁ ଜଣେ ଚୌକିଦାର କହି ଆଗକୁ ଚାଲିବାକୁ ଆରମ୍ଭ କଲେ । ସମସ୍ତେ ଗାଡ଼ିରେ ବସିଯିବାରୁ ପୁଣି ସେ ଲୋକ ପାଖରେ ଗାଡ଼ି ଅଟକାଇ ତାଙ୍କୁ କିଛି ଟଙ୍କା ଦେବା ପାଇଁ ଚାହିଁବାରୁ ସେ ଭଦ୍ର ଭାବରେ ତାହା ନେବାକୁ ମନା କଲେ ଆଉ କହିଲେ, ତୁମେ ଗତ ରାତିରେ କାହିଁକି ମୋତେ ଡାକିଲ ନାହିଁ ? ସେତେବେଳକୁ କ୍ୟାପ୍ଟେନ୍ ବୁଝିପାରିଲେ ଯେ ସେହିଁ ଥିଲେ ନିଜେ ସାଇବାବା । କ୍ୟାପ୍ଟେନ୍ ଗାଡ଼ିରୁ ଓହ୍ଲାଇ ତାଙ୍କ ଗୋଡ଼ ତଳେ ପଡ଼ିବା ପାଇଁ ଚାହିଁଲାରୁ ସେ ଅନ୍ତର୍ଦ୍ଧାନ ହୋଇଯାଇଥିଲେ । ଗାଡ଼ିର ଅନ୍ୟ କେହିବି ତାଙ୍କୁ ଦେଖିପାରିଲେ ନାହିଁ ।

(କ୍ରମଶଃ ...)

# ପ୍ରଜ୍ଞାପୁରୁଷ ଜାନକୀ ବଲ୍ଲଭ ପଟ୍ଟନାୟକ



ହିମାଂଶୁ ଶେଖର ଆଚାର୍ଯ୍ୟ
ଜଗତସିଂହପୁର
ମୋ-୯୯୩୭୧୫୧୦୫୨

**କେବଳ ରାଜନୀତି ନୁହେଁ, ଜାନକୀବାବୁଙ୍କର ସାହିତ୍ୟ କ୍ଷେତ୍ରରେ ମଧ ଗଭୀର ପ୍ରବେଶ ଓ ଅନୁରାଗ ଥିଲା । ଏଥି ସହିତ ଜଣେ ସଂସ୍କୃତ ବିଦ୍ୱାନ ହିସାବରେ ସେ ରାଜ୍ୟରେ ଓ ରାଜ୍ୟ ବାହାରେ ବହୁ ଖ୍ୟାତି ଅର୍ଜନ କରିଥିଲେ । ତାଙ୍କ ପ୍ରଥମ ଲେଖା "ଅଶୋକ" ସ୍କୁଲ ପତ୍ରିକା ଅବକାଶରେ ପ୍ରକାଶ ପାଇବାପରେ ସେ ଆଉ ପଛକୁ ଫେରି ଚାହିଁନଥିଲେ । ତାଙ୍କ ସୃଜନଶୀଳତାର ଚଉହଦୀ ସିନ୍ଧୁ ଉପତ୍ୟକା କବିତା ସଂକଳନ ଠାରୁ ଆରମ୍ଭ କରି ସ୍ୱପ୍ନ ସଂକଳ୍ପ, ଭର୍ତ୍ତୃହରିଙ୍କ ଶତକ ସଂସ୍କୃତ ଗ୍ରନ୍ଥର ଅନୁବାଦ, ରାମାୟଣ, ମହାଭାରତ, ଶ୍ରୀମଦ୍ ଭାଗବତ ଗୀତାର ଗଦ୍ୟ ଅନୁବାଦ, ଗୌତମ ବୁଦ୍ଧ ଏପରିକି ବାଚସ୍ପତି ମହୋଦୟଙ୍କ ଭାଷଣ ସଂକଳନ ପର୍ଯ୍ୟନ୍ତ ପରିବ୍ୟାପ୍ତ ଥିଲା ।**

ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଆସାମର ପୂର୍ବତନ ରାଜ୍ୟପାଳ ସ୍ୱର୍ଗତ ଜାନକୀ ବଲ୍ଲଭ ପଟ୍ଟନାୟକ କେବଳ ରାଜନୀତି ନୁହେଁ, ସାମ୍ବାଦିକତାରୁ ସାହିତ୍ୟ ଯାଏ ସେ ସବୁଠି ଛାଡିଯାଇଛନ୍ତି ନିଜର ସ୍ୱତନ୍ତ୍ର ପରିଚୟ । ମଣିଷ ଭାବରେ ସେ ଥିଲେ ଜ୍ଞାନୀ, ଗୁଣଗ୍ରାହୀ, ସହନଶୀଳ ଓ ସ୍ଥିତପ୍ରଜ୍ଞ । ନେତା ଭାବରେ ଥିଲେ ପ୍ରଚଣ୍ଡ ଦୃଢ଼ମନା ଓ ଲୋକପ୍ରିୟ ଜନନାୟକ । ସାହିତ୍ୟିକ ଭାବରେ ସେ ଥିଲେ ନିରଳସ ସାହିତ୍ୟ ସାଧକ, ବାଗ୍ମୀ, ପ୍ରବୀଣ କବି ଓ ଲେଖକ । ସ୍ୱାଧୀନତା ପୂର୍ବରୁ ଅବିଭକ୍ତ ପୁରୀ ଜିଲ୍ଲାର ରାମେଶ୍ୱର ଗ୍ରାମରେ ଏକ ସାଧାରଣ ପରିବାରରେ ଜନ୍ମଗ୍ରହଣ କରି ସେ ଯେଉଁ ସଫଳତା ହାସଲ କରିଛନ୍ତି ତାହା ଅବର୍ଣ୍ଣନୀୟ । ପ୍ରକୃତରେ କହିବାକୁ ଗଲେ ରାଜ୍ୟପାଳ, କେନ୍ଦ୍ରମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀ ହେବାରେ ଡକ୍ଟର ମହତାବଙ୍କ ପରେ ସେ ଦ୍ୱିତୀୟ ଓଡ଼ିଆ । ସାହିତ୍ୟ, ରାଜନୀତି, ସମାଜସେବା ଓ ସମ୍ପାଦନା କ୍ଷେତ୍ରରେ ତାଙ୍କର କାର୍ଯ୍ୟକୁଶଳତା ଅନସ୍ୱୀକାର୍ଯ । ଯଥାର୍ଥରେ ସେ ଥିଲେ ଜଣେ ପ୍ରଜ୍ଞାପୁରୁଷ । ସାମଗ୍ରିକ ଭାବେ ଓଡ଼ିଶାର ବିକାଶରେ ତାଙ୍କ ଅବଦାନକୁ ମନେପକାଇବା ଏହି ଆଲେଖ୍ୟର ମୁଖ୍ୟ ଉଦ୍ଦେଶ୍ୟ ।

ଜାନକୀ ବଲ୍ଲଭ ଏକାଧାରରେ ଥିଲେ ଜଣେ ମହାନ୍ ଜନନାୟକ, ସୁସାହିତ୍ୟିକ, ସୁଦକ୍ଷ ସମ୍ପାଦକ, ଧୂରୀଣ ରାଜନୀତିଜ୍ଞ ଓ ସର୍ବୋପରି ଜଣେ ସଂସ୍କୃତ ବିଦ୍ୱାନ । ତାଙ୍କ ରାଜନୈତିକ ଜୀବନର ବିଶେଷତ୍ୱ ହେଲା, ଜୟ-ପରାଜୟ, ସଫଳତା-ବିଫଳତା ଗୋଟିଏ ମୁଦ୍ରାର ଦୁଇପାର୍ଶ୍ୱ ଭଳି । ତେଣୁ, ସେ ବିଜୟରେ ଆତ୍ମବିଭୋର ହେଉନଥିଲେ କି ପରାଜୟରେ ଭାଙ୍ଗି ପଡୁନଥିଲେ । କିନ୍ତୁ ଥରେ ସେ ଯେଉଁ କଥା ଚିନ୍ତା କରୁଥିଲେ ତାକୁ ପୂରଣ କରିବା ପର୍ଯ୍ୟନ୍ତ ନିଷ୍ଠାପର ଉଦ୍ୟମ କରୁଥିଲେ । କର୍ଣ୍ଣଙ୍କର ସେହି କାଳଜୟୀ ଉକ୍ତି - "ଦୈବାୟତ କୁଳେ ଜନ୍ମ ମଦାୟତଂ ଚ ପୌରୁଷମ୍" (ଅର୍ଥାତ ଉଚ୍ଚକୁଳରେ ଜାତ ହେବା ଦୈବର ଅଧୀନ, ପୁରୁଷାକାର ମୋର ଅଧୀନ) ଏହି କଥାକୁ ଅକ୍ଷରେ ଅକ୍ଷରେ ପ୍ରତିଫଳିତ କରିଥିଲେ ସେ ନିଜ ଜୀବନରେ । ଦୃଢ ଇଚ୍ଛାଶକ୍ତି, କଠିନ ପରିଶ୍ରମ ଓ ଶୃଙ୍ଖଳା ଥିଲା ତାଙ୍କ ଜୀବନର ମୂଳମନ୍ତ୍ର ଯାହାକୁ ପାଥେୟକରି ସେ ନିଜକୁ ଜଣେ ନିଆରା ଜନନାୟକ ଭାବେ ପରିଚିତ କରାଇପାରିଥିଲେ ।

ରାଜନୀତି କ୍ଷେତ୍ରରେ ଜାନକୀବଲ୍ଲଭ ପଟ୍ଟନାୟକ ଉତ୍ତୁଙ୍ଗ ବ୍ୟକ୍ତିତ୍ୱର ଅଧିକାରୀ ଥିଲେ । ୧୯୭୧ ରୁ ୨୦୧୩ ମସିହା ପର୍ଯ୍ୟନ୍ତ ପ୍ରାୟ ଚାରି ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ଧରି ସେ ଓଡିଶା ତଥା ଜାତୀୟ ରାଜନୀତିକୁ ପ୍ରଭାବିତ କରିଥିଲେ । ୧୯୭୧ ମସିହାରେ ସେ କଟକ ଲୋକସଭା ଆସନରୁ ବିଜୟୀ ହୋଇ କେନ୍ଦ୍ର ସରକାରରେ ପ୍ରତିରକ୍ଷା ଉପମନ୍ତ୍ରୀ ଓ ପରେ ରାଷ୍ଟ୍ରମନ୍ତ୍ରୀ ଏବଂ ୧୯୮୦ ମସିହାରେ ପୁର୍ନବାର କଟକ ଲୋକସଭା ଆସନରୁ ବିଜୟ ଲାଭ କରି କେନ୍ଦ୍ରରେ ପର୍ଯ୍ୟଟନ, ବେସାମରିକ ବିମାନ ଚଳାଚଳ ଓ ଶ୍ରମମନ୍ତ୍ରୀ ରୂପେ କାର୍ଯ୍ୟକରି ନିଜ ଦକ୍ଷତାର ପ୍ରମାଣ ଦେଇଥିଲେ । ଏଥିସହିତ ୧୯୮୦ ଆଠଗଡ ଉପନିର୍ବାଚନ, ୧୯୮୫, ୧୯୯୦, ୧୯୯୫, ୨୦୦୦ ଓ ୨୦୦୪ରେ ଓଡିଶା ବିଧାନସଭାକୁ ନିର୍ବାଚିତ ହୋଇଥିଲେ । ଏହି ସମୟ ଭିତରେ ସେ ୧୯୮୦-୮୫, ୧୯୮୫-୯୦ ଓ ୧୯୯୫-୧୯୯୯ ତିନିଥର ମୁଖ୍ୟମନ୍ତ୍ରୀ ହୋଇ ରେକର୍ଡ କରିଥିଲେ । ଉଲ୍ଲେଖଯୋଗ୍ୟ ଜାନକୀବଲ୍ଲଭ ଓଡିଶାର ମୁଖ୍ୟମନ୍ତ୍ରୀ ଭାବେ ଶାସନ ଗ୍ରହଣ କରିବା ପୂର୍ବରୁ ଦାୟିତ୍ୱରେ ଥିବା ଆଠଜଣ ମୁଖ୍ୟମନ୍ତ୍ରୀଙ୍କ ମଧ୍ୟରୁ କେହି ଜଣେ ହେଲେ ନିର୍ଦ୍ଧାରିତ ପାଞ୍ଚବର୍ଷ କାର୍ଯ୍ୟକାଳ ପୂରଣ କରିନଥିଲେ । ୨୦୦୯ ରୁ ୨୦୧୪ ପର୍ଯ୍ୟନ୍ତ ଆସାମର ରାଜ୍ୟପାଳ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ । ସେହିପରି ୧୯୭୮ ରୁ ୨୦୦୪ ମଧ୍ୟରେ ଚାରିଥର ପିସିସି ସଭାପତି ରୂପେ ରହିବା ଓ ଏଆଇସିସି କାର୍ଯ୍ୟକାରୀ କମିଟିରେ ବହୁବାର ସ୍ଥାନ ପାଇବା ତାଙ୍କ ସାଂଗଠନିକ ଦକ୍ଷତାର ଗୋଟିଏ ଗୋଟିଏ ନମୁନା ।

କେବଳ ରାଜନୀତି ନୁହେଁ, ଜାନକୀବାବୁଙ୍କର ସାହିତ୍ୟ କ୍ଷେତ୍ରରେ ମଧ ଗଭୀର ପ୍ରବେଶ ଓ ଅନୁରାଗ ଥିଲା । ଏଥି ସହିତ ଜଣେ ସଂସ୍କୃତ ବିଦ୍ୱାନ ହିସାବରେ ସେ ରାଜ୍ୟରେ ଓ ରାଜ୍ୟ ବାହାରେ ବହୁ ଖ୍ୟାତି ଅର୍ଜନ କରିଥିଲେ । ତାଙ୍କ ପ୍ରଥମ ଲେଖା "ଅଶୋକ" ସ୍କୁଲ ପତ୍ରିକା ଅବକାଶରେ ପ୍ରକାଶ ପାଇବାପରେ ସେ ଆଉ ପଛକୁ ଫେରି ଚାହିଁନଥିଲେ । ତାଙ୍କ ସୃଜନଶୀଳତାର ଚଉହଦୀ ସିନ୍ଧୁ ଉପତ୍ୟକା କବିତା ସଂକଳନ ଠାରୁ ଆରମ୍ଭ କରି ସ୍ୱପ୍ନ ସଂକଳ୍ପ, ଭର୍ତ୍ତୃହରିଙ୍କ ଶତକ ସଂସ୍କୃତ ଗ୍ରନ୍ଥର ଅନୁବାଦ, ରାମାୟଣ, ମହାଭାରତ, ଶ୍ରୀମଦ୍ ଭାଗବତ ଗୀତାର ଗଦ୍ୟ ଅନୁବାଦ, ଗୌତମ ବୁଦ୍ଧ ଏପରିକି ବାଚସ୍ପତି ମହୋଦୟଙ୍କ ଭାଷଣ ସଂକଳନ ପର୍ଯ୍ୟନ୍ତ ପରିବ୍ୟାପ୍ତ ଥିଲା । ସାହିତ୍ୟର ବିଭିନ୍ନ ବିଭାଗରେ କୃତିତ୍ୱ ପାଇଁ ଜାନକୀ ବଲ୍ଲଭଙ୍କୁ ମିଳିଥିଲା ଓଡିଶା ସାହିତ୍ୟ ଏକାଡେମୀ, କେନ୍ଦ୍ର ସାହିତ୍ୟ ଏକାଡେମୀ, ଉତ୍କଳ ଭାରତୀ ସମ୍ମାନ, ପ୍ରଜ୍ଞାନ ବାଚସ୍ପତି ଉପାଧି ଓ ଗୌରୀଶଙ୍କର ସ୍ମୃତିଚକ୍ର ସମ୍ମାନ । ଏଥିସହିତ ଓଡିଶା ସାହିତ୍ୟ ଏକାଡେମୀର ସଭାପତି ଭାବେ କାର୍ଯ୍ୟକରି ଓଡିଆ ଭାଷା ସାହିତ୍ୟର ବିକାଶ ପାଇଁ ସେ ଅନେକ କାର୍ଯ୍ୟ କରିଥିଲେ । ଖାଲି ସେତିକି ନୁହେଁ ଓଡିଆ ଭାଷା ସାହିତ୍ୟପାଇଁ ଜାନକୀ ବାବୁଙ୍କ ଅନଦାନ ଅତୁଳନୀୟ । ୧୯୮୫ ମସିହାରେ ଓଡିଆ ଭାଷାକୁ ଶାସନର ଭାଷା କରି ଏକ ନୂତନ ଦିଶା ଦେଇଥିଲେ । ଆଜି ଓଡିଆ ଭାଷା ଶାସ୍ତ୍ରୀୟ ମାନ୍ୟତା ପାଇବା ବେଳେ ଏକଥା ବିଚାର କରିବାର ଅଛି ।

ଜାନକୀ ବଲ୍ଲଭ ଜଣେ ଲୋକପ୍ରିୟ ପ୍ରଶାସକ ଥିଲେ । ପ୍ରଶାସନକୁ ଲୋକାଭିମୁଖୀ କରାଇବା ଓ କର୍ମଚାରୀଙ୍କ ଠାରୁ ଉପଯୁକ୍ତ କାମ ଆଦାୟ କରିବା କୌଶଳ ତାଙ୍କୁ ବେଶ ମାଲୁମ୍ ଥିଲା । ଚଉଦବର୍ଷ କାଳ ସେ ମୁଖ୍ୟମନ୍ତ୍ରୀ ଥିବାବେଳେ ଓଡିଶାର ଶିଳ୍ପ ବିକାଶ ସହିତ ଭିତ୍ତିଭୂମିର ବିକାଶ, ରେଳପଥ, ବନ୍ଦର, ସଡକ ଆଦି ପ୍ରଯୁକ୍ତି ଓ ଶିକ୍ଷାର ପ୍ରସାର ଓ ବିବିଧ ଜନ ହିତକର କାର୍ଯ୍ୟ କରିଥିଲେ । ଓଡିଶାର ଦ୍ରୁତ ଶିଳ୍ପାୟନ ଓ ନବ ନିର୍ମାଣରେ ସେ ଥିଲେ ଅନ୍ୟତମ କର୍ଣ୍ଣଧାର । ହଜାର ଦିନରେ ହଜାରେ ଶିଳ୍ପ ହେଉ ଅଥବା ଯୋଗାଯୋଗ ଓ ଗମନାଗମନର ଉନ୍ନତି ବା ନୂତନ ଜନହିତକର କାର୍ଯ୍ୟକ୍ରମ ସବୁଠି ବିକାଶର ମୂଳଦୁଆ ପଡିଥିଲା । ରାଜ୍ୟର ସାମଗ୍ରିକ ବିକାଶ କ୍ଷେତ୍ରରେ ତାଙ୍କ ଭୂମିକା ଅନସ୍ୱୀକାର୍ଯ୍ୟ । ବିଶେଷକରି ଓଡିଶାରେ ଶିକ୍ଷା ବ୍ୟବସ୍ଥାର ସେ ଥିଲେ ସଂସ୍କାରକ । ୧୯୮୫ ମସିହାରେ ୫୫ ପ୍ରତିଶତରୁ କମ୍ ନମ୍ବର ରଖିଥିବା ଅଧାପକଙ୍କ ଚାକିରିକୁ ନିୟମିତ କରିବା, ୧୯୮୯ରେ ଅଧାପକଙ୍କୁ ୟୁ.ଜି.ସି ପ୍ରଦାନ, ପ୍ରାଥମିକ ଓ ୟୁ.ଜି.ଏମ୍.ଇ ସ୍କୁଲ ସରକାରୀକରଣ, ୧୯୯୪ରେ ନୂତନ ଭାବେ ସରକାରୀ ହୋଇଥିବା ୩୦୧୨ ଇଛ ବିଦ୍ୟାଳୟ ପାଇଁ ବଜେଟ୍‌ର ଅର୍ଥ ବ୍ୟବସ୍ଥା, ୧୯୯୬ରେ ୬୧୦ ଉଚ୍ଚ ବିଦ୍ୟାଳୟକୁ ଅନୁଦାନ ପ୍ରଦାନ, ୧୧୦ ବାଳିକା ବିଦ୍ୟାଳୟକୁ ସ୍ୱୀକୃତି, ୧୯୯୮ରେ ୧୩୦୦ ଅଧାପକଙ୍କ ଚାକିରି ବୈଧୀକରଣ କରି ଶିକ୍ଷକ ଓ ଅଧାପକମାନଙ୍କ ପାଇଁ ବହୁ ବଳିଷ୍ଠ ପଦକ୍ଷେପ ନେଇଥିଲେ । ଏଥିପାଇଁ ଶିକ୍ଷକ ସମାଜ ତାଙ୍କ ପାଖରେ ସବୁଦିନ ଋଣୀ ହୋଇରହିବ ।

ଆଜି ଜାନକୀବଲ୍ଲଭ ପଟ୍ଟନାୟକ ଆମ ଗହଣରେ ନାହାଁନ୍ତି । ଦୀର୍ଘ ୮୮ ବର୍ଷର ଘଟଣାବହୁଳ ଜୀବନର ପରିସମାପ୍ତି ଘଟିଲା ୨୦୧୫ ମସିହା ଏପ୍ରିଲ ୨୧ ତାରିଖ ପବିତ୍ର ଅକ୍ଷୟ ତୃତୀୟାରେ । ହେଲେ ସେ ଯେଉଁ ଯଶ କୀର୍ତ୍ତି ଅର୍ଜନ କରିଯାଇଛନ୍ତି ସେଥିପାଇଁ ସେ ଅବିସ୍ମରଣୀୟ ହୋଇରହିବେ ।

# ଅନନ୍ୟ ସାହିତ୍ୟ ପ୍ରତିଭାଧର:ଯଦୁମଣି



ଲଳିତ ମୋହନ ମିଶ୍ର
ଅରବିନ୍ଦ ନଗର, ନୟାଗଡ
ମୋ-୯୪୩୭୯୮୫୮୬୬

**କବି ଯଦୁମଣି ଏକ ସାଧାରଣ ପରିବାରରେ ଜନ୍ମ ଗ୍ରହଣ କରି ଥିଲେ । ସେ ନିଜର ଅଧ୍ୟବସାୟ, ପ୍ରଚଣ୍ଡ ଜ୍ଞାନ ବଳରେ କାବ୍ୟ, କବିତା ଓ ଚିତ୍ରକଳା ଦିଗରେ ଅପୂର୍ବ ସଫଳତା ଅର୍ଜନ କରିଥିଲେ । ବାସ୍ତବରେ ସେ ଥିଲେ ଉତ୍କଳର ଘଣ୍ଟ । ଏଥିସହିତ ସାରା ଉତ୍କଳର ଇଟା ଆଉ ମାଟିର କବି ସେ ଘଣ୍ଟ ଯେମିତି ଆମକୁ ଆମର ଦୈନିକ ଜୀବନ ଚଳଣିରେ ଆମକୁ ସତର୍କ କରେଇ ଦିଏ, ଯଦୁମଣି ମହାପାତ୍ର ମଧ ଠିକ୍ ସେହିଭଳି ନିଜର ସମାଲୋଚନାମୂଳକ କବିତା ମାଧ୍ୟମରେ ଓଡ଼ିଆ ଜାତିକୁ ସଚେତନ କରେଇ ଦେଇଯାଇଛନ୍ତି । ଯାହାଙ୍କର ଏହି ଘଣ୍ଟ ସଦୃଶ କବିତାରେ ପ୍ରବଳ ପ୍ରତାପୀ ରାଜାଙ୍କର ସିଂହାସନ ବି ଦୋହଲି ଯାଇଥିଲା । ସେମାନେ ତାଙ୍କୁ ସାମ୍ନା କରିବାକୁ ସାହସ ଜୁଟାଇ ପାରୁନଥିଲେ । ପୂର୍ବ ପରମ୍ପରାକୁ ଭାଙ୍ଗି ନୟାଗଡ଼ ରାଜା ବିନାୟକ ସିଂହ ମାନ୍ଧାତା ତାଙ୍କୁ ରାଜ ଉପଦେଷ୍ଟା , ବ୍ୟକ୍ତିଗତ ବନ୍ଧୁ ଭାବେ ଆପଣେଇ ନେଇଥିଲେ । ଯାହାକି ଯଦୁମଣିଙ୍କ ଅପୂର୍ବ ପ୍ରତିଭାର ପରିଚୟ ଦିଏ ।**

ରୀତିଯୁଗର ଜଣେ ଉଜ୍ଜ୍ୱଳତମ ତାରକା ହେଉଛନ୍ତି କବି ଯଦୁମଣି ମହାପାତ୍ର । କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ତାଙ୍କର କାବ୍ୟଗୁରୁ ଥିଲେ । ଉପେନ୍ଦ୍ର ଭଞ୍ଜଙ୍କୁ ଅନୁକରଣ କରି ସେ ତାଙ୍କର ରଚନାଶୈଳୀକୁ ସ୍ୱତନ୍ତ୍ର ଓ ମୌଳିକ କରି ପାରିଥିଲେ । ସେ ତାଙ୍କ ହାସ୍ୟ ରସାତ୍ମକ ଲେଖା ମଧ୍ୟରେ ଜଣେ ନିର୍ବାକ ଲୋକକୁ ବି ହସେଇ ପାରୁଥିଲେ । ଗ୍ରାମୀଣ ଶବ୍ଦର ପ୍ରୟୋଗ କରି ସେ ପ୍ରତି ପାଠକଙ୍କ ନିକଟତର ହୋଇଥିଲେ ଓ ସାଧାରଣ ଲୋକଙ୍କ ମନରେ ଆନନ୍ଦ ସୃଷ୍ଟି କରିପାରୁଥିଲେ । ସେ ଅନନ୍ୟ ସାହିତ୍ୟ-ପ୍ରତିଭାଧର, ଓଡ଼ିଶାର ଗାଁ' ଗହଳିରେ ନିଜ ଦ୍ୱୈତାର୍ଥ-ବୋଧକ ପଦାବଳୀ ପାଇଁ ସୁପରିଚିତ, ହାସ୍ୟରସ-ପାରଙ୍ଗତ ଆଶୁକବି ଉତ୍କଳଘଣ୍ଟ ଯଦୁମଣି ମହାପାତ୍ର ନାମରେ ପରିଚିତ ଥିଲେ । ଲେଖାରେ ଥିଲା ନିର୍ଭିକତା, କଲମ ମୁନରେ କରୁଥିଲେ କୁଶାସନକୁ ପ୍ରହାର ଛାମୁ ଯାହା ଦେଲେ ହରଷେ, ପାଉ ପାଉ ଗଲା ବରଷେ । ରାଜା ସିନା ପୂଜା ପାଏ ଆପଣା ଦେଶରେ କବି ପୂଜାପାଏ ଦେଶ ବିଦେଶରେ । ଏଇ କେଇ ପଦର କବିତା ଶୁଣୁ ଶୁଣୁ ଆପଣ ମନେ ପକାଇ ପାରୁଥିବେ ସେହି କିମ୍ବଦନ୍ତୀ ପୁରୁଷଙ୍କୁ । ତେବେ ସେ ଆଉ କେହି ନୁହନ୍ତି ଉତ୍କଳର ଘଣ୍ଟ ବୋଲାଉଥିବା ରୀତିଯୁଗର ଶେଷ ତଥା ଆଶୁ କବି ଯଦୁମଣି ମହାପାତ୍ର । ଏହି କିମ୍ବଦନ୍ତୀ ପୁରୁଷଙ୍କ ୨୪୩ ତମ ଜୟନ୍ତୀ । ୧୭୮୧ ମସିହା ଜାନୁଆରୀ ୮ ତାରିଖରେ ପିତା ମୁକୁନ୍ଦ ମହାପାତ୍ର ଓ ମା' ଶୋଭାଦେଈଙ୍କ କୋଳକୁ ଆସିଥିଲେ । କବି ଯଦୁମଣି ମହାପାତ୍ର ଏକ ସାଧାରଣ ପରିବାରରେ ଜନ୍ମ ଗ୍ରହଣ କରିଥିଲେ । ସେ ନିଜର ଅଧ୍ୟବସାୟ, ପ୍ରଚଣ୍ଡ ଜ୍ଞାନ ବଳରେ କାବ୍ୟ, କବିତା ଓ ଚିତ୍ରକଳା ଦିଗରେ ଅପୂର୍ବ ସଫଳତା ଅର୍ଜନ କରିଥିଲେ ଯାହାକି ତାଙ୍କୁ ଯୁଗ ଯୁଗ ପାଇଁ ଅମର କରି ରଖିବ । ଯଦୁମଣିଙ୍କ ବାପା ମୁକୁନ୍ଦ ମହାପାତ୍ର ସେ ସମୟର ଜଣେ ଜଣାଶୁଣା ଚିତ୍ରଶିଳ୍ପୀ ଥିଲେ । ବର୍ତ୍ତମାନ ନୟାଗଡ଼ ସହରରେ ଥିବା ଗୋପୀନାଥ ମନ୍ଦିର ଥିଲା ଯଦୁମଣିଙ୍କ ପିତାଙ୍କର କଳାକୃତି । ଏହି ମନ୍ଦିର ନିର୍ମାଣ କରିବାକୁ ଯଦୁମଣିଙ୍କ ପିତା ପରିବାର ସହ ନୟାଗଡ଼ ଚାଲି ଆସିଥିଲେ । ତାଙ୍କ କାର୍ଯ୍ୟଶୈଳୀରେ ଖୁସି ହୋଇ, ରାଜା ମୁକୁନ୍ଦ ମହାପାତ୍ରଙ୍କୁ ନୟାଗଡ଼ର ପୁରୁଣା ସହର ରାଜନଅର ନିକଟରେ ରହିବାକୁ ଜାଗା ଦେଇଥିଲେ । ପରବର୍ତ୍ତୀ କାଳରେ ଇଟାମାଟି ଗାଁରେ ଯାଇ ଯଦୁମଣିଙ୍କ ପରିବାର ରହିଥିଲେ । ସାହିତ୍ୟ ରସିକ ଉତ୍କଳଘଣ୍ଟ ଯଦୁମଣି ମହାପାତ୍ର ଜଣେ ବହୁଶାସ୍ତ୍ରଦର୍ଶୀ ସଂସ୍କୃତ ପଣ୍ଡିତ ଥିଲେ । ପୁରାଣ, କାବ୍ୟ, ଅଳଙ୍କାର, ଶିଳ୍ପଶାସ୍ତ୍ର, ସଂଗୀତଶାସ୍ତ୍ର, ଜ୍ୟୋତିଷ ଓ ଦର୍ଶନଶାସ୍ତ୍ରରେ ତାଙ୍କର ଗଭୀର ପାଣ୍ଡିତ୍ୟ ଥିଲା । ନୟାଗଡ଼ ଜିଲ୍ଲାର ଇଟାମାଟିରେ ଜନ୍ମ ହୋଇଥିଲେ ଯଦୁମଣି ମହାପାତ୍ର । ରୀତିଯୁଗର ଉଜ୍ଜ୍ୱଳତମ ତାରକା ହେଉଛନ୍ତି କବି ଯଦୁମଣି ମହାପାତ୍ର । କବି ଯଦୁମଣି ଜଣେ ଆଶୁକବି, ହାସ୍ୟରସିକ, ବ୍ୟଙ୍ଗକାର ଭାବରେ ସାରା ଓଡ଼ିଶାରେ ସୁପରିଚିତ । ତାଙ୍କର ହାସ୍ୟରସାତ୍ମକ କବିତା ଅତ୍ୟନ୍ତ ରସସିକ୍ତ ଓ ଶ୍ରୁତିମଧୁର । ଏହି ମହାନ ପ୍ରତିଭାଧର ଉତ୍କଳଘଣ୍ଟ କବି ଯଦୁମଣି ଏ ଜାତିର ଚିର ନମସ୍ୟ । ଉତ୍ତର ରୀତି ସାହିତ୍ୟରେ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କର ସୁଯୋଗ୍ୟ ଉତ୍ତରଦାୟଦ ଥିଲେ । ଉତ୍କଳ ଘଣ୍ଟ ଯଦୁମଣି ମହାପାତ୍ର ଜଣେ ଶୁଦ୍ର ହୋଇ ମଧ ସେ ସଂସ୍କୃତ ସାହିତ୍ୟରେ ପ୍ରବୀଣ ଥିଲେ । ବିଚକ୍ଷଣ ଯଦୁମଣି ମହାପାତ୍ର ନିଜ ସଂସ୍କୃତ ଶିକ୍ଷାର ଆରମ୍ଭ ସହ ପ୍ରଥମେ ସଂସ୍କୃତର ପ୍ରସିଦ୍ଧ ଅଭିଧାନ ଗ୍ରନ୍ଥ ଅମରକୋଷକୁ ସମ୍ପୂର୍ଣ୍ଣ ମୁଖସ୍ଥ କରିଦେଇଥିଲେ । କସ୍ତୁରୀ ସୁବାସତୁଲ୍ୟ ତାଙ୍କ କବିତ୍ୱର ଆମୋଦିତ ପ୍ରବାହ ତାଙ୍କ ଆଶୁ କବିତ୍ୱରୁ ମଧ ଜଣାଯାଏ । ନାନା ପ୍ରକାରର ବ୍ୟାକରଣ ପୁସ୍ତକ, ସଂସ୍କୃତ କଥାସାହିତ୍ୟ ସହ ସଂସ୍କୃତ ସାହିତ୍ୟରେ ସେ ପ୍ରବୀଣ ହୋଇସାରିଥିଲେ । ଆଉ ଏଥି ସହ ନୟାଗଡରେ ଉଦ୍ଦିଷ୍ଟ ରାଧା ମୋହନଙ୍କ ମନ୍ଦିରର ନିର୍ମାଣ ମଧ ସୁଚାରୁରୂପେ ସମ୍ପାଦିତ ହୋଇଯାଇଥାଏ । ମୁକୁନ୍ଦ ମହାପାତ୍ରଙ୍କ ଶ୍ଳାଘ୍ୟ କଳାକୁଶଳତା ଦ୍ୱାରା ରାଜା ବିମୁଗ୍ଧ ହୋଇ ତାଙ୍କୁ ସ୍ଥାୟୀ ଭାବରେ ରଖିନେଇଥିଲେ । ସେ ସମୟକୁ ଯଦୁମଣି ଆଶୁକବିତ୍ୱକୁ ନିଜ ପ୍ରତିଭାର ଏକ ଅଭିନ୍ନତା କରି ସାରିଥିଲେ । ସାମାଜିକ କ୍ଷେତ୍ରରେ ସୂଦ୍ରଙ୍କ ପ୍ରତି ଯେଉଁ ଅବିଚାର ଥିଲା ତାକୁ ଦୂରେଇବା ପାଇଁ ଯଦୁମଣି ସର୍ବଦା ଚେଷ୍ଟିତ ଥିଲେ । ତେବେ ଓଡ଼ିଆ ସାହିତ୍ୟରେ ହାସ୍ୟରସକୁ ସେ ଏକ ନୂଆ ପରିଚୟ ଦେଇଥିବାରୁ ତାଙ୍କୁ ଉତ୍କଳଘଣ୍ଟ ଉପାଧି ମିଳିଥିଲା । ରାଘବ ବିଳାସ, ପ୍ରବନ୍ଧ ପୂର୍ଣ୍ଣଚନ୍ଦ୍ର, ବିଭିନ୍ନ ଚଉପଦୀ, ଭଜନ, ଜଣାଣ ସେ ଲେଖିଛନ୍ତି । ତାଙ୍କର ଭାଷା ଚାତୁର୍ଯ୍ୟ, ଇଷ୍ଟ ସ୍ତୁତି, ମଙ୍ଗଳାଚରଣ ଯୋଗୁଁ ସେ ଆଜି ବି ପାଠକଙ୍କ ମନରେ ସ୍ମରଣୀୟ ହୋଇ ରହିଛନ୍ତି । ଅହରହ ଚାଲିଛି ଜନ୍ମମୃତ୍ୟୁର ଲୀଳା । କାଳାନ୍ତରରେ ଏଭଳି ଜଣେ ଜଣେ ଯୋଗଜନ୍ମା ଜନ୍ମ ନେଇଛନ୍ତି । ଯିଏ ନିଜର କର୍ମ ଓ କଳାରେ ଜାତିସ୍ମର ହୋଇ କାଳକାଳକୁ ଅମର ହୋଇ ରହିଛନ୍ତି । ସେମାନେ ନିଜର ସ୍ୱାର୍ଥ ପାଇଁ ନୁହେଁ, ଦେଶ, ଜାତି ଏବଂ ସୃଷ୍ଟିର ସ୍ୱାର୍ଥପାଇଁ କାମ କରିଛନ୍ତି । ଏମାନଙ୍କ ମଧ୍ୟରେ କବିକୂଳ ଶିରୋମଣି ଉତ୍କଳଘଣ୍ଟ ଯଦୁମଣି ମହାପାତ୍ର ଅନ୍ୟତମ । କବି ଯଦୁମଣି ଏକ ସାଧାରଣ ପରିବାରରେ ଜନ୍ମ ଗ୍ରହଣ କରି ଥିଲେ । ସେ ନିଜର ଅଧ୍ୟବସାୟ, ପ୍ରଚଣ୍ଡ ଜ୍ଞାନ ବଳରେ କାବ୍ୟ, କବିତା ଓ ଚିତ୍ରକଳା ଦିଗରେ ଅପୂର୍ବ ସଫଳତା ଅର୍ଜନ କରିଥିଲେ । ବାସ୍ତବରେ ସେ ଥିଲେ ଉତ୍କଳର ଘଣ୍ଟ । ଏଥିସହିତ ସାରା ଉତ୍କଳର ଇଟା ଆଉ ମାଟିର କବି ସେ ଘଣ୍ଟ ଯେମିତି ଆମକୁ ଆମର ଦୈନିକ ଜୀବନ ଚଳଣିରେ ଆମକୁ ସତର୍କ କରେଇ ଦିଏ, ଯଦୁମଣି ମହାପାତ୍ର ମଧ ଠିକ୍ ସେହିଭଳି ନିଜର ସମାଲୋଚନାମୂଳକ କବିତା ମାଧ୍ୟମରେ ଓଡ଼ିଆ ଜାତିକୁ ସଚେତନ କରେଇ ଦେଇଯାଇଛନ୍ତି । ଯାହାଙ୍କର ଏହି ଘଣ୍ଟ ସଦୃଶ କବିତାରେ ପ୍ରବଳ ପ୍ରତାପୀ ରାଜାଙ୍କର ସିଂହାସନ ବି ଦୋହଲି ଯାଇଥିଲା । ସେମାନେ ତାଙ୍କୁ ସାମ୍ନା କରିବାକୁ ସାହସ ଜୁଟାଇ ପାରୁନଥିଲେ । ପୂର୍ବ ପରମ୍ପରାକୁ ଭାଙ୍ଗି ନୟାଗଡ଼ ରାଜା ବିନାୟକ ସିଂହ ମାନ୍ଧାତା ତାଙ୍କୁ ରାଜ ଉପଦେଷ୍ଟା , ବ୍ୟକ୍ତିଗତ ବନ୍ଧୁ ଭାବେ ଆପଣେଇ ନେଇଥିଲେ । ଯାହାକି ଯଦୁମଣିଙ୍କ ଅପୂର୍ବ ପ୍ରତିଭାର ପରିଚୟ ଦିଏ । ଗୁଣ ଚିହ୍ନେ ଗୁଣିଆ ନ୍ୟାୟରେ ରାଜାମାନେ ଯଦୁମଣିଙ୍କ ସହ ବନ୍ଧୁତା ସ୍ଥାପନ କରିବାକୁ ଯେମିତି ବ୍ୟାକୁଳିତ ହେଉଥିଲେ । ଯଦୁମଣି କେବେହେଲେ ଅନ୍ୟାୟ ଆଗରେ ମୁଣ୍ଡ ନୁଆଁଇ ନଥିଲେ । ନିଜର ଶାଣିତ କଲମ ମୁନରେ କବିତାର କଟାକ୍ଷ ବାଣ ମାରୁଥିଲେ । ଯାହାକି ସମାଜ ଉପଯୋଗୀ ଥିଲା । ରାଜା ହୁଅନ୍ତୁ କି ପ୍ରଜା ସମସ୍ତଙ୍କୁ ସେ ସଚେତନ କରାଉଥିଲେ । ସତେ ଯେମିତି ସେ ଥିଲେ ଜଣେ ଜାଗ୍ରତ ପ୍ରହରୀ ମାଟି । ମାଆର ଜଣେ ଦକ୍ଷ ସନ୍ତାନ । ଯିଏକି ନିଜର କାୟ-ମନ-ବାକ୍ୟରେ ନିଜ ମାଟି, ସମାଜ ଓ ଦେଶ ପାଇଁ ଥିଲେ ପୂର୍ଣ୍ଣ ସମର୍ପିତ । ଯେଉଁଠି ଅନ୍ୟାୟ ଅନୀତିର କେବେ ସ୍ଥାନ ନଥିଲା । ଏମିତି ଅନେକ ଉଦାହରଣ ଦେଖିବାକୁ ମିଳେ । ଯାହାକି କୌଣସି ରାଜାଙ୍କୁ ଯଦୁମଣି ଡରୁନଥିଲେ । ରାଜାଙ୍କର କିଛି ଭୁଲ୍ ଦେଖିଲେ ତୀବ୍ର ସମାଲୋଚନା କରୁଥିଲେ । ଅନ୍ଧ ଦେଶକୁ ଗଲି ଦର୍ପଣ ବିକି, କନ୍ଧ ହାତରେ ଦେଲି ଗୋଧନ ଟେକି .... ପ୍ରସଙ୍ଗଟି ଏହାର ବଡ଼ ଉଦାହରଣ । ଯଦୁମଣିଙ୍କ ଅକୁତୋଭୟ ସ୍ୱଭାବ ସହ ଉତ୍କଳୀୟ ମାଟିରେ ସ୍ୱକୀୟ ପ୍ରତିଭା, ପ୍ରତ୍ୟୁତ୍ପନ୍ନମତିତା ତଥା ବାଣୀ-ନିରାଜନାରେ ଜୀବନ ଅବଗାହନର ମନ୍ତ୍ର ଫୁତ୍କାର ଆଜି ଶତପ୍ରାଣକୁ ଉଦ୍ଦୀପିତ କରୁ ଏହା ହିଁ କାମନା ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy
E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ

ଭୁବନେଶ୍ୱର
୧୧ ଜାନୁଆରୀ
ଗୁରୁବାର, ୨୦୨୪

RNI Regd. No. : 52640/94
Postal Regd. No. : BN/60/22-24

ଖୋର୍ଦ୍ଧା, ବାଣପୁର ଓ ନୟାଗଡ଼ ଗସ୍ତ ଅବସରରେ '୫-ଟି ଓ ନବୀନ ଓଡ଼ିଶା' ଅଧ୍ୟକ୍ଷ ଭି.କେ. ପାଣ୍ଡିଆନ ବିଭିନ୍ନ ଜନସଭାରେ ଉଦ୍‌ବୋଧନ ଦେବା ସହ ଛାତ୍ରଛାତ୍ରୀ ଓ ସାଧାରଣ ଜନତାଙ୍କ ସମସ୍ୟା ବୁଝୁଛନ୍ତି।

(ଫଟୋ : ସମ୍ବାଦ କଳିକା)









## ଜଗତସିଂହପୁର ଜିଲ୍ଲା ପାଇଁ ସହ ପର୍ଯ୍ୟବେକ୍ଷକ ଓ ବିଧାନସଭା କ୍ଷେତ୍ରରେ ପର୍ଯ୍ୟବେକ୍ଷକଙ୍କୁ ନିଯୁକ୍ତ କଲା ବିଜେଡି

**ଭୁବନେଶ୍ୱର, ୧୦।୧ :ନ୍ୟୁଜ୍‌ବ୍ୟୁରୋ**

ବିଜୁ ଜନତା ଦଳ ଜଗତସିଂହପୁର ଜିଲ୍ଲା ପାଇଁ ସହ ପର୍ଯ୍ୟବେକ୍ଷକ ଓ ନିର୍ବାଚନ ମଣ୍ଡଳୀ ପାଇଁ ପର୍ଯ୍ୟବେକ୍ଷକଙ୍କୁ ନିଯୁକ୍ତ କରିଛି। ଗିରୀଶ ଚନ୍ଦ୍ର ଦାସଙ୍କୁ ଜିଲ୍ଲା ସହ-ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତି ମିଳିଥିବା ବେଳେ ମୀନକେତନ ଅମାତଙ୍କୁ ବାଲିକୁଦା, ମନୋଜ ନାୟକଙ୍କୁ ଜଗତସିଂହପୁର ଦାୟିତ୍ୱ ଦେଇଛି ବିଜେଡି। ସେହିପରି ସୋଲାର ମିଶ୍ର ତିର୍ତ୍ତୋଲ ଓ ସନ୍ତୋଷ ବେଜ୍‌ଙ୍କୁ ପାରାଦୀପ ପର୍ଯ୍ୟବେକ୍ଷକ ଦିଆଯାଇଛି। ଏ ନେଇ ଦଳର ସାଂଗଠନିକ ସଂପାଦକ ପ୍ରଣବ ପ୍ରକାଶ ଦାସ ସୂଚନା ଦେଇଛନ୍ତି।

## ଓଡ଼ିଶାରେ ପ୍ରଥମ : କିମ୍‌ସରେ ଟିଏମଭିଆର ଜରିଆରେ ହାର୍ଟ ଭାଲ୍‌ଭ ସଫଳ ଅସ୍ତ୍ରୋପଚାର

**ଭୁବନେଶ୍ୱର, ୧୦।୧ :ନ୍ୟୁଜ୍‌ବ୍ୟୁରୋ**



ହୃଦ୍‌ରୋଗ ଚିକିତ୍ସା କ୍ଷେତ୍ରରେ କିମ୍‌ସକୁ ମିଳିଛି ଆଉ ଏକ ସଫଳତା। କିମ୍‌ସରେ ଟ୍ରାନ୍ସକ୍ୟାଥେଟର ମିଟ୍ରାଲ ଭାଲ୍‌ଭ ରିପ୍ଲେସମେଣ୍ଟ (ଟିଏମଭିଆର) ପ୍ରକ୍ରିୟାରେ ଜନୈକ ୬୯ ବର୍ଷ ବୟସ୍କ ରୋଗୀଙ୍କଠାରେ ସଫଳ ହୃତପିଣ୍ଡ ଭାଲଭ୍‌ର ଅସ୍ତ୍ରୋପଚାର କରାଯାଇ ପାରିଛି। ରୋଗୀଙ୍କ ହୃତପିଣ୍ଡ ଭାଲ୍‌ଭ କ୍ଷତିଗ୍ରସ୍ତ ହେବା ପରେ ସେ ରାଜ୍ୟ ବାହାରେ ବିଭିନ୍ନ ଚିକିତ୍ସାଳୟରେ ଡାକ୍ତରଙ୍କ ସହ ପରାମର୍ଶ କରିଥିଲେ। କିନ୍ତୁ ତାଙ୍କ ରୋଗର ଉପଶମ ହୋଇ ନ ଥିଲା। ୧୭ ବର୍ଷ ପୂର୍ବେ ନୂଆଦିଲ୍ଲୀର ଏକ ହସ୍‌ପିଟାଲରେ ତାଙ୍କ ଦୁଇଟି କ୍ଷତିଗ୍ରସ୍ତ ହୃତ୍‌ପିଣ୍ଡ ଭାଲଭ୍‌ରେ ଟିସୁ ପ୍ରୋସଥେଟିକ୍ସ ଅସ୍ତ୍ରୋପଚାର କରାଇଥିଲେ। ମାତ୍ର ଏଥିରେ ତାଙ୍କ ରୋଗ ସମ୍ପୂର୍ଣ୍ଣ ଉପଶମ ନ ହେବାରୁ ନିକଟରେ ସେ କିମ୍‌ସ ହୃଦ୍‌ରୋଗ ବିଭାଗର ସହକାରୀ ପ୍ରଫେସର ଡା. ଅନୁପମ ଜେନାଙ୍କ ସହ ପରାମର୍ଶ କରିଥିଲେ। ଡା. ଜେନାଙ୍କ ପରାମର୍ଶ କ୍ରମେ ସେ କିମ୍‌ସରେ ଅସ୍ତ୍ରୋପଚାର କରାଇଥିଲେ। ରୋଗୀଙ୍କଠାରେ ଅନିୟନ୍ତ୍ରିତ ମଧୁମେହ ଓ କ୍ରୋନିକ୍ କିଡ୍‌ନୀ ରୋଗ ଭଳି ଜଟିଳ ଶାରୀରିକ ସମସ୍ୟା ଥିଲା। ଏହା ସତ୍ତ୍ୱେ ଡା. ଅନୁପମ ଜେନାଙ୍କ ନେତୃତ୍ୱରେ ଡାକ୍ତରୀ ଦଳ ରୋଗୀଙ୍କ ଟିଏମ୍‌ଭିଆର୍ ପ୍ରଣାଳୀରେ ସଫଳତାର ସହ ଅସ୍ତ୍ରୋପଚାର କରିଥିଲେ। ଏବେ ରୋଗୀ ସୁସ୍ଥ ଅଛନ୍ତି। ଏଭଳି ଅତ୍ୟାଧୁନିକ ହୃଦ୍‌ଯନ୍ତ୍ର ଅସ୍ତ୍ରୋପଚାର ଓଡ଼ିଶାରେ ପ୍ରଥମ ଥର ପାଇଁ ହୋଇଥିବା ଡା. ଜେନା ଦାବି କରିଛନ୍ତି। ଏହା ସହିତ ସେ କହିଛନ୍ତି, ଓଡ଼ିଶାରେ ଏହି ସୁବିଧା ଉପଲବ୍ଧ ହେଉଥିବାରୁ ଏଣିକି ଏଭଳି ସମସ୍ୟାର ସମ୍ମୁଖୀନ ହେଉଥିବା ହୃଦ୍‌ରୋଗୀଙ୍କୁ ଆଉ ବାହାର ରାଜ୍ୟକୁ ଯିବାକୁ ପଡ଼ିବ ନାହିଁ। ଏହି ସଫଳତା ପାଇଁ କିଟ୍, କିସ୍ ଓ କିମ୍‌ସ ପ୍ରତିଷ୍ଠାତା ଡା. ଅଚ୍ୟୁତ ସାମନ୍ତ ଡାକ୍ତରୀଦଳକୁ ପ୍ରଶଂସା କରିବା ସହ ରୋଗୀଙ୍କ ଆରୋଗ୍ୟ କାମନା କରିଛନ୍ତି।

## ପୁଣି ଜଣେ ମହିଳା ମାଓବାଦୀର ଆତ୍ମସମର୍ପଣ ମୁଣ୍ଡ ଉପରେ ଥିଲା ଲକ୍ଷେ ଟଙ୍କାର ପୁରସ୍କାର

**ମାଲକାନଗିରି, ୧୦।୧ :ନ୍ୟୁଜ୍‌ବ୍ୟୁରୋ**



ପୁଣି ଜଣେ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ସେ ହେଲେ ରୋଶନୀ ଓରଫ ଉର୍ଙ୍ଗି ମାଡଭି। କୁଖ୍ୟାତ ମହିଳା ମାଓବାଦୀ ଉର୍ଙ୍ଗି ମାଡଭି ମାଲକାନଗିରି ଏସ୍‌ପିଙ୍କ ନିକଟରେ ଆତ୍ମସମର୍ପଣ କରିଛନ୍ତି। ଏନେଇ ମାଲକାନଗିରି ଏସ୍‌ପି ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ସୂଚନା ଅନୁଯାୟୀ, ଉର୍ଙ୍ଗି ମାଡ୍‌ଭିଙ୍କ ଘର ଛତିଶଗଡ଼ର ଦାନ୍ତେୱାଡ଼ା ଜିଲ୍ଲା ପିତଦବା ଗାଁରେ। ସେ ୨୦୧୬ରେ ମାଓ ସଂଗଠନରେ ଯୋଗ ଦେଇଥିଲେ। ସଂଗଠନରେ ରହି ଛତିଶଗଡ଼ ଏବଂ ଓଡ଼ିଶାରେ ୨୧ରୁ ଅଧିକ ହିଂସାକାଣ୍ଡରେ ସାମିଲ ଥିଲେ। ଉର୍ଙ୍ଗିଙ୍କ ନାଁରେ ଓଡ଼ିଶା ସରକାର ଏକ ଲକ୍ଷ ଟଙ୍କାର ପୁରସ୍କାର ଘୋଷଣା କରିଥିଲେ।

## ବେଆଇନ ବାଲି ଉଠାଣରେ ରୋକ୍ : ଖଣି ବିଭାଗ ବିଜ୍ଞପ୍ତି ଉପରେ ହାଇକୋର୍ଟଙ୍କ ରହିତାଦେଶ

**କଟକ, ୧୦।୧ :ନ୍ୟୁଜ୍‌ବ୍ୟୁରୋ**



ବେଆଇନ ବାଲି ଉଠାଣ ଉପରେ ରୋକ ଲଗାଇଲେ ହାଇକୋର୍ଟ। ଖଣି ବିଭାଗ ବିଜ୍ଞପ୍ତି ଉପରେ ଅନ୍ତରୀଣ ସ୍ଥଗିତାଦେଶ ଜାରି କରିଛନ୍ତି ଉଚ୍ଚ ନ୍ୟାୟାଳୟ। ଖଣି ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଉପରେ କୋର୍ଟ ବୁଧବାର ଅଙ୍କୁଶ ଲଗାଇଛନ୍ତି। ଗତ ଡିସେମ୍ବର ୨୧ ତାରିଖରେ ଖଣି ବିଭାଗ ଏକ ବିଜ୍ଞପ୍ତି ଜାରି କରିଥିଲା। ଆବଶ୍ୟକତା ଅନୁଯାୟୀ ବାଲି ଉଠାଣ ପାଇଁ ଏହି ବିଜ୍ଞପ୍ତିରେ ଅନୁମତି ଦେଇଥିଲା ବିଭାଗ। ବେଆଇନ ବାଲି ଉଠାଣ ପ୍ରସଙ୍ଗରେ ଶୁଣାଣି କରି ହାଇକୋର୍ଟ ସ୍ଥଗିତାଦେଶ କରିବା ପରେ ସରକାର ଏହି ବିଜ୍ଞପ୍ତି ଜାରି କରିଥିଲେ। କଟକ ଜିଲ୍ଲାରେ ବେଆଇନ ବାଲି ଉଠାଣ ଏବଂ ଚାଲାଣ ମାମଲାର ଗତ ଥର ଶୁଣାଣି ସମୟରେ ସତ୍ୟପାଠ ଦାଖଲ କରାଯାଇଥିଲା। କଟକ ଜିଲ୍ଲା ପ୍ରଶାସନ ପକ୍ଷରୁ ହାଇକୋର୍ଟରେ ସତ୍ୟପାଠ ଦାଖଲ ହୋଇଥିଲା। ଜିଲ୍ଲାରେ ମୋଟ ୧୪ ଟି ବାଲି ଖାଦାନର ଅନୁମତିକୁ ସାମୟିକ ଭାବେ ପ୍ରତ୍ୟାହାର ହୋଇଥିବା ନେଇ ସତ୍ୟପାଠରେ କୋର୍ଟଙ୍କୁ ଦର୍ଶାଯାଇଥିଲା। ଆଗକୁ ସମସ୍ତ ବେଆଇନ ଖାଦାନ ଉପରେ ପଦକ୍ଷେପ ଗ୍ରହଣ କରାଯିବ। ଲିଜ୍‌ଧାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଥିବା ନେଇ ସତ୍ୟପାଠରେ ଉଲ୍ଲେଖ କରାଯାଇଥିଲା। କେବଳ ସେତିକି ନୁହେଁ, ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ ପକ୍ଷରୁ ମଧ୍ୟ ଅନେକ ପଦକ୍ଷେପ ନିଆଯାଉଥିବା କୋର୍ଟଙ୍କୁ ଅବଗତ କରାଯାଇଥିଲା। କଟକର ବିଭିନ୍ନ ବାଲିଘାଟରୁ ବାଲି ଉତ୍ତୋଳନ ମାମଲାରେ ପୂର୍ବତନ କଟକ ଜିଲ୍ଲାପାଳଙ୍କୁ ପୂର୍ବରୁ କଡ଼ା ଭର୍ତ୍ସନା କରିଛନ୍ତି ଓଡ଼ିଶା ହାଇକୋର୍ଟ। ବେଆଇନ ବାଲି ଉଠାଣକୁ ନେଇ ରୁଜୁ ହୋଇଥିବା ଏକ ଜନସ୍ୱାର୍ଥ ମାମଲାର ଶୁଣାଣି କରି ପୂର୍ବତନ କଟକ ଜିଲ୍ଲାପାଳ ଡଃ ଭବାନୀ ଶଙ୍କର ଚୟନୀଙ୍କ ଉପରେ ହାଇକୋର୍ଟ କ୍ଷୋଭ ପ୍ରକାଶ କରିଛନ୍ତି। ବେଆଇନ ବାଲି ଉତ୍ତୋଳନକାରୀଙ୍କ ବିରୋଧରେ କ'ଣ କାର୍ଯ୍ୟାନୁଷ୍ଠାନ ନିଆଯାଇଛି ଏବଂ କେତେ ଜରିମାନା ଆଦାୟ କରାଯାଇଛି ସେନେଇ ହାଇକୋର୍ଟରେ ଜନସ୍ୱାର୍ଥ ମାମଲା ଦାୟର କରାଯାଇଥିଲା। ପ୍ରଶାନ୍ତ ଜେନା ନାମକ ଜଣେ ବ୍ୟକ୍ତି ଏହି ଜନସ୍ୱାର୍ଥ ମାମଲା ଦାୟର କରିଥିଲେ। ଆବେଦନକାରୀ ଆବେଦନରେ ଦର୍ଶାଇଥିଲେ ଯେ, କାଠଯୋଡ଼ିରୁ ବେଆଇନ ବାଲି ଉଠାଯାଉଛି। ଏପରିକି ବେଆଇନ ବାଲି ଉଠାଯିବା ଦ୍ୱାରା ରାସ୍ତାରେ ପଡି ରାସ୍ତା ଖରାପ ହେଉଛି। ବାଲି ପଡ଼ିରହିବା କାରଣରୁ ଅନେକ ଲୋକ ଦୁର୍ଘଟଣାର ଶିକାର ହେଉଛନ୍ତି ବୋଲି ଅଭିଯୋଗ ଆଣିଥିଲେ ଆବେଦନକାରୀ। ହାଇକୋର୍ଟ ଏହି ମାମଲାର ଶୁଣାଣି କରି ଏ ସମ୍ପର୍କରେ ସତ୍ୟପାଠ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏନେଇ ପୂର୍ବତନ ଜିଲ୍ଲାପାଳ ଡଃ ଭବାନୀ ଶଙ୍କର ଚୟନୀ ଗତ ଜୁଲାଇ ୧୯ ତାରିଖରେ କୋର୍ଟରେ ସତ୍ୟପାଠ ଦାଖଲ କରିଥିଲେ। ହେଲେ ଦାଖଲ ପିଆଇଏଲ ଉପରେ କଟକ ଜିଲ୍ଲା ପ୍ରଶାସନ ମିଥ୍ୟା ସତ୍ୟପାଠ କରିଥିବା ଆବେଦନକାରୀ କୋର୍ଟଙ୍କୁ ଅବଗତ କରିଥିଲେ। ତେବେ ଜିଲ୍ଲା ପ୍ରଶାସନର ମିଥ୍ୟା ସତ୍ୟପାଠ ଉପରେ ହାଇକୋର୍ଟ ଖପ୍ପା ହୋଇଛନ୍ତି। ପୂର୍ବତନ ଜିଲ୍ଲାପାଳ ଭବାନୀ ଶଙ୍କର ଚୟନୀଙ୍କ ବିରୋଧରେ କାହିଁକି ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ନାହିଁ ବୋଲି ମାମଲାର ଶୁଣାଣି ସମୟରେ କୋର୍ଟ କହିଥିଲେ। ଜଣେ ଜିଲ୍ଲାର ମୁଖ୍ୟ ଏପରି ମିଥ୍ୟା ସତ୍ୟପାଠ ଦାଖଲ କରିବାକୁ କୋର୍ଟ ଭର୍ତ୍ସନା କରିଛନ୍ତି।

## ଏସ୍‌ସିବିରେ ସଫଳ ହେଲା ରକ୍ତ କର୍କଟ ରୋଗୀଙ୍କ ହାପଲୋ ଅସ୍ଥିମଜ୍ଜା ପ୍ରତିରୋପଣ

**କଟକ, ୧୦।୧ :ନ୍ୟୁଜ୍‌ବ୍ୟୁରୋ**



କଟକ ବଡ଼ ମେଡିକାଲରେ ବିରଳ ପ୍ରତିରୋପଣ ହୋଇଛି। ଓଡ଼ିଶାରେ ପ୍ରଥମ ଥର ପାଇଁ ହାପଲୋ ଅସ୍ଥିମଜ୍ଜା ପ୍ରତିରୋପଣ କରାଯାଇଛି। ବଡ଼ ମେଡିକାଲରେ ରକ୍ତ କର୍କଟ ବିଭାଗରେ ରକ୍ତ କର୍କଟରେ ଆକ୍ରାନ୍ତ ଥିବା ଖୋର୍ଦ୍ଧା ଜିଲ୍ଲାର ଶୁଭ୍ରାଂଶୁଙ୍କ ଅସ୍ଥିମଜ୍ଜା ପ୍ରତିରୋପଣ ହୋଇଛି। ଘରୋଇ ହସ୍ପିଟାଲରେ ଏଥିପାଇଁ ୪୦ରୁ ୫୦ ଲକ୍ଷ ଟଙ୍କା ଖର୍ଚ୍ଚ ହେଉଥିବା ବେଳେ ଏସ୍‌ସିବିରେ ମାତ୍ର ୪ଲକ୍ଷ ଟଙ୍କାରେ ଏହା ସମ୍ଭବ ହୋଇପାରିଛି। ଉତ୍ତମ ଚିକିତ୍ସା କ୍ଷେତ୍ରରେ ଏସ୍‌ସିବିରେ ଆଉ ଏକ ଫର୍ଦ୍ଦ ଯୋଡି ହୋଇଛି। ଏପରି ପ୍ରତିରୋପଣ ଓଡ଼ିଶାରେ ପ୍ରଥମ ହୋଇଥିବାରୁ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ଲାଗି ନିଶ୍ଚିତ ଏକ ବଡ଼ ସଫଳତା ଆଣି ଦେଇଛି। ରାଜ୍ୟ ସରକାରଙ୍କ ପକ୍ଷରୁ ଏଥିପାଇଁ ସମସ୍ତ ଖର୍ଚ୍ଚ ବହନ କରାଯାଇଥିଲା। ଯେଉଁମାନଙ୍କ ହ୍ୟୁମାନ ଲ୍ୟୁକୋସାଇଟ୍ ଆଣ୍ଟିଜେନ୍ ବା ଏଚ୍‌ଏଲ୍‌ଏ ଅନ୍ୟର ଏଚ୍‌ଏଲ୍‌ଏ ସହ ପ୍ରାୟ ୯୦ ପ୍ରତିଶତ ମେଳ ଖାଉଥିବ ସେହି କ୍ଷେତ୍ରରେ ହିଁ ପ୍ରତିରୋପଣ ସମ୍ଭବ ହୋଇପାରିବ। ଶୁଭ୍ରାଂଶୁଙ୍କ ଦେହରେ ପ୍ରଭୁ ଦତ୍ତ ନାମକ ଜଣେ ବ୍ୟକ୍ତିଙ୍କ ଏଚଏଲଏ ୫୦ ପ୍ରତିଶତ ମେଳ ଖାଉଥିଲା। ଏଥିପାଇଁ ପ୍ରତିରୋପଣ ସମ୍ଭବ ହୋଇଛି। ପ୍ରତିରୋପଣ ପରେ ଉଭୟ ରୋଗୀ ଓ ଷ୍ଟେମ ଦାତାଙ୍କ ଅବସ୍ଥା ସ୍ଥିର ରହିଛି। ବଡ ଭାଇକୁ ରକ୍ତ କର୍କଟ ରୋଗ ହୋଇଥିବାରୁ ସାନ ଭାଇର ଷ୍ଟେମ୍ ଆଣି ପ୍ରତିରୋପଣ କରାଯାଇଛି।

## ଚାକିରି ଦେବା ନାଆଁରେ ଠକେଇ : ଓଡ଼ିଶାରୁ ୩ ଅଭିଯୁକ୍ତ ଗିରଫ

**ଭୁବନେଶ୍ୱର, ୧୦।୧ :ନ୍ୟୁଜ୍‌ବ୍ୟୁରୋ**




କ୍ରାଇମବ୍ରାଞ୍ଚ ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲୁ) ଓଡ଼ିଶାର ଆଉ ଏକ ବଡ଼ ଆନ୍ତଃରାଜ୍ୟ ଠକ ଦଳକୁ ଧରିବାରେ ସଫଳ ହୋଇଛି। ଇଓଡବ୍ଲୁ ଭୁବନେଶ୍ୱରରୁ ୩ ଜଣ ଠକଙ୍କୁ ଗିରଫ କରିଛି। ଏମାନେ ଚାକିରି ଦେବା ନାଆଁରେ ଲୋକଙ୍କୁ ଠକୁଥିଲେ। ଏମାନେ ପ୍ୟାନ ଇଣ୍ଡିଆ ନାମରେ ଏକ ଜାଲି ଜବ୍ ର୍ୟାକେଟର ଗୁରୁତ୍ୱପୂର୍ଣ୍ଣ ପଦରେ ରହି କାମ କରୁଥିଲେ। ଏମାନେ ମଧ୍ୟପ୍ରଦେଶ, ଜମ୍ମୁ ଏବଂ କଶ୍ମୀର, ଗୁଜୁରାଟ, ମହାରାଷ୍ଟ୍ର ଓ ଛତିଶଗଡ଼ରେ ସକ୍ରିୟ ଥିଲେ। ଗିରଫ ୩ଜଣଙ୍କ ମଧ୍ୟରୁ ଦୁଇଜଣ ହାଇଦ୍ରାବାଦ ଏବଂ ଜଣେ ଓଡ଼ିଶାର ବୋଲି ଜଣାଯାଇଛି। ଅଭିଯୁକ୍ତମାନେ ହେଲେ ହାଇଦ୍ରାବାଦର ମହମ୍ମଦ ସାନୁଲ୍ଲା ଓ ସାକ୍ଷୀ ଜେନ ଏବଂ ବାଲେଶ୍ୱରର ସୁରତ ଦଳେଇ। ଦିଲ୍ଲୀ, ମୁମ୍ବାଇ ଏବଂ ହାଇଦ୍ରାବାଦରୁ ଏହି ର୍ୟାକେଟ ଚାଲୁଥିଲା। ଏମାନେ କେତେକ ନିର୍ଦ୍ଦିଷ୍ଟ ଆକାଉଣ୍ଟରେ ୧.୭ କୋଟି ଟଙ୍କାର ନେଣଦେଣ କରିଥିବା ଜଣାଯାଇଛି। ଏମାନେ ଏଟିଏମ୍‌ରୁ ଅଧିକାଂଶ ସମୟରେ ଟଙ୍କା ଉଠାଉଥିବା ନେଇ ପ୍ରାଥମିକ ତଦନ୍ତରୁ ଜଣାଯାଇଛି।

## ଗୁଗୁଲ ମ୍ୟାପିଂ ଦ୍ୱାରା ଚିହ୍ନଟ ହେବେ ଅଭିଯୁକ୍ତ କ୍ରାଇମ ହଟସ୍ପଟ ଉପରେ ରହିବ ପୁଲିସର ନଜର

**ଭୁବନେଶ୍ୱର, ୧୦।୧ :ନ୍ୟୁଜ୍‌ବ୍ୟୁରୋ**

ଗୁଗୁଲ ମ୍ୟାପିଂ ଦ୍ୱାରା ଚିହ୍ନଟ ହେବେ ଅଭିଯୁକ୍ତ। କ୍ରାଇମ କଣ୍ଟ୍ରୋଲର ନୂଆ ତରିକା ଆପଣାଇବ ପୁଲିସ। କ୍ରାଇମ୍ ହଟ୍‌ସ୍ପଟ୍ ଉପରେ ପୁଲିସର ନଜର ରହିବ। ବୈଷୟିକ ଜ୍ଞାନକୌଶଳ ବ୍ୟବହାରକୁ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଇଛନ୍ତି। ବିଜେଡିର ପ୍ରତିଷ୍ଠା ଦିବସରେ ଗୁରୁତ୍ୱ ଦେଇଥିଲେ ଦଳର ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଏ ନେଇ ବିଭିନ୍ନ ଟେଲିକମ୍ ସଂସ୍ଥାର ସାହାଯ୍ୟ ନେବ କମିଶନରେଟ ପୁଲିସ। ପ୍ରଥମ ପର୍ଯ୍ୟାୟରେ ସ୍ନାଚିଂ, ଲୁଟ୍ ଘଟଣାକୁ ଗୁରୁତ୍ୱ ଦିଆଯିବ। ଗୁଗୁଲ ଆପ୍ଲିକେସନ ଜରିଆରେ କ୍ରାଇମ୍ ମ୍ୟାପିଂ ଟେକ୍‌ନିକ୍ ଆପଣାଇବ ପୁଲିସ। ଆରଟିଫିସିଆଲ ଇଣ୍ଟେଲିଜେନ୍ସର ମଧ୍ୟ ଖୁବ୍‌ଶୀଘ୍ର ସହାୟତା ନେବ ପୁଲିସ।




## ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !

ସାପ୍ତାହିକ ସମ୍ବାଦ ପତ୍ରିକା 'ରବିବାସରୀୟ କଳିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ।

ସମ୍ପର୍କସୂତ୍ର : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା, ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com

## ୩ ଆନ୍ତଃରାଜ୍ୟ ସୁନାଚେନ ଲୁଟେରା ଗିରଫ

## ସୁନା ବିସ୍କୁଟ, ଗହଣା ସହ ନଗଦ ଟଙ୍କା ଜବତ

**ବାରିପଦା, ୧୦।୧ :ନ୍ୟୁଜ୍‌ବ୍ୟୁରୋ**



ଦିନକୁ ଦିନ ବାରିପଦା ସହରରେ ମହିଳାଙ୍କ ବେକରୁ ସୁନାଚେନ ଲୁଟ୍ ଘଟଣା ବୃଦ୍ଧିପାଉଥିବା ବେଳେ, ପୋଲିସକୁ ନାକେଦମ ହେବାକୁ ପଡୁଛି। ତେବେ ବାରିପଦା ଭଞ୍ଜପୁର ପୋଲିସକୁ ଏ ଦିଗରେ ଏକ ବଡ଼ ସଫଳତା ମିଳିଛି। ସୂଚନା ମୁତାବକ ଗତ ୫ ତାରିଖ ଦିନ ପ୍ରାୟ ୧୨ଟା ବେଳେ ଭଞ୍ଜପୁର ଥାନା ଅନ୍ତର୍ଗତ ୱାର୍ଡ ନଂ ୨୧ ବିଜୟ ରାମଚନ୍ଦ୍ରପୁର ଠାରେ ରତ୍ନମଣି ମହାନ୍ତି (୭୦) ସ୍ୱାମୀ ସ୍ୱର୍ଗତ କାର୍ତ୍ତିକ ଚନ୍ଦ୍ର ମହାନ୍ତି ସ୍କୁଲ ଭ୍ୟାନ୍‌ରୁ ନିଜ ନାତିକୁ ଘରକୁ ନେବାକୁ ଅପେକ୍ଷା କରିଥିବା ବେଳେ ଦୁଇଜଣ ବ୍ୟକ୍ତି କଳା ପଲସରରେ କଳା ହେଲମେଟ୍ ପିନ୍ଧି ଆସି ତାଙ୍କ ନିକଟରେ ଛିଡା ହୋଇ ଜଣେ ଗାଡ଼ିରୁ ଓହ୍ଲାଇ ତାଙ୍କୁ ପାଖାପାଖି କୌଣସି ଜମିଜାଗା ବିକ୍ରୀ ଅଛିକି ବୋଲି ପଚାରିଥିଲେ। ତେବେ ରତ୍ନମଣୀ ଜାଣି ନଥିବାର ଉତ୍ତର ଦେଇଥିଲେ। ପରେ ହଠାତ ଯୁବକ ଜଣକ ତାଙ୍କ ବେକରେ ଥିବା ସୁନା ଚେନ ଝାମ୍ପି ନେଇ ବାଇକରେ କେମ୍ବ୍ରିଜ ବିଦ୍ୟାଳୟ ଆଡ଼କୁ ପଳାଇ ଯାଇଥିଲେ। ଏବାବଦରେ ରତ୍ନମଣୀ ଭଞ୍ଜପୁର ଥାନାରେ ଅଭିଯୋଗ କରିବା ପରେ ପୋଲିସ ପିଏସ କେସ ନଂ-୦୩ ତା ୦୭/୦୧/୨୦୨୪ ମୂଳେ ମାମଲା ରୁଜୁ କରି ତଦନ୍ତ ଚଳାଇ ଥିଲା। ଏହି ମାମଲାରେ ଭଞ୍ଜପୁର ପୋଲିସ ୩ଜଣଙ୍କୁ ଗିରଫ କରିବା ସହ ସେମାନଙ୍କ ଠାରୁ ସୁନା ବିସ୍କୁଟ, ସୁନା ଏବଂ ରୁପା ଅଳଙ୍କାର, ନଗଦ ଟଙ୍କା, ମୋବାଇଲ, ବାଇକ ଆଦି ଜବତ କରିବାରେ ସଫଳ ହୋଇଛି। ମାମଲାରେ ଗିରଫ ହୋଇଥିବା ଝାଡ଼ଖଣ୍ଡର ବଡ଼ଶୋଳ ଥାନା ଚିତ୍ରେଶ୍ୱର ଗ୍ରାମର ରାଜେଶ ଶ୍ୟାମଳ ଓରଫ ରାଜୁ (୨୩) ଠାରୁ ନଗଦ ଏକଲକ୍ଷ ଟଙ୍କା, ପଲସର ବାଇକ୍, ଦୁଇଟି ଜାଲି ନମ୍ବର ପ୍ଲେଟ୍, ଗୋଟିଏ ମୋବାଇଲ ଫୋନ, ୪ଟି ଗହଣା ଦୋକାନର ରସିଦ ଆଦି ଜବତ କରିଥିବା ବେଳେ ଅନ୍ୟତମ ଅଭିଯୁକ୍ତ ଝାଡ଼ଖଣ୍ଡର ବହରାଗୋଡ଼ା ଥାନା ଶାସନ ଗ୍ରାମର ପଲଟୁ ଓରଫ ସୋମଦତ୍ତ ନାୟକ (୨୯) ଠାରୁ ନଗଦ ୧ଲକ୍ଷ ୩ହଜାର ଟଙ୍କା, କିଛି ସୁନା ଗହଣା ଏବଂ ଗୋଟିଏ ମୋବାଇଲ ଫୋନ ଜବତ କରିଛି। ସେହିପରି ଅନ୍ୟତମ ଅଭିଯୁକ୍ତ ବାରିପଦା ମଧୁବନ ଅଞ୍ଚଳରେ ରହୁଥିବା ମହାରାଷ୍ଟ୍ରର ସଙ୍ଗଲୀ ଜିଲ୍ଲା କାମଥ ଅଞ୍ଚଳର ଆଦିକାରାଓ ବସନ୍ତ ସାରକ (୪୬) ଠାରୁ ୯୪ଗ୍ରାମ୍ ଓଜନର ଏକ ସୁନା ବିସ୍କୁଟ, ୫୮୫ ଗ୍ରାମ୍ ଓଜନର ରୁପା ଅଳଙ୍କାର, ୮୦୦ଗ୍ରାମ୍ ଓଜନର ଭଙ୍ଗା ରୁପା ଗହଣା, ନଗଦ ୧ଲକ୍ଷ ୪୫ହଜାର ଟଙ୍କା, ଗୋଟିଏ ମୋବାଇଲ ଫୋନ ଏବଂ ଗୋଟିଏ ବୈଦ୍ୟୁତିକ ଓଜନ ମାପ ଯନ୍ତ୍ର ଜବଦ କରିବାରେ ପୋଲିସ ସଫଳ ହୋଇଥିବାର ଜଣାଯାଇଛି।

## ପୂର୍ବତନ ମାଓବାଦୀଙ୍କୁ ଗୁଳି କରି ହତ୍ୟା କଲେ ମାଓବାଦୀ

**ରାଉରକେଲା, ୧୦।୧ ନ୍ୟୁଜ୍‌ବ୍ୟୁରୋ**

ପୂର୍ବତନ ମାଓବାଦୀକୁ ଗୁଳି କରି ହତ୍ୟା କରିଛି ମାଓବାଦୀ। ସୀମାନ୍ତ ଝାଡ଼ଖଣ୍ଡ ଗୋଇଲକେରା ଥାନା ଇଚ୍ଚପିଡି ଗାଁରେ ଘଟିଛି ଏଭଳି ହତ୍ୟାକାଣ୍ଡ। ପୂର୍ବତନ ମାଓବାଦୀ ନେଲସନ ଭିଙ୍ଗରା ଗତ ମେ' ମାସରେ ଗିରଫ ହୋଇ ଯାଇଥିଲା ଜେଲ୍। ଦୁଇ ମାସ ଜେଲରେ ରହିବା ପରେ ମୁକୁଳିଥିଲା ଜାମିନରେ।

ଜେଲ୍‌ରୁ ମୁକୁଳିବା ପରେ ମାଓ ସଂଗଠନରୁ ଦୂରେଇ ରହିଥିଲା। ପୋଲିସ ଇନଫର୍ମର ଭାବରେ କାମ କରୁଥିଲା। ପୋଲିସ ଇନଫର୍ମର କାମରୁ ଦୂରେଇ ରହିବା ପାଇଁ ମାଓବାଦୀ ପୂର୍ବରୁ ଚେତାବନୀ ଦେଇ ଆସୁଥିଲେ। କିନ୍ତୁ ପୋଲିସ ଇନଫର୍ମର କାମ ଚାଲୁ ରଖିବା ଯୋଗୁ ଶେଷରେ ନେଲସନ ଭିଙ୍ଗରାକୁ ଗୁଳି କରି ହତ୍ୟା କରିଛନ୍ତି ମାଓବାଦୀ। ଏହାଛଡ଼ା ପୋଲିସ ଇନ୍‌ଫର୍ମର କାର୍ଯ୍ୟରୁ ନିବୃତ୍ତ ରହିବା ଲାଗି ସଂଗଠନ ପକ୍ଷରୁ ସତର୍କ କରାଯାଇଛି।

## ଏବେ ବଜାରରେ ଉପଲବ୍ଧ...

## 'କଥାକଳିକା' ଜାନୁଆରୀ -୨୦୨୪ ସଂଖ୍ୟା




### ଏଥର ସଂଖ୍ୟାରେ...

**ସ୍ମରଣୀୟ କଥା :** ସତସତ ଲାଗୁଥିବା ମିଛ କାହାଣୀ- ଗଙ୍ଗାଧର ବିଶ୍ୱାଳ।

**ସମକାଳର କଥା :** ଉତ୍ତର ଦାୟାଦ-କାର୍ତ୍ତିକ ଚନ୍ଦ୍ର ବାରିକ, ସୁଦୃଶ୍ୟ ସୂର୍ଯ୍ୟାସ୍ତ-ବୀରେଶ୍ୱର ମହାନ୍ତି, ସମାହାର-ଶଶିଭୂଷଣ ମହାନ୍ତି, ଗୋଟେ ଛଳ ପ୍ରେମର କାହାଣୀ- ସଚ୍ଚିଦାନନ୍ଦ କର, ମୁଠାଏ ଆଶା-ଭାନୁମତୀ ସାହୁ, ପାଣ୍ଡୁର ପୃଥିବୀ- କାର୍ତ୍ତିକ ଚନ୍ଦ୍ର ସ୍ୱାଇଁ, ସୁନାମିରେ ଉଡୁଥିବା ସିନ୍ଦୁର-ଚୌଧୁରୀ ବରଦା ପ୍ରସନ୍ନ ଦାସ।

**ଅନ୍ୟ ଭାଷାର କଥା :** ଚୋର-ପୋଲିସ : ନଗେନ୍ଦ୍ର ନାଥ ପଟ୍ଟନାୟକ।

**ଯୁବ ମାନସର କଥା :** ଜୀବନ ଯମୁନାରେ-ପ୍ରଦ୍ୟୁମ୍ନ ପଟ୍ଟନାୟକ, ଏକରୋମାଞ୍ଚକର ବିବରଣୀ-ଜାକିର ଖାନ୍, ଦୃଷ୍ଟି- କିରଣ ମିଶ୍ର, ଶିଡି-ବିଦ୍ୟାଧର ଗୁରୁ।

(ଗାଳ୍ପିକମାନଙ୍କୁ ଅନୁରୋଧ ସେମାନଙ୍କର ଗଳ୍ପ ପରିଚ୍ଛନ୍ନ ଭାବେ ଡିଟିପି କରି ସଂପୂର୍ଣ୍ଣ ଠିକଣା ସହ ମେଲ୍‌ରେ ପଠାଇବାକୁ ହେବ)

| ଯୋଗାଯୋଗ କରନ୍ତୁ | ଏ ସଂଖ୍ୟାର ମୂଲ୍ୟ ୩୦ ଟଙ୍କା ମାତ୍ର । |
| --- | --- |
| ପ୍ରସାର ପରିଚାଳକ 'କଥାକଳିକା' କୋଡ୍ ନଂ - (୦୬୭୪) ୨୫୪୧୪୪୮, ୨୫୪୫୦୪୬, ଫାକ୍ସ : ୨୫୪୫୬୭୮ E-mail: kathakalika@gmail.com | 'ସମ୍ବାଦ କଳିକା'ର ସ୍ଥାନୀୟ ପ୍ରତିନିଧି/ଏଜେଣ୍ଟ/ପତ୍ରିକା ଷ୍ଟଲଙ୍କ ସହ ଯୋଗାଯୋଗ କରନ୍ତୁ । କଥା କଳିକାର ବାର୍ଷିକ ଗ୍ରାହକ ଦେୟ ଟ.୫୦୦/- (୨ଟି ବିଶେଷ ସଂଖ୍ୟା ସହ) |